



# ୧୧

# ସମୟ ଓ ଶକ୍ତି ପରିଚାଳନା

ରାଧା ଓ ସୀତା ଦୁଇ ଜଣ ସାଙ୍ଗ । ସୀତା ଘରେ ରହେ ଓ ଦିନଯାକ ଘରର କାମ କରିଥାଏ । ସେତେବେଳେ ରାଧା ଘରର କାର୍ଯ୍ୟ କରିବା ସହିତ ବାହାରେ ମଧ୍ୟ କାମ କରିଥାଏ । ତଥାପି ରାଧା ପାଖରେ ସମସ୍ତ ଘରୋଇ କାର୍ଯ୍ୟପାଇଁ ସମୟ ରହେ ଓ ସମସ୍ତ କାର୍ଯ୍ୟ କରିପାରେ ଯେତେବେଳେ ସୀତା ପାଖରେ ସମୟ କମ୍ ଥିବାର ଅନୁଭବ ହେବା ସହିତ ଅନେକ ଘରୋଇ କାର୍ଯ୍ୟ ବାକି ରହିଯାଏ । ସକାଳ ମଧ୍ୟରେ ଅତ୍ୟନ୍ତ ବ୍ୟସ୍ତ ଓ ବିବ୍ରତ ରହେ ଯେତେବେଳେ ତାର ସ୍ୱାମୀ ଅଫିସ୍ ଯିବାକୁ ଓ ପିଲା ସ୍କୁଲ୍ ଯିବାକୁ ଥାଆନ୍ତି । ଯେତେବେଳେ ସେମାନେ ଘରୁ ବାହାରି ଯାଆନ୍ତି ସେତେବେଳେ ସେ ସମ୍ପୂର୍ଣ୍ଣ ଥକି ଯାଇଥାଏ । ତୁମେ କ'ଣ ରାଧା ଓ ସୀତା ପରି ମହିଳାଙ୍କ ସମ୍ପର୍କରେ ଆସିଛ ? ଦୈନିକ କାର୍ଯ୍ୟ କରିବାରେ କମ୍ ଓ ବେଶୀ ସମୟ ମିଳିବାର କାରଣ କଣ ହୋଇପାରେ ? ଏହି ବିଷୟରେ ତୁମେ ନିମ୍ନରେ ଅଧ୍ୟୟନ କରିବ ।

**ଉଦ୍ଦେଶ୍ୟ :**

ଏହି ପାଠ ପଢ଼ି ସାରିବା ପରେ ତୁମେ ନିମ୍ନକୁ କରିବାକୁ ସକ୍ଷମ ହେବ :

- ସମୟ ଯୋଜନା ଶବ୍ଦର ସଂଜ୍ଞା ଓ ଏହାର ମହତ୍ତ୍ୱ ବର୍ଣ୍ଣନା କର ।
- ସମୟ ଯୋଜନା ପ୍ରସ୍ତୁତ କରିବା;
- କାର୍ଯ୍ୟ ଓ କାର୍ଯ୍ୟ ସଂଗଠନ ଶବ୍ଦର ସଂଜ୍ଞା;
- କାର୍ଯ୍ୟକୁ ଭାରି, ମଧ୍ୟମ ଓ ହାଲକା ଭାବରେ ବର୍ଗୀକରଣ;
- ଶକ୍ତି ପରିଚାଳନାର ମହତ୍ତ୍ୱ ଲେଖ;
- କ୍ଳାନ୍ତିର ପରିଭାଷା ଓ କ୍ଳାନ୍ତିର ପ୍ରକାରର ସୂଚୀ କରିବା;
- କ୍ଳାନ୍ତିରୁ ବଞ୍ଚିବା ବା ଦୂର କରିବାର ଉପାୟ ବିଷୟରେ ପରାମର୍ଶ;
- କାର୍ଯ୍ୟ ସରଳୀକରଣର ବିଭିନ୍ନ ଉପାୟର ସୂଚୀକରଣ ।

ପେଟିକା-୩

ସାଧନ ପରିଚାଳନା



ଟିପ୍ପଣୀ

**୧୧.୧ ସମୟ ଓ ଶକ୍ତି ପରିଚାଳନର ଅର୍ଥ**

ଯଦି ତୁମେ ପ୍ରତ୍ୟେକ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସମର୍ଥ ହୁଅ ଓ ଏଇଥିପାଇଁ ଖୁବ୍ କମ ଶକ୍ତି ଖର୍ଚ୍ଚକର, ତେବେ ପ୍ରକୃତରେ ତୁମେ ସମୟ ଓ ଶକ୍ତିର ଉପଯୁକ୍ତ ପରିଚାଳନା କରିପାରିଛ । ଅନ୍ୟ ଭାବରେ ତୁମେ କହିପାରିବ ଯେ :

> "ଉପଲବ୍ଧ ସମୟ ଓ ଶକ୍ତିର ସର୍ବୋତ୍ତମ ପ୍ରୟୋଗକୁ **ସମୟ ଓ ଶକ୍ତି ପରିଚାଳନା** କୁହାଯାଇଥାଏ ।"

**୧୧.୨ ସମୟ ଯୋଜନା**

ସମୟ ଓ ଶକ୍ତିର ଉଚିତ୍ ପରିଚାଳନା ପାଇଁ ଏକ ଅଭ୍ୟାସ କରିବା ଆବଶ୍ୟକ ହୋଇଥାଏ । ସମୟ ଯୋଜନ କ'ଣ ?

> ବିଭିନ୍ନ କାର୍ଯ୍ୟକୁ ଏକ ନିର୍ଦ୍ଧାରିତ ସମୟରେ ଅଗ୍ରୀମ ଯୋଜନା ହିଁ **ସମୟ ଯୋଜନା ।**

ସମୟ ଯୋଜନା ଆଂଶିକ ବା ପୁରା ଦିନ ପାଇଁ, ଏକ ସପ୍ତାହ, ୧୫ଦିନ ପାଇଁ, ଏକ ମାସ ବା ଏକ ବର୍ଷ ପାଇଁ ହୋଇପାରେ । ଖୁବ୍ କମ୍ ସମୟ ପାଇଁ ଯୋଜନାକୁ ଲେଖିବା ଆବଶ୍ୟକ ହୁଏ ନାହିଁ ଏହା ମନେ ରହିଯାଏ । ଯେତେବେଳେ ଗୋଟିଏ ଯୋଜନା ଖୁବ୍ ଲମ୍ବା ସମୟ ପାଇଁ କରାଯାଏ ତାହା ଲେଖିବା ଆବଶ୍ୟକ ହୁଏ ।

**୧୧.୨.୧ ସମୟ ଯୋଜନାର କାରଣ**

ତୁମେ ଯୋଜନା କିପରି କରିପାରିବ ? ଏହାର ବିଭିନ୍ନ କାରଣ :

୧. ନିର୍ଦ୍ଧାରିତ ସମୟରେ ହେଉଥିବା ସମସ୍ତ କାର୍ଯ୍ୟର ସୂଚୀ କର । ଉଦାହରଣ ସ୍ୱରୂପ ଏକ କାର୍ଯ୍ୟକରୁଥିବା ମହିଳା, ସକାଳ ସମୟରେ ସକାଳ ଜଳଖିଆ, ଟିଫିନ୍ ଓ ମଧ୍ୟାହ୍ନ ଭୋଜନ କରେ, ପିଲାଙ୍କୁ ସ୍କୁଲ୍ ପାଇଁ ପ୍ରସ୍ତୁତ କରେ ଓ ନିଜେ କାର୍ଯ୍ୟକୁ ଯିବାକୁ ପ୍ରସ୍ତୁତ ହେବା ଆଦି ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ କରିବାକୁ ହୋଇଥାଏ ।

୨. ନିର୍ଦ୍ଧାରିତ ସମୟରେ ହେବାକୁ ଥିବା କାର୍ଯ୍ୟକୁ ରେଖାଙ୍କିତ କର । ଯେମିତି ଉପୋରୋକ୍ତ ଉଦାହରଣରେ ପିଲାଙ୍କୁ ବସ୍ ପଥରେ ଛାଡ଼ିବା ଓ ନିଜେ ସମୟରେ ଅଫିସ୍ ପହଞ୍ଚିବା ଆଦି

୩. ବିଭିନ୍ନ କାର୍ଯ୍ୟକୁ ସଂପୂର୍ଣ୍ଣ କରିବା ପାଇଁ ସମୟର ଅନୁମାନ କର । ଉଦାହରଣ ସ୍ୱରୂପ ରୋଷେଇ ୪୫ମିନିଟ୍, ପ୍ରସ୍ତୁତ ହେବାକୁ ୨୦ମିନିଟ୍ ଆଦି ।

୪. ସମସ୍ତ କାର୍ଯ୍ୟକୁ କ୍ରମାନ୍ୱୟରେ ବ୍ୟବସ୍ଥିତ କରିବା । ଯେମିତି ପ୍ରଥମେ ରୋଷେଇ, ଟିଫିନ୍ ପ୍ୟାକ୍ କରିବା, ପୁଣି ପିଲାଙ୍କୁ ପ୍ରସ୍ତୁତ କରିବା ଓ ଶେଷରେ ନିଜେ ପ୍ରସ୍ତୁତ ହେବା ।

୫. ପରିବାରର ଅନ୍ୟ ସଦସ୍ୟଙ୍କ କାର୍ଯ୍ୟକ୍ରମକୁ ଧ୍ୟାନଦେଇ ଯଦି ଦରକାର ଥାଏ ସମନ୍ୱୟ ରକ୍ଷାକରିବା । ଉଦାହରଣ ସ୍ୱରୂପ ଯଦି ମା' ଖାଦ୍ୟ ପ୍ରସ୍ତୁତ କରୁଥିବେ ସେହି ସମୟରେ ପିତା ପିଲାଙ୍କୁ ସ୍କୁଲ୍ ପାଇଁ ପ୍ରସ୍ତୁତ କରିପାରିବେ, କିନ୍ତୁ ପିତାଙ୍କୁ ଯଦି ସେହି ସମୟରେ ଯିବାକୁ ଥାଏ ତେବେ ମା'ଙ୍କୁ ପିଲାଙ୍କୁ ପ୍ରସ୍ତୁତ କରିବାକୁ ପଡ଼ିବ, ପତିଙ୍କ ବିନା ସାହାଯ୍ୟରେ । ଠିକ୍ ଏହିପରି, ଯଦି କୌଣସି ଦିନ ମା'ଙ୍କୁ କାର୍ଯ୍ୟସ୍ଥଳୀକୁ ଶୀଘ୍ର ଯିବାକୁ ହୁଏ ତେବେ ଅନ୍ୟ ସଦସ୍ୟଙ୍କୁ ତାଙ୍କ ସାଙ୍ଗରେ ସମନ୍ୱୟ କରିବାକୁ ହେବ ।

୬. କାର୍ଯ୍ୟକଳାପକୁ କ୍ରମାନ୍ୱୟ ରଖିବା ସମୟରେ, ପ୍ରଥମେ ଏକାପ୍ରକାର ଉପକରଣ ଓ ଏକ କାର୍ଯ୍ୟକ୍ଷେତ୍ର ହେବାକୁ ଥିବା କାର୍ଯ୍ୟର ସୂଚୀ ଏକା ସାଙ୍ଗରେ କରିବା ଉଚିତ୍ । ଉଦାହରଣ ସ୍ୱରୂପ ସକାଳ ସମୟରେ ଜଳଖିଆ ଓ ମଧ୍ୟାହ୍ନ ଭୋଜନ ଏକା ସାଙ୍ଗରେ ଏକ ସମୟରେ ଓ ଏକ ସ୍ଥାନରେ କରାଯାଇପାରିବ ।

୭. ସମସ୍ତ ଚରଣକୁ ପାଳନ କଲାପରେ, ଅନ୍ତିମ ଯୋଜନା ଲେଖ । ଏହିପରି ଲିଖିତ ହୋଇଥିବା ଯୋଜନା, ବ୍ୟବହାରିକ, ପରିବର୍ତ୍ତନୀୟ ଓ ବାସ୍ତବ ହୋଇପାରିବ ।

– ବାସ୍ତବ ଯୋଜନା ସବୁ ସମୟରେ ଠିକ୍ ହୋଇଥାଏ । ସବୁ ସମୟରେ ୩୦ମିନିଟ୍‌ରେ ଶେଷ ହେଉଥିବା କାର୍ଯ୍ୟପାଇଁ ୩୫ମିନିଟ୍ ରଖିବା ଠିକ୍ ହେବ । କମ୍ ସମୟ ରଖିବା ଦ୍ୱାରା କାର୍ଯ୍ୟ ନ ଶେଷ ହେଲେ ତୁମେ ବିବ୍ରତ ହୋଇପାର ।

ଏହା ଏକ ଛୋଟ ସମୟ ଯୋଜନାର ବିଭିନ୍ନ ଚରଣ ଯେମିତି ସକାଳ ବା ମଧ୍ୟାହ୍ନ ସନ୍ଧ୍ୟାର ଯୋଜନା । ପୁରାଦିନ ବା ପୁରା ସପ୍ତାହର ଯୋଜନା ପାଇଁ ଏହି ଚରଣ ଅନୁକରଣୀୟ । ଯଦି ଯୋଜନା ଦୀର୍ଘ ସମୟ ପାଇଁ କରାଯାଏ, ଏଥିରେ ବିଶ୍ରାମ ଓ ମନୋରଂଜନ ପାଇଁ ସୁବିଧା ରହିବା ଆବଶ୍ୟକ ।

ଏହିପରି, ଯଦି ତୁମେ ଭାବିଥିବ କି କାମକୁ ଯିବା ପୂର୍ବରୁ ସକାଳେ ହିଁ ଘର ପରିଷ୍କାର କରିଦେବ କୌଣସି କାରଣରୁ ତୁମ ପାଖରେ ପରିଷ୍କାର କରିବାକୁ ସମୟ ବଞ୍ଚିଲା ନାହିଁ, ଏହାକୁ ମଧ୍ୟାହ୍ନ ପାଇଁ ଛାଡ଼ି ଦିଅ । ଅଫିସ୍‌ରୁ ଫେରି ଏହି କାମ କରିନିଅ । ନିଜକୁ ଏଥିପାଇଁ ଦୋଷୀ ମନେ ନକର ।

**ସର୍ବାଧିକ କାର୍ଯ୍ୟର ସମୟ**

ସମସ୍ତ ପରିବାରରେ କେବେ କେବେ ଏମିତି ସମୟ ଆସିଥାଏ ଯେବେ ଖୁବ୍ କମ୍ ସମୟରେ ଅନେକ କାମ କରିବାକୁ ହୋଇଥାଏ । ଏହାକୁ "ସର୍ବାଧିକ କାର୍ଯ୍ୟ ସମୟ" କୁହାଯାଏ । ଆସ ଉଦାହରଣକୁ ଦେଖିବା, ଅଫିସ୍ ଯିବା ମହିଳା ସକାଳ ସମୟରେ ବ୍ୟସ୍ତ ରହିଥାଏ । ତାଙ୍କୁ ସକାଳ ଜଳଖିଆ, ଟିଫିନ୍, ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରି ଓ ନିଜେ ପ୍ରସ୍ତୁତ ହୋଇ ଅଫିସ୍ ଯିବାକୁ ହୋଇଥାଏ । ଏହା ସର୍ବାଧିକ ଭାରର ସମୟ ହୋଇଥାଏ କାରଣ ସମସ୍ତ କାର୍ଯ୍ୟ ଏକ ସୀମିତ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କରିବାକୁ ହୋଇଥାଏ । ଏହି ସମାନ କାର୍ଯ୍ୟ ବା ଅଧିକ କାର୍ଯ୍ୟ ଯଦି ଛୁଟି ଦିନରେ କରାଯାଏ ତେବେ ଚାପ ବା ବ୍ୟସ୍ତତା ପ୍ରଦାନ କରିନଥାଏ କାରଣ ସମୟର ନିୟନ୍ତ୍ରଣ ନ ଥାଏ ।

ସମୟ ଯୋଜନା କରିବା ସମୟରେ ସର୍ବାଧିକ ଭାର ଉପରେ ବିଶେଷ ଧ୍ୟାନ ଦେବା ଆବଶ୍ୟକ । କାର୍ଯ୍ୟଭାର କମ୍ କରିବା ପାଇଁ ତୁମେ ନିମ୍ନଲିଖିତ ଆଦୃତ କରି ଦେଖିପାର :

- ପରିବାରର ସମସ୍ତ ସଦସ୍ୟ ଘରର ମହିଳାମାନଙ୍କୁ ସାହାଯ୍ୟ କରି ଚାପକୁ କମ୍ କରିବା ଉଚିତ୍ । ଏଥିପାଇଁ କାହାର ସାହାଯ୍ୟ ମଧ୍ୟ ନିଆଯିବା ଆବଶ୍ୟକ ।
- କାର୍ଯ୍ୟ ସରଳୀକରଣର ସମସ୍ତ ସିଦ୍ଧାନ୍ତକୁ ପାଳନ କରିବା ଆବଶ୍ୟକ । କାର୍ଯ୍ୟ ସରଳୀକରଣର ବିବରଣୀ ଖଣ୍ଡ ୧୨.୧୧ ଅଧ୍ୟାୟରେ ଦିଆଯାଇଛି ।

**ତାଲିକା ୧୨.୧ ଅଧିକ କାର୍ଯ୍ୟ ଭାର ସମୟ ପରିଚାଳନା**

**ସମୟ ଯୋଜନାର ଏକ ନମୂନା**

(କାର୍ଯ୍ୟ କରୁଥିବା ମହିଳାଙ୍କ ପାଇଁ ସକାଳର ସମୟ ଯୋଜନା)

| ସମୟ | କାର୍ଯ୍ୟକଳାପ |
|---|---|
| ୫.୩୦ – ୫.୪୫ ପ୍ରାତଃ | ଉଠିବା, ଶୌଚ ଆଦି ନିୟମିତ କାର୍ଯ୍ୟ, ଦାନ୍ତ ଘସିବା |
| ୫.୪୫ – ୬.୦୦ ପ୍ରାତଃ | ସକାଳ ଚା' |
| ୬.୦୦ – ୭.୦୦ ପ୍ରାତଃ | ସକାଳ ଜଳଖିଆ, ଟିଫିନ୍ ଓ ମଧ୍ୟାହ୍ନ ଭୋଜନ |

ପେଟିକା-୩

ସାଧନ ପରିଚାଳନା



ଟିପ୍ପଣୀ

ପେଟିକା-୩

ସାଧନ ପରିଚାଳନା



ଟିପ୍ପଣୀ

| ସମୟ | କାର୍ଯ୍ୟକଳାପ |
|---|---|
| ୭.୦୦ - ୭.୩୦ ପ୍ରାତଃ | ପିଲାଙ୍କୁ ସ୍କୁଲ୍ ପାଇଁ ପ୍ରସ୍ତୁତ କରିବା |
| ୭.୩୦ - ୮.୦୦ ପ୍ରାତଃ | ଅଫିସ୍ ଯିବାପାଇଁ ପ୍ରସ୍ତୁତି |
| ୮.୦୦ - ୮.୧୫ ପ୍ରାତଃ | ସକାଳ ଜଳଖିଆ ଖାଇବା |
| ୮.୧୫ - ୮.୩୦ ପ୍ରାତଃ | ଘର ବନ୍ଦ କରି କାମକୁ ଯିବା |

ତୁମେ ପ୍ରଥମେ ସକାଳ ଜଳଖିଆ ନେଇସାରି ପରେ ପିଲାଙ୍କୁ ସ୍କୁଲ୍ ପାଇଁ ପ୍ରସ୍ତୁତ କରିପାରିବ । ଏହାପରେ ତୁମେ ନିଜେ ଅଫିସ୍ ପାଇଁ ପ୍ରସ୍ତୁତ ହୋଇପାରିବ । ଏହା ତୁମ ଯୋଜନାର ପରିବର୍ତ୍ତନୀୟ ଗୁଣବତ୍ତା ।
ଏହିପରି ତୁମେ ତୁମପାଇଁ ପୁରାଦିନର ସମୟ ଯୋଜନା ପ୍ରସ୍ତୁତ କରିପାରିବ ।

**ପାଠଗତ ପ୍ରଶ୍ନ ୧୧.୧**

୧. ନିମ୍ନ ଉକ୍ତି ଠିକ୍ ବା ଭୁଲ୍ ଦର୍ଶାଅ । ପ୍ରତ୍ୟେକ ଉକ୍ତିରେ 'ଠି' ବା 'ଭୁ' ଲେଖିବ ।

(କ) ଆମର ସମସ୍ତ କାର୍ଯ୍ୟ ସମୟରେ ସମାପ୍ତ କରିବା ପାଇଁ ଏହା ଆବଶ୍ୟକ ଯେ ବ୍ୟକ୍ତି ସାରାଦିନ କାର୍ଯ୍ୟ କରିବା ଉଚିତ୍ ।

(ଖ) ସମସ୍ତ ପ୍ରକାର କାର୍ଯ୍ୟର ଜ୍ଞାନ ସମୟ ଯୋଜନା ତିଆରି କରିବାରେ ସହାୟକ ହୋଇଥାଏ ।

(ଗ) ସମୟ ଯୋଜନା ବର୍ତ୍ତମାନ ପାଇଁ କରାଯିବା ଉଚିତ୍ ।

(ଘ) ସମୟ ଯୋଜନା ବାସ୍ତବିକ ତଥା ବ୍ୟବହାରିକ ହେବା ଉଚିତ୍ ।

(ଙ) କାର୍ଯ୍ୟ, ଆରାମ୍ ତଥା ମନୋରଂଜନ ସମସ୍ତ କାର୍ଯ୍ୟପାଇଁ ସମୟ ଦେବା ପାଇଁ ସମୟ ଯୋଜନା ତିଆରି କରାଯାଏ ।

---

***କାର୍ଯ୍ୟକଳାପ ୧୧.୧ :*** ଏକ ନିର୍ଦ୍ଦିଷ୍ଟ ଦିନର ସମୟ ଯୋଜନା ତୁମପାଇଁ ପ୍ରସ୍ତୁତ କର । ଏହା ମାନିକରି ଯେ ତୁମେ ଘରେ ସ୍ୱରୋଜଗାର କରୁଛି ।

**୧୧.୩ କାର୍ଯ୍ୟ ସଂଗଠନ :**

ପାଠର ଆରମ୍ଭରେ ଦିଆଯାଇଥିବା ଉଦାହରଣରେ ରାଧା ଠିକ୍ ସମୟରେ ତାର ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିପାରିଥାଏ । ତୁମେ ଅନୁମାନ କରିପାରୁଛ କି ରାଧା ଓ ତା ପରି ଅନ୍ୟ ମହିଳାମାନେ ନିଜର କାର୍ଯ୍ୟ କିପରି ସମୟରେ ସମ୍ପୂର୍ଣ୍ଣ କରିଥାଆନ୍ତି ? ହଁ ତୁମେ ଠିକ୍ ଧରିଛ, ଏମିତି ମହିଳାମାନେ କାର୍ଯ୍ୟ କରିବାର ଏକ କୁଶଳ ଉପାୟ ସୃଷ୍ଟି କରିଥାନ୍ତି । ତୁମେ ଏହି ମହିଳାମାନଙ୍କ କାର୍ଯ୍ୟଶୈଳୀକୁ ପର୍ଯ୍ୟବେକ୍ଷଣ କଲେ ଜାଣିପାରିବ ଯେ ଏହି ମହିଳାମାନେ ତାଙ୍କ କାର୍ଯ୍ୟକୁ ଠିକ୍ ଭାବରେ ନିୟୋଜିତ ଓ ସଂଗଠିତ କରିଥାଆନ୍ତି । ଏମାନେ ତାଙ୍କର ଜିନିଷ ପତ୍ର ଯଥାସ୍ଥାନରେ ରଖନ୍ତି ଓ ତାଙ୍କୁ ଉପଲବ୍ଧ ସମୟ ଅନୁଯାୟୀ ବହୁତ ଆଗରୁ ଯୋଜନା କରିଥାଆନ୍ତି ।

ଅନ୍ୟ ପକ୍ଷରେ ସୀତା ପରି ମହିଳା ନିଜର କାର୍ଯ୍ୟକୁ ସୁନିୟୋଜିତ ଓ ବ୍ୟବସ୍ଥିତ ଢ଼ଙ୍ଗରେ କରିନଥାଏ । ପରିଣାମ ସ୍ୱରୂପ ସେ ତାଙ୍କର ସମୟ ଅବ୍ୟବସ୍ଥିତ ଓ ଜିନିଷ ଖୋଜିବାରେ ନଷ୍ଟ କରିଥାଆନ୍ତି ଓ କ୍ଳାନ୍ତି ମଧ୍ୟ ଅନୁଭବ କରିଥାଆନ୍ତି । ଯଦି ପିଲାଙ୍କ ସ୍କୁଲ୍ ବ୍ୟାଗ୍ ଓ ପୋଷାକକୁ ରାତ୍ରୀରୁ ଇସ୍ତ୍ରୀ କରି ରଖିଦିଅନ୍ତି ତେବେ ସକାଳେ ସୀତାକୁ ଅନ୍ୟ କାର୍ଯ୍ୟକରିବା ପାଇଁ ଅଧିକ ସମୟ ମିଳିବ ଓ ସବୁ କାମ ସୁବିଧାରେ ସମ୍ପୂର୍ଣ୍ଣ ହୋଇପାରିବ ।

ଏଥି ସହିତ, ୟୁନିଫର୍ମ, ଜୋତା, ମୋଜା, ବ୍ୟାଗ୍, ପାଣି ବୋତଲକୁ ରାତ୍ରିରେ ଗୋଟିଏ ସ୍ଥାନରେ ରଖିଦିଅ । ତେବେ ପିଲାଙ୍କୁ ପ୍ରସ୍ତୁତ ହେବାରେ କୌଣସି ଅସୁବିଧା ହେବନାହିଁ । ଯଦି ତାଙ୍କ ପତିଙ୍କୁ ପିଲାମାନଙ୍କୁ ପ୍ରସ୍ତୁତ କରିବାକୁ ପଡ଼େ ତେବେ ସେ ସମସ୍ତ ଜିନିଷ ଗୋଟିଏ ଜାଗାରେ ପାଇପାରିବେ ।

ତୁମେ “କାର୍ଯ୍ୟ ସଂଗଠନ”ର ସଂଜ୍ଞା ବର୍ତ୍ତମାନ ଦେଇପାରିବ କି ?

> ସ୍ଥିର ସମୟ, କମରୁ କମ୍ ଶକ୍ତି ବ୍ୟବହାର କରି ସୁନିୟୋଜିତ ଭାବରେ କ୍ରମାନ୍ୱୟରେ କରାଯିବା କାର୍ଯ୍ୟକୁ କାର୍ଯ୍ୟ ସଂଗଠନ କୁହାଯାଏ ।

ତୁମେ ଏହାକୁ କିପରି କରିବ ? ଆସ ଏହାକୁ ବୁଝିବା ପାଇଁ ଏହା ବିଷୟରେ, ଏହାର କ୍ରମ ଓ ସରଳୀକରଣ ବିଷୟରେ ଅଧିକ ଜାଣିବା ।

### ୧୧.୩.୧ କାର୍ଯ୍ୟର ପ୍ରକାର

ସମସ୍ତ କାର୍ଯ୍ୟକଳାପ ପାଇଁ ସମୟ ଓ ଶକ୍ତିର ଆବଶ୍ୟକତା ହୋଇଥାଏ । କିଛି କାର୍ଯ୍ୟପାଇଁ କମ୍ ଶକ୍ତି ଆବଶ୍ୟକ ହୋଇଥିବାବେଳେ ଆଉ କିଛି କାର୍ଯ୍ୟପାଇଁ ଅଧିକ ଶକ୍ତି ଆବଶ୍ୟକ ହୋଇଥାଏ । ଯେଉଁ କାର୍ଯ୍ୟ କରିବାପାଇଁ ଅଧିକ ଶକ୍ତି ଲାଗିଥାଏ, ଏହାକୁ କରିବାରେ ତୁମେ ଥକି ଯାଇଥାଅ । କାର୍ଯ୍ୟରେ ଲାଗୁଥିବା ଶକ୍ତି ହିସାବରେ କାର୍ଯ୍ୟକୁ ହାଲକା, ମଧ୍ୟମ ଓ ଭାରି କାର୍ଯ୍ୟରେ ଶ୍ରେଣୀ ବିଭାଜ କରାଯାଇଛି । ହାଲକା କାର୍ଯ୍ୟ କରିବା ପାଇଁ କମ୍‌ରୁ କମ୍ ଓ ଭାରୀ କାର୍ଯ୍ୟ କରିବାପାଇଁ ସର୍ବାଧିକ ଶକ୍ତି ଲାଗିଥାଏ ।

କାର୍ଯ୍ୟର ପ୍ରକାର

**ହାଲୁକା କାର୍ଯ୍ୟ**
(କମ୍‌ରୁ କମ୍ ଶକ୍ତି ବ୍ୟବହୃତ ହୁଏ)
- ପରିବା କାଟିବା
- ଝାଡ଼ିବା
- ଲେଖିବା
- ପଢ଼ିବା
- ବୁଣିବା

**ମଧ୍ୟମ କାର୍ଯ୍ୟ**
(ସାଧାରର ଶକ୍ତି ବ୍ୟବହୃତ ହୁଏ)
- ଝାଡୁ କରିବା
- ରୋଷେଇ କରିବା
- ବାସନ ମାଜିବା
- ଅର୍ଦ୍ଧ ସ୍ୱୟଂଚାଳିତ ଓ୍ୱାସିଙ୍ଗ୍ ମେସିନ୍‌ରେ କପଡ଼ା ଧୋଇବା

**ଭାରୀ କାର୍ଯ୍ୟ**
(ସର୍ବାଧିକ ଶକ୍ତି ବ୍ୟବହୃତ ହୁଏ)
- ଘର ପୋଛିବା
- ଲୁଗାସଫା କରିବା
- ଦୌଡ଼ିବା
- ସିଡ଼ି ଚଢ଼ିବା



ଚିତ୍ର ୧୧.୧ ହାଲକା କାର୍ଯ୍ୟ



ଚିତ୍ର ୧୧.୨ ମଧ୍ୟମ କାର୍ଯ୍ୟ



ଚିତ୍ର ୧୧.୩ ଭାରୀ କାର୍ଯ୍ୟ

ତୁମେ ଏହି ସୂଚୀକୁ ନିଜର କରୁଥିବା କାର୍ଯ୍ୟକୁ ଦେଖି ବୃଦ୍ଧି କରିପାରିବ ।

ପେଟିକା-୩

ସାଧନ ପରିଚାଳନା



ଟିପ୍ପଣୀ

ପେଟିକା-୩

ସାଧନ ପରିଚାଳନା

ଟିପ୍ପଣୀ

ତୁମେ ଦୈନିକ ଗତିବିଧିର ପ୍ରକୃତିକୁ ବୁଝି, ସମସ୍ତ କାର୍ଯ୍ୟକୁ ଗୋଟିଏ ପରେ ଗୋଟିଏ ଯେମିତି ଗୋଟିଏ ଭାରୀ କାର୍ଯ୍ୟପରେ ଗୋଟିଏ ହାଲକା, ତା'ପରେ ଆଉ ଗୋଟିଏ ମଧ୍ୟମ କାର୍ଯ୍ୟ ବଦଳେଇ ବଦଳେଇ କରିବା ଉଚିତ୍ । ଏହାଦ୍ୱାରା ତୁମକୁ କମ୍ ଥକ୍କା ହେବ ଓ କାର୍ଯ୍ୟ କୁଶଳତା ବୃଦ୍ଧି ପାଇବ । ମନେରଖ, ନିର୍ଦ୍ଧାରିତ ସମୟ ମଧ୍ୟରେ, କମ୍‌ରୁ କମ୍ ଶକ୍ତି ବ୍ୟୟ କରି କରାଯାଉଥିବା କାର୍ଯ୍ୟ ହିଁ କାର୍ଯ୍ୟ କୁଶଳତା ।

**ପାଠଗତ ପ୍ରଶ୍ନ ୧୧.୨**

୧. ଶୂନ୍ୟସ୍ଥାନ ପୂରଣ କର ।

(କ) ସମୟ ସଂଚୟ କରିବା ସହିତ ତୁମେ ____ ସଂଚୟ କରିପାରିବ ।

(ଖ) କାର୍ଯ୍ୟ ସଂଗଠନ ଦ୍ୱାରା ତୁମେ କେବଳ ସମୟ ଓ ଶକ୍ତି ବଞ୍ଚାଇ ନ ଥାଅ ବରଂ ____ କମ୍ କରିଥାଅ ।

(ଗ) ହାଲୁକା କାର୍ଯ୍ୟ ପାଇଁ ମଧ୍ୟମ କାର୍ଯ୍ୟ ଅପେକ୍ଷା ____ ଶକ୍ତି ଲାଗିଥାଏ ।

(ଘ) ____ କାର୍ଯ୍ୟ କରିବାକୁ ସର୍ବାଧିକ ଶକ୍ତି ଲାଗିଥାଏ ।

୨. ନିମ୍ନଲିଖିତକୁ ହାଲକା, ମଧ୍ୟମ ଓ ଭାରୀ କାର୍ଯ୍ୟରେ ବର୍ଗୀକୃତ କର ।

(କ) ବଗିଚା କାମ କରିବା (ଖ) ଜୋର୍‌ରେ ଚାଲିବା (ଗ) ଚେସ୍ ଖେଳିବା

(ଘ) ମାଟି ଖୋଳିବା (ଙ) ଚଟାଣ ପୋଛିବା (ଚ) ରଙ୍ଗୋଲି କରିବା

(ଛ) କବାଟ ରଂଗ କରିବା (ଜ) ସିଲାଇ କରିବା

(ଝ) ପଢ଼ିବା (ଞ) ହକି ଖେଳିବା

---

**୧୧.୩.୨ କାର୍ଯ୍ୟ ସରଳୀକରଣ**

ତୁମେ ଦେଖିଲ ଯେ କୌଣସି କାର୍ଯ୍ୟ କରିବା ପାଇଁ ଶକ୍ତିର ଆବଶ୍ୟକ ହୋଇଥାଏ । ବିଭିନ୍ନ ପ୍ରକାର କାର୍ଯ୍ୟପାଇଁ ବିଭିନ୍ନ ମାତ୍ରାର ଶକ୍ତି ଆବଶ୍ୟକ ହୋଇଥାଏ । ତୁମେ ଏହା ମଧ୍ୟ ଜାଣିଛ ଯେ କୌଣସି କାର୍ଯ୍ୟ କରିବା ପାଇଁ ଲାଗୁଥିବା ସମୟ ଓ ଏଥିରେ ଲାଗୁଥିବା ଶକ୍ତି ସହିତ ସମ୍ବନ୍ଧୀତ । ଉଦାହରଣ ସ୍ୱରୂପ ଯଦି କୌଣସି କାର୍ଯ୍ୟ କରିବାକୁ ବହୁତ ସମୟ ଲାଗେ ତେବେ ଅଧିକ ଶକ୍ତି ମଧ୍ୟ ଆବଶ୍ୟକ ହୋଇଥାଏ । ଯଦି କାର୍ଯ୍ୟ ହାଲକା ଓ ଶକ୍ତି କମ୍ ଓ ଯଦି କାର୍ଯ୍ୟ ଭାରୀ ତେବେ ଶକ୍ତି ଅଧିକ ଖର୍ଚ୍ଚ ହୋଇଥାଏ । ଏହିପରି, ଯଦି କାର୍ଯ୍ୟଭାରୀ ଓ ତୁମେ ସେହି କାର୍ଯ୍ୟକୁ କମ୍ ସମୟରେ ସଂପୂର୍ଣ୍ଣ କର ତେବେ ଶକ୍ତି କମ୍ ଲାଗିଥାଏ ଏବଂ ଯଦି ଏହି କାର୍ଯ୍ୟ କରିବାକୁ ତୁମକୁ ଅଧିକ ସମୟ ଲାଗିଥାଏ ତେବେ ଶକ୍ତି ଅଧିକ ଲାଗିଥାଏ । ଚିତ୍ର ୧୨.୨ରେ କାର୍ଯ୍ୟର ପ୍ରକାର, ସମୟ ଓ ଶକ୍ତି ମଧ୍ୟରେ ସମ୍ବନ୍ଧ ଦର୍ଶାଇଥାଏ ।



ଏହିପରି ତୁମେ କୌଣସି କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ କମ୍ ଶକ୍ତି ବ୍ୟୟ କରିପାରିବ ।

(କ) ସମୟ କମ୍ ଖର୍ଚ୍ଚ କରିବା

(ଖ) କାର୍ଯ୍ୟକୁ ସରଳୀକରଣ କରିବା

ପ୍ରକୃତରେ ତୁମେ ଯଦି କାର୍ଯ୍ୟକୁ ସରଳ କରିପାରିବ, ତେବେ ଆପେ ଆପେ କମ୍ ସମୟ ଖର୍ଚ୍ଚ ହୋଇଥାଏ । ଉଦାହରଣ ସ୍ୱରୂପ ପରିବାକୁ ଗ୍ରେଟ୍ କରିବା ପାଇଁ ଗ୍ରେଟ୍‌ର ସାହାଯ୍ୟ ନେଇପାରିବ କିମ୍ବା ଫୁଡ୍ ପ୍ରୋସେସର୍‌ର ଉପଯୋଗ କରି ସମୟ ଓ ଶକ୍ତି ଉଭୟକୁ ସଂଚୟ କରିପାରିବ । ଏହିପରି କପଡ଼ା ଧୋଇବା ପୂର୍ବରୁ ସମସ୍ତ ଆବଶ୍ୟକ ଜିନିଷକୁ ସଂଗ୍ରହ କରିନେଲେ ତୁମେ ନିଶ୍ଚିତ ଭାବରେ ସମୟ ଓ ଶକ୍ତି ଉଭୟର ସଂଚୟ କରିପାରିବ । ଏହିପରି ଦୁଇଟି ଉଦାହରଣରେ ତୁମେ ସମୟର ସଂଚୟ କାର୍ଯ୍ୟ ସରଳ କରିଥାଅ । ଏବେ ତୁମେ କାର୍ଯ୍ୟ ସରଳୀକରଣର ସଂଜ୍ଞା ନିଜ ଭାଷାରେ କରିପାରିବ କି ?

| |
|---|
| କାର୍ଯ୍ୟ ସରଳୀକରଣ ଏକ ପଦ୍ଧତି ଯାହା ସମୟ, ଶକ୍ତି ସଞ୍ଚୟ କରିଥାଏ, କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସରଳ ପଦ୍ଧତି ଓ ଶକ୍ତି ସଞ୍ଚୟକାରୀ ଉପକରଣ ବ୍ୟବହୃତ ହୋଇଥାଏ । |

ପେଟିକା-୩

ସାଧନ ପରିଚାଳନା



ଟିପ୍ପଣୀ

କାର୍ଯ୍ୟ ସରଳୀକରଣ ଅପେକ୍ଷା କାର୍ଯ୍ୟ ସଂଗଠନ ବ୍ୟାପକ ଅଟେ । ଏଠାରେ ତୁମେ ତୁମର କାର୍ଯ୍ୟକଳାପକୁ ପୂର୍ବରୁ ଯୋଜନା କରିସାରିଛ । ତୁମେ ଜାଣିଛ ଯଦି ପୂର୍ବରୁ ଯୋଜନା ହୋଇଥାଏ ତେବେ ପ୍ରକୃତ କାର୍ଯ୍ୟ କରିବା ସମୟରେ ତୁମେ ସମୟ ସଂଚୟ କରିପାରିବ । ଯୋଜନା ଓ ସଂଗଠନ କରିବା ପୂର୍ବରୁ ତୁମକୁ କାର୍ଯ୍ୟ ସରଳୀକରଣ ଉପାୟ ଓ ଉପକରଣ ବାବଦରେ ଭାବିବାକୁ ହେବ ।

ଉଦାହରଣ ସ୍ୱରୂପ, ତୁମେ ତୁମର ଜନ୍ମଦିନରେ ପାର୍ଟି ଦେବାକୁ ନିର୍ଣ୍ଣୟ କଲ, ପ୍ରଥମେ ତୁମକୁ ଯୋଜନା କରିବାକୁ ପଡ଼ିବ କି କି ପ୍ରକାର ଜିନିଷର ଆବଶ୍ୟକତା ଅଛି ଓ କିପରି ଏହା କରାଯାଇପାରିବ । ଏହାକୁ କାର୍ଯ୍ୟ ସଂଗଠନ କୁହାଯାଏ । ପାର୍ଟି ପାଇଁ କାର୍ଯ୍ୟ କରିବା ସମୟରେ ତୁମେ ସମୟ ଓ ଶକ୍ତି ସଂଚୟର ଉପାୟ ଗହଣ କରିବାକୁ ପଡ଼ିବ । ଉଦାହରଣ ସ୍ୱରୂପ ମସଲା ବାଟିବା ପାଇଁ ମିକ୍ସି ବା ଗ୍ରାଇଣ୍ଡର୍ ବ୍ୟବହାର, ପେପର୍ ପ୍ଲେଟ୍ ଓ ଗ୍ଲାସ ଯାହା ପାର୍ଟି ପୂର୍ବରୁ ବା ପାର୍ଟିପରେ ସଫା କରିବାର ଆବଶ୍ୟକତା ନଥାଏ । ଏହା କାର୍ଯ୍ୟ ସରଳୀକରଣ । କଣ ତୁମେ ତୁମର ପାର୍ଟି ପାଇଁ କାର୍ଯ୍ୟ କରିବା ସମୟରେ ଆଉ କିଛି କାର୍ଯ୍ୟ ସରଳୀକରଣର ଉପାୟ ଭାବିପାରୁଛ କି ?

### ୧୧.୩.୩ କାର୍ଯ୍ୟ ସରଳୀକରଣର ପଦ୍ଧତି :

ଆସ ଏବେ କାର୍ଯ୍ୟ ସରଳୀକରଣର ବିଭିନ୍ନ ପଦ୍ଧତିକୁ ଅଧ୍ୟୟନ କରିବା ।

***(କ) କାର୍ଯ୍ୟସ୍ଥଳକୁ ବ୍ୟବସ୍ଥିତ ରଖିବା :*** ତୁମେ ଏବେ ଜାଣିଗଲ ଯେ ଯଦି କୌଣସି କାର୍ଯ୍ୟ କରିବା ସମୟରେ ସମସ୍ତ ଆବଶ୍ୟକ ବସ୍ତୁ ଉପଯୁକ୍ତ ସ୍ଥାନ ଓ ଠିକ୍ ଉଚ୍ଚରେ ରଖାଯାଇଥାଏ ତେବେ କାର୍ଯ୍ୟ ଶ୍ରୀଘ୍ର ଓ କମ୍ ଶକ୍ତିରେ ସମ୍ପୂର୍ଣ୍ଣ ହୋଇଥାଏ । ଉଦାହରଣ ସ୍ୱରୂପ ଯଦି ତୁମେ ରୋଷେଇ କରୁଛ, ସମସ୍ତ ଖାଦ୍ୟପଦାର୍ଥ, ଉପକରଣ, ପାଣି ଆଦି କାର୍ଯ୍ୟସ୍ଥଳ ବା ରୋଷେଇ ସ୍ଥାନରେ ରହିବାକୁ ଚାହିଁବ । ସେହିପରି ଠିକ୍ ଉଚ୍ଚରେ ଜିନିଷ ଗୁଡ଼ିକ ରହିଥିବା ଆବଶ୍ୟକ । ଏହାର ଅର୍ଥ କାର୍ଯ୍ୟ କରିବା ସମୟରେ ତୁମକୁ ଏଠାକୁ ସେଠାକୁ ଯିବାକୁ ପଡ଼ିବ ନାହିଁ । ଏହାଛଡ଼ା, ଜିନିଷ ରହିଥିବା ପାତ୍ର ବା ଡ଼ବା ସ୍ୱଚ୍ଛ ନାମକରଣ ହୋଇଥିବା ଉଚିତ୍ । ତେବେ ତୁମର ସମୟ ଖୋଜିବାରେ ବ୍ୟର୍ଥ ହେବନାହିଁ ଓ ଶକ୍ତି ବି କମ୍ ଖର୍ଚ୍ଚ ହେବ ।

***(ଖ) ଶ୍ରମ ସଞ୍ଚୟକାରୀ ଉପକରଣର ପ୍ରୟୋଗ :*** ୱାସିଙ୍ଗମେସିନ୍ ମିକ୍ସ ବା ଫୁଡ୍ ପ୍ରୋସେସ୍‌ରର ଉପଯୋଗରେ ସମୟ ଓ ଶକ୍ତିର ସଂଚୟ ହେବ । ତୁମେ ଜାଣିଛ ଯଦି ତୁମେ ୱାସିଙ୍ଗ ମେସିନ୍‌ର ବ୍ୟବହାର କପଡ଼ା ଧୋଇବା ପାଇଁ ନକର ତେବେ ତୁମେ ଏହାକୁ ହାତରେ କରିବାକୁ ପଡ଼ିବ । ଏହା ନିଶ୍ଚିତ ରୂପେ ଅଧିକ ସମୟ ଓ ଶକ୍ତି

ଆବଶ୍ୟକ କରିବ । ପ୍ରେସର୍ କୁକୁର୍, ରୋଟି ବେଲିବା ପାଇଁ ମେସିନ୍, ପରିବା ଚୋପା ଛଡ଼ାଇବା ଉପକରଣ, ଭାକ୍ୟୁମ୍ କ୍ଲିନର୍ ଆଦି କାର୍ଯ୍ୟ ସରଳୀକରଣର ଉଦାହରଣ ଯାହା ସମୟ ଓ ଶକ୍ତି ସଂଚୟକାରୀ ଉପକରଣ ।

- ଯଦି ତୁମେ ଗୋଟିଏ ସ୍ଥାନରୁ ଅନ୍ୟ ଗୋଟିଏ ସ୍ଥାନକୁ ଅନେକ ଜିନିଷ ନେବାକୁ ଥାଏ ତେବେ ତୁମେ ଟ୍ରଲି ବା ଟ୍ରେ ବ୍ୟବହାର କରି ସମୟ ଓ ଶକ୍ତି ବଞ୍ଚାଇ ପାରିବ । ଏହି କାମକୁ ଟ୍ରଲି ବା ଟ୍ରେ ବିନା କରିବା ପାଇଁ ତୁମକୁ ଅନେକ ଥର ଟେବୁଲ୍ ପାଖକୁ ଆସିବା ସହିତ ବାରମ୍ବାର ଦୁଇହାତର ବ୍ୟବହାର କରିବାକୁ ପଡ଼ିବ । ତୁମେ ନିଜେ ନିର୍ଣ୍ଣୟ କରକେଉଁ ଉପାୟ ଭଲ ।



ଚିତ୍ର ୧୧.୪ : ଜିନିଷ ନେବା ଆଣିବା ପାଇଁ ଟ୍ରଲିର ପ୍ରୟୋଗ

***(ଗ) ଉପଯୁକ୍ତ କାର୍ଯ୍ୟବିଧିର ପ୍ରୟୋଗ :*** କାର୍ଯ୍ୟକରିବା ସମୟରେ ଯଦି ତୁମେ ଏକ ନିର୍ଦ୍ଦିଷ୍ଟ ଛନ୍ଦ ବ୍ୟବହାର କରି ଅତିରିକ୍ତ ଯିବା ଆସିବାକୁ କମ୍ କରିବ, ତୁମେ ଶେଷରେ କମ୍ କ୍ଲାନ୍ତ ହେବ ଓ ତୁମେ ମଧ୍ୟ ସମୟ ବଞ୍ଚାଇ ପାରିବ । ନିମ୍ନ କେତେକ ଉପାୟ, ଯାହାଦ୍ୱାରା ତୁମେ ଏହା କରିପାରିବ ।

- ଚଟାଣ ପୋଛିବା ସମୟରେ କ୍ରମାନ୍ୱୟରେ ଗୋଟିଏ ଗତିରେ କରିବା ଉଚି୍ ଏଠି ସେଠି ପୋଛିବା ପରିବର୍ତ୍ତେ ।
- ଗୋଟିଏ କୋଠରୀରେ ସମସ୍ତ କାର୍ଯ୍ୟ ଏକ ସଙ୍ଗରେ କରି ସମୟ ସଞ୍ଚୟ କରିପାରିବ । ଉଦାହରଣ ସ୍ୱରୂପ ବିଛଣା ପକାଇବା ସମୟରେ ବିଛଣା ଚାଦର ଓ ଘୋଡ଼ିହେବା ଚାଦର ଅଲଗା-ଅଲଗା ଭିତରକୁ ପୁରାଇ ସେଟ୍ କରିବା ପରିବର୍ତ୍ତେ ଏକା ସାଙ୍ଗରେ ବିଛାଇ ଭିତରକୁ ପୁରାଅ ।
- ପ୍ଲେଟ୍‌କୁ ଧୋଇ ସାରିବା ପରେ ସିଧା ର୍‍ୟାକ୍‌ରେ ରଖ ଯେପରି ଏହା ସେଠାରେ ଶୁଖିଯିବ ।

***(ଘ) କାର୍ଯ୍ୟର କ୍ରମକୁ ବଦଳାଇ :*** ଯଦି କାର୍ଯ୍ୟକୁ ଉଚିତ୍ କ୍ରମରେ କରାଯାଏ ତେବେ କାର୍ଯ୍ୟର ସରଳୀକରଣ ହୋଇଥାଏ ।

ଉଦାହରଣ ସ୍ୱରୂପ, କପଡ଼ା ଇସ୍ତ୍ରୀ କରିବା ସମୟରେ ସମସ୍ତ କପଡ଼ାକୁ ଏକା ସାଙ୍ଗରେ ପାଣି ଛିଞ୍ଚି ରଖିବା ଓ ଇସ୍ତ୍ରୀ କରିବା ତେବେ ଏହା ଶୀଘ୍ର ଓ ସହଜରେ ହୋଇଥାଏ । ଯଦି ତୁମେ ଗୋଟିଏ କପଡ଼ାରେ ପାଣି ଛିଞ୍ଚି ଇସ୍ତ୍ରୀ କରିବ ଓ ପରେ ଆଉ ଗୋଟିଏ କପଡ଼ାରେ ପାଣି ଛିଞ୍ଚି ଇସ୍ତ୍ରୀ କରିବ ଏହିପରି ଇସ୍ତ୍ରୀ କରିବା ପାଇଁ ଅଧିକ ସମୟ ଲାଗିବ ।

ଏହିପରି ରାନ୍ଧିବା ସମୟରେ ପରିବା କାଟି ସାରିବା ପରେ ରାନ୍ଧିବା ପରିବର୍ତ୍ତେ ଷ୍ଟୋଭ୍‌ରେ ମସଲା କଷିବା ସମୟରେ ପରିବା କାଟିନେବା ଅଧିକ ଭଲ ହେବ ।

**(ଙ) ଉପଯୁକ୍ତ ଅଙ୍ଗଭଙ୍ଗୀରେ ରହିବା :** ଠିକ୍ ମୁଦ୍ରାରେ କାର୍ଯ୍ୟ କରିବାରେ ସମୟ ଓ ଶକ୍ତି ସଂଚୟ ହୋଇଥାଏ । ଉଦାହରଣ ସ୍ୱରୂପ ତୁମେ ବସି କି ରାନ୍ଧିବା ଅପେକ୍ଷା ଠିଆ ହୋଇ ରାନ୍ଧିବାରେ କମ୍ ହାଲିଆ ଲାଗିଥାଏ । ବସିକରି ବାରମ୍ବାର ଠିଆ ହେବାରେ ଅଧିକ ହାଲିଆ ଲାଗିଥାଏ । ଏହିପରି ସବୁ ସମୟରେ ଟାଣିବା ଅପେକ୍ଷା ଠେଲିବା ସହଜ ।

- ଯଦି ତୁମେ ଅଣ୍ଟା ସିଧାରଖି କାର୍ଯ୍ୟ କରିପାରିବ ତେବେ ନଇଁକି କାହିଁକି କରିବ ? ଅଣ୍ଟା ସିଧା ରଖିବାରେ ସମୟ ଓ ଶକ୍ତି ସଞ୍ଚୟ କରିପାରିବେ । ଉଦାହରଣ ସ୍ୱରୂପ ସାଧାରଣ ଝାଡୁରେ ଓଳାଇବା ପରିବର୍ତ୍ତେ ଲମ୍ବା ଡ଼େଙ୍ଗା ହାଣ୍ଡଲ୍ ଥିବା ଝାଡ ବ୍ୟବହାର କରିବା ।



ଚିତ୍ର ୧୧.୫

କପଡ଼ା ଶୁଖାଇବା ସମୟରେ ଉଚ୍ଚା ଟୁଲ୍ ଉପରେ କପଡ଼ା ବାଲ୍‌ଟିକୁ ରଖିବା ଉଚିତ୍ । ତୁମେ ବୁଝିପାରିବ ଯେ ତୁମକୁ ଥର ଥର କପଡ଼ା ଶୁଖାଇବାକୁ ନଇଁବାକୁ ପଡ଼େ ନାହିଁ । ଏହା ତୁମ ପିଠିକୁ ସିଧା ରଖେ ଓ ବାରମ୍ବାର ନଇଁବାର ବ୍ୟସ୍ତତାରୁ ରକ୍ଷା କରେ ।

**(ଚ) ଉପଯୁକ୍ତ ଉଚ୍ଚତାରେ କାର୍ଯ୍ୟ କରିବା :** ତୁମେ କେବେ ଲକ୍ଷ୍ୟ କରିଛ କି ଯଦି ରୋଷେଇ ଘରେ ଜିନିଷ ପତ୍ର ଓ ରୋଷଇ ସ୍ଥାନ ତୁମର ଉଚ୍ଚତା ଅନୁଯାୟୀ ନ ହୋଇଛି ତେବେ ତୁମେ ଅଧିକ ହାଲିଆ ବୋଧକରିଛ ? କାହିଁକି ? ଏହା ଏଇଥିପାଇଁ ହୋଇଥାଏ କି କାରଣ କାର୍ଯ୍ୟ କରିବା ସମୟରେ ତୁମକୁ ବାରମ୍ବାର ଉଠିବା ଓ ବସିବାକୁ ପଡ଼ିଥାଏ । ନିମ୍ନଲିଖିତରୁ ଇସ୍ତ୍ରୀ କରିବାର କେଉଁ ପଦ୍ଧତି କମ୍ ହାଲିଆ କରିଥାଏ ? ଚଟାଣରେ ବସିକରି, ଖଟ ଉପରେ ନଇଁକରି ବା ଇସ୍ତ୍ରୀ ଟେବୁଲ୍ ଉପରେ ? ବାସ୍ତବିକ ତୃତୀୟଟି ଯେହେତୁ ଏହା ସବୁଠାରୁ ଉପଯୁକ୍ତ ଉଚ୍ଚତାରେ ହୋଇଥାଏ ।



ଚିତ୍ର ୧୧.୬

ପେଟିକା-୩

ସାଧନ ପରିଚାଳନା



ଟିପ୍‌ପଣୀ

ପେଟିକା-୩

ସାଧନ ପରିଚାଳନା

ଟିପ୍ପଣୀ

***( ଛ) କାର୍ଯ୍ୟସନ୍ଧି:*** ଦୁଇଟି ବା ଅଧିକ କାର୍ଯ୍ୟକୁ ଏକାଠି କରିବା ହିଁ କାର୍ଯ୍ୟସନ୍ଧି । ଏହିପରି ତୁମେ ସମୟ ଓ ଶକ୍ତି ଦୁଇଟି ସଞ୍ଚୟ କରିପାରିବ । ଉଦାହରଣ ସ୍ୱରୂପ ଚାହା କରିବା ସମୟରେ ଯେବେ ପର୍ଯ୍ୟନ୍ତ ପାଣି ନଫୁଟି ଥାଏ, ସେହି ସମୟ ଅଟା ଚକଟିବା ବା ଦୁଗ୍ଧ ଫୁଟାଇବା ବା ପରିବା କାଟିବା ଆଦି କାମ କରିପାରିବ । ତୁମେ କଣ ଏହିପରି ଆଉକିଛି କାର୍ଯ୍ୟକଳାପ ଜଣାଇପାରିବ ଯାହା ଏକାଠି କରିହେବ ?

***(ଜ) ତୁରନ୍ତ ଉପଯୋଗ ସାମଗ୍ରୀର ପ୍ରୟୋଗ :*** ତୁମେ କଣ ପ୍ରତ୍ୟେକ ଥର ଖାଇବା ପ୍ରସ୍ତୁତ କରିବା ସମୟରେ ଅଦା, ରସୁଣ ବା ପିଆଜ ତାଜା ମସଲା ବଦଳରେ ଅଦା, ରସୁଣ ପେଷ୍ଟ ବା ପିଆଜ ପାଉଡ଼ର ବ୍ୟବହାର କର? ଏହାର କଣ ଉପକାରିତା? ହଁ, ତୁମେ ଏହାଦ୍ୱାରା ସମୟ ଓ ଶକ୍ତି ସଞ୍ଚୟ କଲ । ଏହି ମସଲାକୁ ତୁମେ ବଜାରରୁ କିଣିପାର ବା ଘରେ ପ୍ରସ୍ତୁତ କରି ଫ୍ରିଜ୍‌ରେ ରଖିପାର । ପ୍ରକୃତ କାର୍ଯ୍ୟ କରିବା ସମୟରେ ପୂର୍ବ ପ୍ରସ୍ତୁତି ସମୟ ଓ ଶକ୍ତି ସଂଚୟ କରିଥାଏ । ପୂର୍ବ ପ୍ରସ୍ତୁତ ଖାଦ୍ୟ ପଦାର୍ଥର ପ୍ରୟୋଗରେ ତୁମେ ସମୟ ଓ ଶକ୍ତି ଅଧିକ ପରିମାଣରେ ସଂଚୟ କରିପାରିବ । ସାଧାରଣ କ୍ରକରୀ ଅପେକ୍ଷା ପେପର୍ ପ୍ଲେଟ୍‌ର ବ୍ୟବହାର ସମୟ ଓ ଶକ୍ତି ସଞ୍ଚୟ କରିଥାଏ । ତୁମେ କହିପାରିବ କି କିପରି ?

***(ଝ) ଆକର୍ଷକ କାର୍ଯ୍ୟ ସ୍ଥଳ :*** ତୁମେ ତୁମର କାର୍ଯ୍ୟ ଶୀଘ୍ର ଓ କମ୍ ଶକ୍ତି ଖର୍ଚ୍ଚ କରି ସମ୍ପୂର୍ଣ୍ଣ କରିପାରିବ ଯଦି ତୁମର କାର୍ଯ୍ୟକରିବା ସ୍ଥାନ ଆକର୍ଷଣୀୟ ଓ ସୁସଂଗଠିତ ହୋଇଥାଏ । କାର୍ଯ୍ୟପାଇଁ ଠିକ୍ ବାତାବରଣ ମିଳିଥିବାରୁ ଏପରି ହୋଇଥାଏ । ଏହା କାର୍ଯ୍ୟ କୁଶଳତା ବଢ଼ାଇ ଦେଇଥିବାରୁ ତୁମକୁ ଆତ୍ମ ସନ୍ତୋଷ ମିଳିଥାଏ । ତୁମେ ତୁମର କାର୍ଯ୍ୟସ୍ଥଳକୁ ଆକର୍ଷଣୀୟ କରିପାରିବ-

- କାର୍ଯ୍ୟସ୍ଥଳକୁ ସଫା ଓ ପରିଷ୍କାର ରଖି ।
- ସୁନ୍ଦର କ୍ରକରୀ ଓ ଉଜ୍ଜ୍ୱଳ ରଂଗର ଡ଼ବା ରଖି
- ସୁବ୍ୟସ୍ଥିତ ଢ଼ଙ୍ଗରେ ଜିନିଷକୁ ଯଥା ସ୍ଥାନରେ ରଖି ।
- ପ୍ରଚୁର ଆଲୋକ ଓ ବାୟୁ ଚଳାଚଳ କରିବାକୁ ଯୋଗାଇ ।

ତୁମେ ଆହୁରି କିଛି ପରାମର୍ଶ ଦେଇପାରିବ କି ?

**(ଞ) କାର୍ଯ୍ୟ କୁଶଳତାରେ ସମ୍ପୂର୍ଣ୍ଣତା ଆଣି :** ଯଦି ତୁମେ କୌଣସି କାର୍ଯ୍ୟକୁ ଅଭ୍ୟାସ କରି ନିପୁଣତା ହାସଲ କର ତୁମେ ସେହି କାର୍ଯ୍ୟ କରିବାକୁ କମ୍ ସମୟ ଓ କମ୍ ଶକ୍ତି ଆବଶ୍ୟକ କରିବ । ଏହାଛଡ଼ା ତୁମେ ଭଲ ଉତ୍ପାଦ ପାଇପାରିବ । ଦର୍ଜୀ ବା ଅନ୍ୟ ବ୍ୟକ୍ତି ଯିଏ ସିଲାଇରେ ନିପୁଣ ହୋଇଯାଏ, ଏକ ସାଧାରଣ ବ୍ୟକ୍ତି ଅପେକ୍ଷାରେ ସେ ଭଲ ଓ ଶୀଘ୍ର ସିଲାଇ କରିପାରିବ ।

ତୁମେ ଏହି ଲୋକଉକ୍ତିକୁ ମନେ ରଖିଛ କି "ଅଭ୍ୟାସ ବ୍ୟକ୍ତିକୁ ନିପୁଣ କରିଥାଏ ?"

**ପାଠଗତ ପ୍ରଶ୍ନ ୧୧.୩**

୧. ଚାରୋଟି ମଧ୍ୟରୁ ଗୋଟିଏ ଉତ୍ତରରେ (✓) ଚିହ୍ନ ଦିଅ ।

(i) କାର୍ଯ୍ୟ ସରଳୀକରଣରେ

(କ) ଟଙ୍କା ଅଧିକ ଖର୍ଚ୍ଚ ହୋଇଥାଏ ।

(ଖ) କାର୍ଯ୍ୟସ୍ଥଳର ଉଚ୍ଚତା କମ୍ କରା ହୋଇଥାଏ ।

(ଗ) ସମୟ ଓ ଶକ୍ତିର ସଂଚୟ ହୋଇଥାଏ ।

(ଘ) ଉପକରଣର ପ୍ରୟୋଗ ହୋଇଥାଏ ।

(ii) କାର୍ଯ୍ୟସନ୍ଧି କହିଲେ -

(କ) ଦ୍ୱିତୀୟ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ପ୍ରଥମ କାର୍ଯ୍ୟ ଶେଷ କରିବା ।

(ଖ) ଦୁଇଟି ବା ଏଥିରୁ ଅଧିକ କାର୍ଯ୍ୟ ଏକ ସମୟରେ କରିବା ।

(ଗ) ଠିକ୍ ଉଚ୍ଚତାରେ କାର୍ଯ୍ୟ କରିବା

(ଘ) ଶ୍ରମ ବଞ୍ଚାଇବା ମେସିନ୍‌ର ପ୍ରୟୋଗ କରିବା ।

(iii) ଠିକ୍ ଅଙ୍ଗଭଙ୍ଗୀ ସାହାଯ୍ୟ କରିଥାଏ ।

(କ) ଠିକ୍ ସମୟରେ କାମ କରିବାରେ

(ଖ) ପର୍ଯ୍ୟାପ୍ତ ଆରାମ କରିବାରେ

(ଗ) ଦୁଇଟ କାର୍ଯ୍ୟ ଏକା ସମୟରେ କରିବାରେ

(ଘ) କାର୍ଯ୍ୟ କରୁଥିବାବେଳେ ଶକ୍ତି ବଞ୍ଚାଇବାରେ

**ପେଟିକା-୩**

ସାଧନ ପରିଚାଳନା



ଟିପ୍‌ପଣୀ

***କାର୍ଯ୍ୟକଳାପ ୧୧.୨ :*** ତୁମ ଘରର ରୋଷେଇ ଓ ଲୁଗାସଫା ପ୍ରକ୍ରିୟାକୁ ଦେଖିକାର୍ଯ୍ୟ ସରଳୀକରଣର ବିଭିନ୍ନ ଉପାୟର ପରାମର୍ଶ ଦିଅ ।

## ୧୧.୪ କ୍ଳାନ୍ତି

ଯଦି ତୁମେ କ୍ରମାନ୍ୱୟରେ ଦୀର୍ଘ ସମୟ କାର୍ଯ୍ୟକର ତେବେ କଣ ହୋଇଥାଏ ? ତୁମକୁ ଆରାମ କରିବାକୁ ମନ ହୋଇଥାଏ । ଏହା ଏଇଥିପାଇଁ ହୋଇଥାଏ ଯେ ତୁମ ଶରୀରର କାର୍ଯ୍ୟ କରିବା କ୍ଷମତା କମିଯାଇଥାଏ ଓ ତୁମେ ଆରାମ କରିବାକୁ ଚାହିଁଥାଅ ।

**ଏକ ହାଲିଆ, ଥକିଯିବାର ଅନୁଭୂତି, କାରଣର ତୁମେ କାର୍ଯ୍ୟ ବନ୍ଦ କରିଦିଅ ଏହାକୁ କ୍ଳାନ୍ତି କୁହାଯାଏ ।**

କ୍ଳାନ୍ତିର ଏହି ଭାବନା ବହୁତ ଅଧିକ କାମ କରିସାରିବା ପରେ କେବଳ ଆସିନଥାଏ ବରଂ ତୁମେ ନିଜର କାମ ସମୟ ମଧ୍ୟରେ ନ କରିପାରିଥିବା କାରଣରୁ ବି ହୋଇଥାଏ । ଏହିପରି କ୍ଳାନ୍ତି ଅନେକ ପ୍ରକାରର ହୋଇଥାଏ ।

### ୧୧.୪.୧ କ୍ଳାନ୍ତିର ପ୍ରକାର

**କ୍ଳାନ୍ତି**

- ଶାରିରୀକ କ୍ଳାନ୍ତି (ଯେବେ ତୁମେ କାର୍ଯ୍ୟକରି ଶକ୍ତି ଖର୍ଚ୍ଚ କରିଥାଅ)
- ମାନସିକ କ୍ଳାନ୍ତି (ଯେବେ ତୁମେ କାର୍ଯ୍ୟ ନକରି ଶକ୍ତି ଖର୍ଚ୍ଚ କରିଥାଅ )
  - ଆଳସ୍ୟ ଜନିତ କ୍ଳାନ୍ତି
  - ନିରାଶ ଜନିତ କ୍ଳାନ୍ତି



ଟିପ୍ପଣୀ

***(i) ଶାରିରୀକ କ୍ଳାନ୍ତି :*** ଏହିପରି କ୍ଳାନ୍ତି ଯେମିତି ଝାଡୁକରିବା, ଘର ପୋଛିବା, ଦୌଡ଼ିବା ଆଦି କରିସାରିବା ପରେ ହୋଇଥାଏ । ଏହି କାର୍ଯ୍ୟସବୁ କରିସାରିବା ପରେ ତୁମେ କ୍ଳାନ୍ତି ଅନୁଭବ କର କାରଣ ଉପଲବ୍ଧ ସମସ୍ତ ଶକ୍ତି ତୁମେ ଖର୍ଚ୍ଚ କରିସାରି ଥାଅ ଏବଂ କିଛି ବର୍ଜ୍ୟ ପଦାର୍ଥ ଆମର ମାଂସପେଶୀରେ ଜମା ହୋଇଯାଇଥାଏ । ଯେବେ ତୁମେ କିଛି ସମୟ ଆରାମ କର ଏହି ର୍ବଜ୍ୟ ପଦାର୍ଥ ମାଂସପେଶୀରୁ ବାହାରି ଯାଏ ।

> ଯେବେ ଶାରିରୀକ କାର୍ଯ୍ୟ କରିବାରେ ତୁମର ସମସ୍ତ ଶକ୍ତି ଉପଯୋଗ ହୋଇଯାଏ ତେବେ ତୁମେ ଥକିଯାଅ ଓ ଶାରିରୀକ କ୍ଳାନ୍ତି ଅନୁଭବ କର ।

**(*ii*) ମାନସିକ କ୍ଳାନ୍ତି :** କେବେ କେବେ ବିନା କାମ କରିବାରେ, ବହୁତ କମ୍ କାମ କରିବାରେ କ୍ଳାନ୍ତି ଅନୁଭବ ହୋଇଥାଏ ଏହା ତୁମେ ଲକ୍ଷ୍ୟ କରିଥିବ । ଏହିପ୍ରକାର କ୍ଳାନ୍ତି ଆଳସ୍ୟ ବା ବିତୃଷ୍ଣା ହୋଇଥାଏ । ତୁମେ ବିବ୍ରତ ଓ ଅଂସନ୍ତୁଷ୍ଟ ରୁହ, ତୁମେ ଶାରିରୀକ ଭାବରେ ଅସୁସ୍ଥ ଅନୁଭବ କର ଓ କାମ ବନ୍ଦ କରିବାକୁ ଇଚ୍ଛା କର । ଏହିପ୍ରକାର କ୍ଳାନ୍ତିକୁ ମାନସିକ କ୍ଳାନ୍ତି କୁହାଯାଏ କାରଣ ତୁମେ ମାନସିକ କ୍ଳାନ୍ତି ଅନୁଭବ କର ଯଦିଓ କୌଣସି ଶାରିରୀକ କାରଣ ନଥାଏ ।

> ମାନସିକ କ୍ଳାନ୍ତି କାର୍ଯ୍ୟରୁ ନ ହୋଇ ବଂର ଅସନ୍ତୋଷଜନକ କାର୍ଯ୍ୟ ଓ ବାତାବରଣକୁ ନେଇ ହୋଇଥାଏ ।

ଆଳସ୍ୟଜନିତ କ୍ଳାନ୍ତିରେ ଅସନ୍ତୋଷ, ହାଇମାରିବା, ବିବ୍ରତା ଓ କାର୍ଯ୍ୟ ବନ୍ଦ କରିବାକୁ ଇଚ୍ଛା କରିବା ଆଦି ଦେଖାଯାଏ । କାମ ଏକାପ୍ରକାର ଓ ଅରୁଚିକର ହୋଇଥିବାରୁ ଏପରି ହୋଇଥାଏ । କାର୍ଯ୍ୟର ବାତାବରଣ ଅସନ୍ତୋଷଜନକ ଓ ନୀରସ ହେବା ସହିତ ବ୍ୟବହୃତ ଉପକରଣ ସମସ୍ୟାଯୁକ୍ତ ହୋଇଥାଏ ତେବେ ମାନସିକ କ୍ଳାନ୍ତି ହୋଇଥାଏ ।

ବିତୃଷ୍ଣା ବା ନିରାଶା ଜନିତ କ୍ଳାନ୍ତିରେ ଶାରିରୀକ କଷ୍ଟ, ବ୍ୟସ୍ତବିବ୍ରତ, ଅସନ୍ତୋଷ ଜନକ ପରିଣାମ ଓ ପରିସ୍ଥିତିରୁ ତ୍ରାହି ପାଇବାକୁ ଇଚ୍ଛା ହୋଇଥାଏ । ଯେବେ କାର୍ଯ୍ୟକରିବା ବ୍ୟକ୍ତି କମ୍ ଅନୁଭବୀ ହୋଇଥାଏ, ଚିନ୍ତିତ ଓ ବ୍ୟସ୍ତ ବିବ୍ରତ, ଅଧିକ କାର୍ଯ୍ୟବ୍ୟସ୍ତ ସହିତ ତା କାର୍ଯ୍ୟକୁ ପ୍ରଂଶସା କରାନଯାଏ ତେବେ ଏହି କାରଣରୁ ବିତୃଷ୍ଣା ବା ନିରାଶ ଜନିତ କ୍ଳାନ୍ତି ଦେଖାଯାଏ ।

### ୧୧.୪.୨ କ୍ଳାନ୍ତି ଦୂର କରିବାର ଉପାୟ

ଶାରିରୀକ କ୍ଳାନ୍ତି ଦୂର କରିବା ବହୁତ ସହଜ ହୋଇଥାଏ । ସମସ୍ତେ ନିମ୍ନଗୁଡ଼ିକ କରି ଦେଖ :

- ସଂକ୍ଷେପରେ ଆରାମ୍ କର ।
- ବଦଳେଇ ଭାରୀ ଓ ହାଲୁକା କାର୍ଯ୍ୟ କର ।
- ଶକ୍ତି ସଂଚୟକାରୀ ଉପକରଣ ବ୍ୟବହାର କର ।
- କିଛି କାର୍ଯ୍ୟ ଅନ୍ୟମାନଙ୍କୁ କରିବାକୁ ଦିଅ ।
- କାର୍ଯ୍ୟକୁ ଅଧିକ ରୁଚିପୂର୍ଣ୍ଣ କର ।
- ଏକଲା କାମ ନକରି ସମୂହରେ କର ।
- ଉପଯୁକ୍ତ ଉପକରଣ ପ୍ରୟୋଗ କର ।
- କାର୍ଯ୍ୟ କୁଶଳତାକୁ ବିକଶିତ କର ।

- କାର୍ଯ୍ୟସ୍ଥଳ ସଠିକ୍ କର ।
- ବାତାବରଣକୁ ଆନନ୍ଦଦାୟକ କର ।
- ମାନସିକ ବ୍ୟସ୍ତତା କମ କର ।
- କାର୍ଯ୍ୟ କରୁଥିବା ଲୋକର ପ୍ରଂଶସା କର ।
- ଭଲ କାର୍ଯ୍ୟପାଇଁ ପୁରସ୍କାର ଦେଇ ପ୍ରୋତ୍ସାହିତ କର ।

**ପାଠଗତ ପ୍ରଶ୍ନ ୧୧.୪**

୧. ନିମ୍ନରେ ଥିବା ଶବ୍ଦରେ ଅକ୍ଷରଗୁଡ଼ିକୁ ପୁନଃ ଆୟୋଜନ କର :

| | |
|---|---|
| (i) ହାଲିଆ ଅନୁଭବ କରିବା | ନ୍ତିକ୍ଲା |
| (ii) ନିରାଶା ଜନିତ କ୍ଲାନ୍ତି | କସିନମା |
| (iii) ମାଂସପେଶୀର ବର୍ଜ୍ୟ ପଦାର୍ଥ ଏକତ୍ରୀତ ହେବା | କରିରୀଶା |
| (iv) କାର୍ଯ୍ୟକୁ ବନ୍ଦ କରିବାକୁ ଇଚ୍ଛା | ଶାନିରା |

**ତୁମେ କଣ ଶିଖଲ**

କାର୍ଯ୍ୟ ସଂଗଠନ → କମ୍‌ରୁ କମ୍ ସମୟ ଓ ଶକ୍ତି ଖର୍ଚ୍ଚ କରି କାର୍ଯ୍ୟ କରିବାକୁ ଯୋଜନା କରିବା

ଜଡ଼ିତ

କାର୍ଯ୍ୟ ସରଳୀକରଣ → ମାଧ୍ୟମରେ → ସମୟ ଓ ଶକ୍ତି ସଞ୍ଚୟ କରିବା ପଦ୍ଧତି

ଆବଶ୍ୟକ → ସମୟ ଯୋଜନା

- ଠିକ୍ ସ୍ଥାନରେ ଜିନିଷ ରଖିବା
- ଶ୍ରମ ବଞ୍ଚାଇବା ଉପକରଣର ପ୍ରୟୋଗ
- ଉପଯୁକ୍ତ କାର୍ଯ୍ୟ ଗତିବିଧି ବ୍ୟବହାର
- କାର୍ଯ୍ୟକ୍ରମର ପରିବର୍ତ୍ତନ
- କାର୍ଯ୍ୟକୁଶଳତା ବିକଶିତ କରିବା
- ଉପଯୁକ୍ତ ଅଙ୍ଗଭଙ୍ଗୀରେ ରହିବା
- ଉପଯୁକ୍ତ ଉଚ୍ଚତାରେ କାର୍ଯ୍ୟ କରିବା
- କାର୍ଯ୍ୟ ସନ୍ଧି କରିବା
- ତୁରନ୍ତ ଉପଯୋଗ ସାମଗ୍ରୀକୁ ବ୍ୟବହାର କରିବା
- କାର୍ଯ୍ୟସ୍ଥଳ ଆକର୍ଷକ କରିବା

ଦୂରକରେ → କ୍ଲାନ୍ତି

କ୍ଲାନ୍ତି: ଶାରିରୀକ କ୍ଲାନ୍ତି, ମାନସିକ କ୍ଲାନ୍ତି

ମାନସିକ କ୍ଲାନ୍ତି: ଆଳସ୍ୟରୁ କ୍ଲାନ୍ତି, ନିରାଶାରୁ କ୍ଲାନ୍ତି

ପେଟିକା-୩

ସାଧନ ପରିଚାଳନା



ଟିପ୍ପଣୀ

**ପାଠ୍ୟନ୍ତ ପ୍ରଶ୍ନ**

୧. ସବୁ ସମୟରେ ତୁମ ପଡ଼ୋଶୀ ଠିକ୍ ସମୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିପାରୁ ନାହାଁନ୍ତି ବୋଲି ଆପତ୍ତି କରୁଛନ୍ତି । ତୁମେ ତାଙ୍କୁ କି ପରାମର୍ଶ ଦେଇପାରିବ ?

୨. ସମୟ ଯୋଜନାରେ ଅନ୍ତର୍ଭୁକ୍ତ ଚରଣ ଗୁଡ଼ିକର ତାଲିକା କର ।

୩. କାର୍ଯ୍ୟକୁ ସରଳ କରିବା ପାଇଁ କି ପ୍ରକାର ପଦକ୍ଷେପ ନେଇପାରିବ ବ୍ୟକ୍ତ କର ।

୪. ବିଭିନ୍ନ ପ୍ରକାର କ୍ଳାନ୍ତିକୁ ଚିହ୍ନ, ଏହାଠାରୁ ମୁକ୍ତି ପାଇବା ପାଇଁ କିଛି ପରାମର୍ଶ ଦିଅ ।

ପାଠଗତ ପ୍ରଶ୍ନର ଉତ୍ତର

୧୧.୧ (i) ଭୂଲ୍ (ii) ସତ୍ୟ (iii) ଭୂଲ୍ (iv) ଭୂଲ୍ (v) ସତ୍ୟ

୧୧.୨.୧ (i) ଶକ୍ତି

(ii) ଚାପ/ ବ୍ୟସ୍ତତା

(iii) କମ୍

(iv) ଭାରୀ

୨. (i) ମଧ୍ୟମ (ii) ମଧ୍ୟମ (iii) ହାଲକା

(iv) ଭାରୀ (v) ଭାରୀ (vi) ମଧ୍ୟମ

(vii) ମଧ୍ୟମ (viii) ହାଲକା

(ix) ହାଲକା (x) ଭାରୀ

୧୧.୩.୧ (i) (ଗ)

(ii) (ଖ)

(iii) (ଘ)

୧୧.୪ (i) କ୍ଳାନ୍ତି

(ii) ମାନସିକ

(iii) ଶାରିରୀକ

(iv) ନିରାଶା

***For more information log on to***
***http:www.myorganizedlife.com***



ଟିପ୍ପଣୀ

# ୧୨

# ସ୍ଥାନ ପ୍ରବନ୍ଧନ

ସୀତା ଓ ଆନି ନିଜ ନିଜର ଦୁଇ ବେଡ଼୍‌ରୁମ୍ ବାଲା ଘରେ ନିଜ ପରିବାର ସହିତ ରହିଥାନ୍ତି । ଉଭୟ ପରିବାରର ଗଠନ, ଫର୍ଣ୍ଣିଚର ଓ ଅନ୍ୟ ସାମଗ୍ରୀର ପ୍ରାୟ ସମାନ । ତଥାପି ତୁମେ ଯେତେବେଳେ ବୁଲିଯାଅ ଜଣଙ୍କ ଘର ଆଉଜଣଙ୍କ ଘରଠାରୁ ବଡ଼ ଲାଗିଥାଏ । ତୁମେ କଣ ଅନ୍ୟ ଘର ଦେଖି ଏହିପ୍ରକାର ଅନୁଭବ ପାଇଛ କି? ତୁମେ ଭାବୁଛ କି ଏହା କେବଳ ଏକ ଅନୁଭବ? ନା ଏହା ପ୍ରକୃତରେ ବାସ୍ତବ? ଆଚ୍ଛା ତୁମେ ଠିକ୍ କହିଛ । ଏକ ପ୍ରକାର ଘରେ, ଏହାର ବ୍ୟବସ୍ଥା କାରଣରୁ କେବେ ଅଧିକ ଜାଗା ବା କେବେ କମ୍ ସ୍ଥାନ ଥିବାର ଦେଖାଯାଇଥାଏ । ଏହି ଅଧ୍ୟାୟରେ ଘରର ସ୍ଥାନ ବ୍ୟବସ୍ଥା ବିଷୟରେ ଜାଣିବା ଓ ଏହାକୁ କିପରି ହାସଲ କରିବା ଜାଣିବା ।

**ଉଦ୍ଦେଶ୍ୟ :**

ଏହି ପାଠ ପଢ଼ି ସାରିବା ପରେ ତୁମେ ନିମ୍ନକୁ କରିବାକୁ ସକ୍ଷମ ହେବ :

- ◆ ସ୍ଥାନ ପରିଚାଳନାର ଅର୍ଥ ଓ ମହତ୍ତ୍ୱ ଜାଣିବା;
- ◆ କାର୍ଯ୍ୟ କେନ୍ଦ୍ରର ପରିଭାଷା ଓ ମହତ୍ତ୍ୱ ଜଣାଅ;
- ◆ ଘରର ବିଭିନ୍ନ କାର୍ଯ୍ୟକ୍ଷେତ୍ରର ସୂଚୀକରଣ କରି ସ୍ଥାନ ପ୍ରବନ୍ଧନରେ ତାର ଭୂମିକା;
- ◆ ବହୁ ଉପଯୋଗୀ ଆସବାବ ପତ୍ରର ବ୍ୟବହାର ଦ୍ୱାରା ଉଚିତ୍ ସ୍ଥାନ ପ୍ରବନ୍ଧନ;
- ◆ ସୁରୁଚିପୂର୍ଣ୍ଣ ବ୍ୟବସ୍ଥିତ କରି ଆନନ୍ଦଦାୟକ ବାତାବରଣ ସୃଷ୍ଟି କରିବା;

## ୧୨.୧ ସ୍ଥାନ ପ୍ରବନ୍ଧନର ଅର୍ଥ ଓ ମହତ୍ତ୍ୱ :

ଏହା ପୂର୍ବ ପାଠରେ ତୁମେ ପଢ଼ିସାରିଛି ଯେ ସମୟ ଓ ଶକ୍ତିର ସଞ୍ଚୟ ପାଇଁ ସ୍ଥନା ପ୍ରବନ୍ଧନ ଆବଶ୍ୟକ ହୋଇଥାଏ । ଯେକୌଣସି କାର୍ଯ୍ୟପାଇଁ ସ୍ଥାନ ଠିକ୍‌କରି ଏଇଥିପାଇଁ ଆବଶ୍ୟକ ଜିନିଷ ଗୁଡ଼ିକୁ ବ୍ୟବସ୍ଥିତ କରିବାକୁ ସ୍ଥାନ ପ୍ରବନ୍ଧନ କୁହାଯାଏ ।

ଏହିପରି ସ୍ଥାନ ପ୍ରବନ୍ଧନର ମୁଖ୍ୟ ଦିଗଗୁଡ଼ିକର :

- ◆ ଯେକୌଣସି କାର୍ଯ୍ୟପାଇଁ ନିର୍ଦ୍ଧିଷ୍ଟ ସ୍ଥାନ ଦେବା
- ◆ କାର୍ଯ୍ୟପାଇଁ ସମସ୍ତ ଆବଶ୍ୟକ ବସ୍ତୁକୁ ଏକ ସ୍ଥାନରେ ରଖିବା

ପେଟିକା-୩

ସାଧନ ପରିଚାଳନା



ଟିପ୍ପଣୀ

- କାର୍ଯ୍ୟପାଇଁ ଆବଶ୍ୟକ ସମସ୍ତ ବସ୍ତୁ ଓ ଉପକରଣଗୁଡ଼ିକ ଉଚିତ୍ ଢ଼ଙ୍ଗରେ ବ୍ୟବସ୍ଥିତ କରିବା ।

କୌଣସି କାର୍ଯ୍ୟ କରିବା ପାଇଁ ସମସ୍ତ ଆବଶ୍ୟକ ସାମଗ୍ରୀକୁ ନିଜ ପାଖରେ ବ୍ୟବସ୍ଥିତ ଭାବରେ ରଖିବା ଆବଶ୍ୟକ ହୋଇଥାଏ ଯାହାଦ୍ୱାରା ସମୟ ଓ ଶକ୍ତି ଜିନିଷଗୁଡ଼ିକୁ ଆଣିବା ଓ ରଖିବାରେ ନଷ୍ଟ ହୋଇନଥାଏ । ଏହି ପ୍ରକାର ଜିନିଷ ରଖିବାର ଆୟୋଜନକୁ "କାର୍ଯ୍ୟ ସଂରକ୍ଷଣ" କୁହାଯାଇପାରେ ।

ଆହୁରି ମଧ୍ୟ ଦୁଇ ବା ଅଧିକ କାର୍ଯ୍ୟ, ଏକା ସାଙ୍ଗରେ, ଏକା ସ୍ଥାନରେ କରାଯାଇପାରିବ । ଉଦାହରଣ ସ୍ୱରୂପ ଗୋଟିଏ ସ୍ଥାନରେ ପାଣିର ବ୍ୟବସ୍ଥା ହେବାଦ୍ୱାରା ଖାଦ୍ୟ ରାନ୍ଧିବା ଓ ବାସନ ଧୋଇବା କାର୍ଯ୍ୟ ଗୋଟିଏ ସ୍ଥାନ ଯେପରି ରୋଷେଇ ଘରେ ଉଚିତ୍ ଢ଼ଙ୍ଗରେ ସମ୍ପୂର୍ଣ୍ଣ କରାଯାଇପାରିବ । କିନ୍ତୁ ପାଣିର ବ୍ୟବସ୍ଥା ଯଦି ଦୂରରେ ଥାଏ ତେବେ ଏହି କାର୍ଯ୍ୟ କରିବା ପାଇଁ ଅନାବଶ୍ୟକ ଯିବା ଆସିବା କରିବାକୁ ପଡ଼ିଥାଏ କିମ୍ବା ଗୋଟିଏ କାର୍ଯ୍ୟ କରିସାରିବା ପରେ ଆଉ ଗୋଟିଏ କାର୍ଯ୍ୟ କରିବାକୁ ହୋଇଥାଏ ।

ଏମିତି ବି ଯେବେ ସ୍ଥାନ ସୀମିତ ତେବେ ଏହାର ପୂର୍ଣ୍ଣ ସଦୁପଯୋଗ ହେବା ଉଚିତ୍ । ଯେମିତି, ଶୟନକକ୍ଷ ରାତିରେ ଶୋଇବା ପାଇଁ ବ୍ୟବହାର ହୋଇଥାଏ ତେଣୁ ଦିନରେ ଏହା ପଢ଼ିବା ପାଇଁ ବ୍ୟବହାର କରାଯାଇପାରିବ । ଏହିପରି ବୈଠକ ଘରକୁ ରାତିରେ ଶୋଇବା ପାଇଁ ବ୍ୟବହାର କରାଯାଇପାରିବ । ଏହି ଅତିରିକ୍ତ କାର୍ଯ୍ୟ କରିବା ପାଇଁ କିଛି ବିଶେଷ ବ୍ୟବସ୍ଥା କରିବା ଆବଶ୍ୟକ ହୋଇଥାଏ । ତୁମେ ଏହି ବିଷୟରେ ପରେ ପାଠ କରିବ ।

**୧୨.୨ ଘରର ବିଭିନ୍ନ କାର୍ଯ୍ୟକ୍ଷେତ୍ର :**

ତୁମେ ଘରେ ହେଉଥିବା ବିଭିନ୍ନ କାର୍ଯ୍ୟକୁ ପର୍ଯ୍ୟବେକ୍ଷଣ କରି ଏହାର ଏକ ସୂଚୀ ପ୍ରସ୍ତୁତ କର । ଏହି ସୂଚୀକୁ ନିମ୍ନ ସୂଚୀ ସହିତ ତୁଳନା କର ।

- ରନ୍ଧନ
- ବାସନ ଓ କପଡ଼ା ସଫା କରିବା
- ଶୋଇବା
- ପଢ଼ିବା ( ଅଧ୍ୟୟନ )
- ଖେଳିବା ଓ ଟି.ଭି ଦେଖିବା, ରେଡ଼ିଓ ଶୁଣିବା
- ଅତିଥି ସତ୍କାର

ଉପରୋକ୍ତ ସମସ୍ତ କାର୍ଯ୍ୟକୁ ଉପକାର୍ଯ୍ୟରେ ବାଣ୍ଟିପାରିବା ଯେମିତି ରନ୍ଧନ ଅନ୍ତର୍ଗତ :

- ଖାଦ୍ୟ ପଦାର୍ଥର ଭଣ୍ଡାରଣ
- ଖାଦ୍ୟ ରାନ୍ଧିବା ପୂର୍ବ ଆୟୋଜନ ଯେମିତି ପରିବା ଧୋଇବା, କାଟିବା, ଅଟା ଚକଟିବା ଆଦି
- ରାନ୍ଧିବା ଓ ଶେଷ ସ୍ପର୍ଶ ନେବା
- ବାସନ ଧୋଇବା
- ଖାଦ୍ୟ ପରଷିବା ଓ ବଞ୍ଚିଯାଇଥିବା ଖାଦ୍ୟକୁ ସାଇତି ରଖିବା

ଏହିପରି ରାନ୍ଧିବା ପାଇଁ ନିମ୍ନ ଆବଶ୍ୟକତା ହୋଇଥାଏ :

- କଞ୍ଚା ଖାଦ୍ୟ ସାମଗ୍ରୀ ଓ ପରିବା ଆଦି
- ବାସନ
- ପାଣିର ସ୍ରୋତ
- ଆୟୋଜନର କାର୍ଯ୍ୟକ୍ଷେତ୍ର
- କୁକିଙ୍ଗ୍ ରେଞ୍ଜ୍ / ଗ୍ୟାସ୍ ଚୁଲା ଓ ଇନ୍ଧନ
- ଭଣ୍ଡାରଣ କ୍ଷେତ୍ର
- ରନ୍ଧା ଖାଦ୍ୟ ଓ ବଳକା ଖାଦ୍ୟ ରଖିବାର ସ୍ଥାନ

ଏହିପରି କପଡ଼ା ଧୋଇବାର ସ୍ଥାନକୁ ଦେଖିବା ଆମେ ଦରକାର କରିପାରୁ :

- ପାଣିର ବ୍ୟବସ୍ଥା
- କପଡ଼ା ଧୋଇବା ପାଇଁ ଆବଶ୍ୟକ ବସ୍ତୁ ଯେମିତି ସାବୁନ୍, ନୀଳ, ମଣ୍ଡ ଆଦି
- ବାଲ୍‌ଟି, ମଗ, ବ୍ରସ୍ ଆଦି
- ଯଦି ୱାସିଙ୍ଗ୍ ମେସିନ୍ ବ୍ୟବହାର କରୁଛ ଓ ତେବେ ପାଖରେ ବିଜୁଳି ପଏଣ୍ଟ
- ମଇଳା କପଡ଼ା ରଖିବାର ବ୍ୟବସ୍ଥା
- କପଡ଼ା ଶୁଖାଇବାର ବ୍ୟବସ୍ଥା (ତାର ଚିମୁଟା ଓ ର୍‍ୟାକ୍ ଆଦି )

ପ୍ରକୃତରେ, ଘରର ସମସ୍ତ କାର୍ଯ୍ୟକଳାପକୁ ଅନେକ ଉପ- କାର୍ଯ୍ୟକଳାପରେ ବିଭକ୍ତ କରାଯାଇପାରିବ । କୌଣସି କାର୍ଯ୍ୟକଳାପ କରିବା ପୂର୍ବରୁ ବିଶ୍ଳେଷଣ କରିବା ମହତ୍ତ୍ୱପୂର୍ଣ୍ଣ ହୋଇଥାଏ କାରଣ ଏହା ଆମକୁ କାର୍ଯ୍ୟପାଇଁ ଆବଶ୍ୟକ ସାମଗ୍ରୀ ଓ କାର୍ଯ୍ୟର ପ୍ରକୃତି ଜାଣିବାରେ ସାହାଯ୍ୟ କରିଥାଏ ।

**ପାଠଗତ ପ୍ରଶ୍ନ ୧୨.୧**

୧. ସ୍ଥାନ ପ୍ରବନ୍ଧନର ଦୁଇଟି ମହତ୍ତ୍ୱପୂର୍ଣ୍ଣ ଦିଗର ସୂଚୀ କର ।
୨. ପାଠରେ ନ ଦିଆଯାଇଥିବା ଯେକୌଣସି ୨ଟି ଉଦାହରଣ ଦିଅ ଯାହା ଦୁଇଟି କାର୍ଯ୍ୟ ଏକା ସାଙ୍ଗରେ କରାଯାଇପାରିବ ।
୩. ଅଧ୍ୟୟନ ସ୍ଥାନ ପାଇଁ ଆବଶ୍ୟକ ସାମଗ୍ରୀର ସୂଚୀ

**୧୨.୩ କାର୍ଯ୍ୟ କେନ୍ଦ୍ର**

ଏବେ ତୁମେ ଭଲ ଭାବରେ ଜାଣିସାରିଛ ଯେ ପ୍ରତ୍ୟେକ କାର୍ଯ୍ୟକୁ ସର୍ବୋତ୍ତମ ଢ଼ଙ୍ଗରେ କରିବା ପାଇଁ ଏହାର ଆବଶ୍ୟକତା ଅନୁଯାୟୀ ବିଶେଷ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ଷେତ୍ର ରହିବା ଆବଶ୍ୟକ । କୌଣସି କାର୍ଯ୍ୟ କରିବା ପାଇଁ ନିର୍ଦ୍ଦିଷ୍ଟ କ୍ଷେତ୍ରକୁ କାର୍ଯ୍ୟକ୍ଷେତ୍ର କୁହାଯାଏ । ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ଆଲୋଚନାରୁ ତୁମେ ବୁଝିସାରିଲଣି ଯେ ଘରେ ପ୍ରତ୍ୟେକ କାର୍ଯ୍ୟପାଇଁ ଅଲଗା ଅଲଗା କୋଠରୀର ଆବଶ୍ୟକ ହୁଏନାହିଁ । ଆହୁରି ମଧ୍ୟ ଆଧୁନିକ ଘରେ ସ୍ଥାନ କମ୍ ହୋଇଥିବାରୁ ଓ ଅଧିକ କୋଠରୀର ସମ୍ଭାବନା ନଥିବାରୁ ଦୁଇଟି ବା ଅଧିକ ଏକ ସମାନ କାର୍ଯ୍ୟକୁ ମିଶାଇ ଗୋଟିଏ କୋଠରୀରେ କରାଯାଇପାରେ । କେବଳ ତୁମକୁ ପ୍ରତ୍ୟେକ କାର୍ଯ୍ୟକଳାପ ପାଇଁ ସ୍ଥାନ ନିରୂପଣ କରିବାକୁ ହେବ ।

ପେଟିକା-୩

ସାଧନ ପରିଚାଳନା



ଟିପ୍ପଣୀ

ପେଟିକା-୩

ସାଧନ ପରିଚାଳନା

ଟିପ୍ପଣୀ

## ୧୨.୪ ପାରିବାରିକ କାର୍ଯ୍ୟପାଇଁ ସ୍ଥାନ ପ୍ରବନ୍ଧନ

ଏବେ ଆମେ କାର୍ଯ୍ୟକ୍ଷେତ୍ର (କେନ୍ଦ୍ର)ରେ ହେବାକୁ ଥିବା ବିଭିନ୍ନ ଘରୋଇ କାର୍ଯ୍ୟକଳାପ ପାଇଁ ନିର୍ଦ୍ଦିଷ୍ଟ ଆବଶ୍ୟକତା ବିଷୟରେ ଆଲୋଚନା କରିବା ।

### (i) ରନ୍ଧନ କ୍ଷେତ୍ର

ରନ୍ଧନ କାର୍ଯ୍ୟକ୍ଷେତ୍ରକୁ ରୋଷେଇ ଘର କୁହାଯାଏ । ଯେଉଁଠି ରନ୍ଧନ ସମ୍ବନ୍ଧୀତ ସମସ୍ତ କାର୍ଯ୍ୟ କରାଯାଇଥାଏ । ନିଜ ଘରର ରୋଷେଇ ଘରକୁ ଅଧ୍ୟୟନ କରି ଦେଖ କି ବ୍ୟବସ୍ଥା ସନ୍ତୋଷଜନକ କିମ୍ବା ପରିବର୍ତ୍ତନର ଆବଶ୍ୟକତା ରହିଛି ।

ରୋଷେଇ ଘରେ ତୁମେ ଏମିତି କିଛି ଉପକରଣ ଓ ବସ୍ତୁ ରଖ ଯାହାର ଆବଶ୍ୟକତା ଦୈନିକ ହୋଇଥାଏ ଓ ଏମିତି କିଛି ବସ୍ତୁ ଥାଏ ଯାହାର ଆବଶ୍ୟକତା କମ୍ ହୋଇଥାଏ କିନ୍ତୁ ରୋଷେଇ ଘରେ ସମସ୍ତ ପ୍ରକାର ଜିନିଷର ଭଣ୍ଡାରଣ ହୋଇଥିବା ଆବଶ୍ୟକ । ଏଇଥିପାଇଁ, ତୁମେ ଆବଶ୍ୟକତା ଅନୁଯାୟୀ ଏହାକୁ ବିଭିନ୍ନ ଉଚ୍ଚତାରେ ରଖିବା ଉଚିତ୍ । ଯେଉଁ ବସ୍ତୁର ଆବଶ୍ୟକତା ଅଧିକ ହୋଇଥାଏ ଏହାକୁ ଏମିତି ସ୍ଥାନରେ ରଖିବା ଉଚିତ୍ ଯେଉଁଠି ସହଜରେ ପହଞ୍ଚି ହେବ ଓ ତୁମକୁ ଅନାବଶ୍ୟକ ଭାବରେ ନଇଁବାକୁ ବା ଉଠିବାକୁ ପଡ଼ିବ ନାହିଁ । ଭାରୀ ଓ ଅଧିକ ବ୍ୟବହାରରେ ଆସୁଥିବା ବସ୍ତୁ ଯେମିତି ଅଟା ଓ ଚାଉଳ ଡ଼ବା ତଳେ ରଖ ଯାହାଦ୍ୱାରା ଉପରୁ ଏହାକୁ କାଢ଼ିବାକୁ ପଡ଼ିବ ନାହିଁ । କମ୍ ବ୍ୟବହାର ଆସୁଥିବା ବସ୍ତୁକୁ ସାଧାରଣ ଠାରୁ କିଛି ଅଧିକ ଉଚ୍ଚତାରେ ରଖାଯାଇପାରିବ । ଏହାକୁ ମୃତ ଭଣ୍ଡାରଣ କୁହାଯାଏ । ତୁମେ ଏହି ସବୁ ଭଣ୍ଡାରଣ ବ୍ୟବସ୍ଥା ରୋଷେଇରେ ଦେଖିପାରିବ ।

କାର୍ଯ୍ୟକ୍ଷେତ୍ରର ଏହି ବ୍ୟବସ୍ଥା ଏହି କଥା ଉପରେ ନିର୍ଭର କରେ କି ରୋଷେଇ ବସିକି କରିବା କି ଠିଆ ହୋଇ କରିବା । ତୁମେ ଚିତ୍ର ୧୨.୧ ଓ ଚିତ୍ର ୧୨.୨ ଏହି ପାର୍ଥକ୍ୟ ପର୍ଯ୍ୟବେକ୍ଷଣ କରିପାରିବ ।




ଚିତ୍ର ୧୨.୧ ଠିଆ ହୋଇ ରାନ୍ଧିବା ରୋଷେଇ ଘରେ ବିଭିନ୍ନ ଭଣ୍ଡାରଣ ବ୍ୟବସ୍ଥା




**ଚିତ୍ର ୧୨.୨ ବସିକରି ରାନ୍ଧିବା ରୋଷେଇ ଘରେ ବିଭିନ୍ନ ଭଣ୍ଡାରଣ ବ୍ୟବସ୍ଥା**

ରୋଷେଇ ପୂର୍ବ ଆୟୋଜନ କ୍ଷେତ୍ର ରୋଷେଇ ଘରେ କରାଯାଇପାରିବ ବା କିଛି କାର୍ଯ୍ୟ ରୋଷେଇ ଘର ବାହାରେ ବି କରାଯାଇପାରିବ । ଉଦାହରଣ ସ୍ୱରୂପ ଖାଇବା କ୍ଷେତ୍ର ବା ବୈଠକରେ ଟେଲିଭିଜନ ଦେଖିବା ସମୟରେ ପରିବା କଟାଯାଇପାରିବ ବା ଡାଲି ଭିଜା ଯାଇପାରିବ । ଯାହାହେଉ, କାର୍ଯ୍ୟ ଶେଷ ହୋଇଗଲା ପରେ କାର୍ଯ୍ୟକ୍ଷେତ୍ର ଠିକ୍‌ରେ ପରିଷ୍କାର କରିନେବାରେ ଯତ୍ନବାନ୍ ହେବା ଉଚିତ୍ ।

ରାନ୍ଧିବା ପରେ ଖାଦ୍ୟ ପରଷା ହୋଇଥାଏ । ଯଦି ରୋଷେଇରେ ପର୍ଯ୍ୟାପ୍ତ ସ୍ଥାନ ଥାଏ ତେବେ ଖାଦ୍ୟ ସେଠାରେ ପରଷା ଯାଇପାରିବ ବା ବାହାରେ ଆଉ କୌଣସି କୋଠରୀରେ ପରଷା ଯାଇପାରିବ । ଯଦି କୋଠରୀ ଛୋଟ ହୋଇଥାଏ, ଖାଇବା ଟେବୁଲ୍ ରଖିବାରେ ସ୍ଥାନ କମ୍ ଥାଏ ତେବେ ଫୋଲଡ଼ିଙ୍ଗ୍ ଟେବୁଲ୍ କାନ୍ଥରେ ଲଗାଯାଇପାରିବ । ଆବଶ୍ୟକତା ଅନୁଯାୟୀ ଏହି ଟେବୁଲ୍‌କୁ ଖୋଲା ବା ବନ୍ଦ କରାଯାଇପାରିବ । ଟେବୁଲ୍ ପଛପଟେ କାନ୍ଥରେ ପ୍ଲେଟ୍, ଚାମଚ ଆଦି ରଖିବାରେ ବ୍ୟବହୃତ କରାଯାଇପାରିବ ।




ଚିତ୍ର ୧୨.୩ ଫୋଲଡ଼ିଙ୍ଗ୍ ଖାଇବା ଟେବୁଲ୍

ବାସନ ଧୋଇବା ସ୍ଥାନ ଖାଇବା କ୍ଷେତ୍ର ପାଖରେ ହେବା ଆବଶ୍ୟକ କାରଣ ଖାଦ୍ୟ ରାନ୍ଧିବା ସମୟରେ ପାଣିର ଆବଶ୍ୟକତା ପ୍ରତ୍ୟେକ ଚରଣରେ ହୋଇଥାଏ, ପୂର୍ବ ପ୍ରସ୍ତୁତି, ପ୍ରସ୍ତୁତି, ପରଷିବା ଓ ସଫା କରିବା । ଯଦି ପାଣିର ନିୟମିତ ବ୍ୟବସ୍ଥା ନଥାଏ ତେବେ ପାଣି ଭଣ୍ଡାର ରୋଷେଇ ଘରେ ବା ନିକଟରେ କରିବା ଉଚିତ୍ ।

*ପେଟିକା-୩*

ସାଧନ ପରିଚାଳନା



ଟିପ୍ପଣୀ

ପେଟିକା-୩

ସାଧନ ପରିଚାଳନା



ଟିପ୍‌ପଣୀ

ଉପଲବ୍‌ଧ ସ୍ଥାନ ହିସାବରେ ଉପରୋକ୍ତ ବ୍ୟବସ୍ଥା କରାଯାଇଥାଏ । ରୋଷେଇ ଘର ବିଭିନ୍ନ ପ୍ରକାରର ଯେଉଁଠି ବ୍ୟବସ୍ଥା କରାଯାଇଥାଏ । ରୋଷେଇ ପ୍ରବନ୍ଧରେ କାର୍ଯ୍ୟକ୍ଷେତ୍ରର ବ୍ୟବସ୍ଥା ନିମ୍ନଲିଖିତ ଉପାୟରେ କରାଯାଇପାରିବ ।

**ଗୋଟିଏ କାନ୍ଥର ରୋଷେଇ :** ଛୋଟ ଘରେ ଏହି ପ୍ରକାର ରୋଷେଇର ବ୍ୟବସ୍ଥା ହୋଇଥାଏ । ଯେଉଁଠି ରୋଷେଇର ସମସ୍ତ ଆୟୋଜନ ଯେମିତି ରନ୍ଧନ,ଭଣ୍ଡାରଣ ଓ ସଫାକରିବା ଗୋଟିଏ କାନ୍ଥରେ ହୋଇଥାଏ ।



ଚିତ୍ର ୧୨.୪ : ଏକ କାନ୍ଥ ରୋଷେଇ ଘର



ଚିତ୍ର ୧୨.୫ : ଦୁଇଟି କାନ୍ଥ ରୋଷେଇ ଘର

**ଦୁଇଟି କାନ୍ଥରେ ରୋଷେଇ :** ଏହି ରୋଷେଇ ପରସ୍ପର ସାମାନା ସାମନି ଦୁଇଟି କାନ୍ଥରେ ବ୍ୟବସ୍ଥା କରାଯାଇଥାଏ ।

**L ସେପ୍ ରୋଷେଇ :** ଏଠାରେ ଦୁଇଟି ପାଖାପାଖି କାନ୍ଥ ରୋଷେଇ ବ୍ୟବସ୍ଥା ପାଇଁ ବ୍ୟବହାର କରାଯାଇଥାଏ ।



ଚିତ୍ର ୧୨.୬ : L ଆକାରର ରୋଷେଇ ଘର



ଚିତ୍ର ୧୨.୭ : U ଆକାରର ରୋଷେଇ ଘର

**U ସେପ୍ ରୋଷେଇ :** ଏଠାରେ ତିନୋଟି ଯୋଡ଼ି ହୋଇଥିବା କାନ୍ଥ ରୋଷେଇ ବ୍ୟବସ୍ଥା ପାଇଁ ବ୍ୟବହୃତ ହୋଇଥାଏ ।

### (ii) ସ୍ନାନ କ୍ଷେତ୍ର



**ଚିତ୍ର ୧୨.୮ ସ୍ନାନ କକ୍ଷ**

ସ୍ନାନ କକ୍ଷରେ ସ୍ନାନ ଓ କପଡ଼ା ଧୋଇବା କାର୍ଯ୍ୟ କରାଯାଇଥାଏ । ଏଇଥିପାଇଁ ସ୍ନାନ ଘରେ ଗାଧୋଇବା ସାବୁନ୍, କପଡ଼ା ଧୋଇବା ସାବୁନ୍, ତେଲ ଅନ୍ୟ ପ୍ରସାଧାନ ସାମଗ୍ରୀ ଓ ତଉଲିଆ ରଖିବାର ବ୍ୟବସ୍ଥା ରହିଥିବା ଆବଶ୍ୟକ । ଏହା ସହିତ ଉଚିତ୍ ପାଣିର ଯୋଗାଣ ଓ ନାଳର ସୁବିଧା ହୋଇଥିବା ଆବଶ୍ୟକ । ସ୍ନାନ କକ୍ଷର ଚଟାଣ ମୁଖ୍ୟନାଳ ଆଡ଼କୁ ଗଡ଼ାଣିଆ ହେବା ଆବଶ୍ୟକ । ଚଟାଣ ଖସାଣିଆ ହେବା ଅନୁଚିତ୍ ।

ସମସ୍ତ ବିଜୁଳି ଯୋଗାଣ ପାଣିଠାରୁ ଦୂରରେ ହେବା ଉଚିତ୍, ଯେମିତି କୌଣସି ଦୁର୍ଘଟଣା ନ ହୁଏ ।

ଯଦି ସ୍ନାନ କକ୍ଷରେ ୱାସିଙ୍ଗ୍ ମେସିନ୍ ରଖିବାକୁ ଚାହଁ ତେବେ କପଡ଼ା ଧୋଇବା ସ୍ଥାନରେ ଉପଯୁକ୍ତ ଭାବରେ ରଖିବା ଆବଶ୍ୟକ । ମଇଳା କପଡ଼ା ରଖିବାର ସ୍ଥାନ ରହିବା ଆବଶ୍ୟକ ଯାହାଦ୍ୱାରା ସଫା କରିବାକୁ ଯିବା ସମୟରେ ଘରର ପ୍ରତ୍ୟେକ କୋଣରୁ ମଇଳା କପଡ଼ା ଏକାଠି କରିବା ନପଡ଼େ । କପଡ଼ା ଶୁଖାଇବାର ବ୍ୟବସ୍ଥା ଧୋଇବା ସ୍ଥାନ ପାଖରେ ହେବା ଉଚିତ୍ ଯାହାଦ୍ୱାରା କପଡ଼ା ଧୋଇବା ଓ ଶୁଖାଇବା ମଧ୍ୟରେ ଗମନାଗମନକୁ କମ୍ କରି ହେବ ।

**ପାଠଗତ ପ୍ରଶ୍ନ ୧୨.୨**

୧. ନିମ୍ନଲିଖିତ ବାକ୍ୟକୁ ବିଶ୍ଳେଷଣ କର :

(i) ଗୋଟିଏ କ୍ଷେତ୍ରରେ ଗୋଟିଏ କାର୍ଯ୍ୟପାଇଁ ପ୍ରବନ୍ଧନ କରିବା ଉଚିତ୍ ।

(ii) ଅଧିକ ବ୍ୟବହାରରେ ଆସୁଥିବା ସାମଗ୍ରୀ ଓ ଉପକରଣକୁ ଉପଯୁକ୍ତ ଉଚ୍ଚତାରେ ରଖିବା ଉଚିତ୍ ।

(iii) ସ୍ଥାନ ଅଭାବରେ ଫୋଲ୍ଡ଼ିଙ୍ଗ୍ ଟେବୁଲ୍ କାନ୍ଥରେ ଲଗାଇବା ଉଚିତ୍ ।

(iv) ଯେତେଦୂର ସମ୍ଭବ ପରସ୍ପରର ରନ୍ଧନ ପୂର୍ବ ପ୍ରସ୍ତୁତି ଓ ଧୋଇବା ସ୍ଥାନ ପାଖାପାଖି ହେବା ଉଚିତ୍ ।

ପେଟିକା-୩

ସାଧନ ପରିଚାଳନା



ଟିପ୍ପଣୀ





(v) ସ୍ନାନ କକ୍ଷର ଚଟାଣ ଅତ୍ୟଧିକ ପଲିସ୍ ହୋଇଥିଲେ ପରିଷ୍କାର ଦେଖାଯାଏ ।

(vi) ସାନକକ୍ଷରେ ବିଜୁଳି ପଏଣ୍ଟ ଯେକୌଣସି ସ୍ଥାନରେ ଦିଆଯାଇପାରିବ ।

୨. (କ) ଠିଆ ହୋଇ ରାନ୍ଧିବା ରୋଷେଇରେ ବିଭିନ୍ନ ଉଚ୍ଚତା ଅନୁଯାୟୀ ଉପଯୁକ୍ତ ଭଣ୍ଡାରଣ ପାଇଁ ଚିତ୍ର କରି ବୁଝାଅ । ଅଧିକ ଉପଯୋଗୀତା ପାଇଁ ଦୁଇଟି ପରିବର୍ତ୍ତନର ପରାମର୍ଶ ଦିଅ ।

(ଖ) ଯେକୌଣସି ଦୁଇ ପ୍ରକାର ରୋଷେଇ ପ୍ରବନ୍ଧନର ଚିତ୍ର ପ୍ରସ୍ତୁତ କର ।

***କାର୍ଯ୍ୟକଳାପ ୧୨.୧ :*** ତୁମ ରୋଷେଇ ଘରକୁ ଲକ୍ଷ୍ୟ କର, କାର୍ଯ୍ୟଦକ୍ଷତା ବୃଦ୍ଧି ନିମନ୍ତେ କାର୍ଯ୍ୟ ସଂଗଠନର ଚାରିଗୋଟି ପରିବର୍ତ୍ତନ ବିଷୟରେ ପରାମର୍ଶ ଦିଅ ।

**(iii) ଶୟନ କ୍ଷେତ୍ର :**

ଶୟନ କ୍ଷେତ୍ର ସାଧାରଣତଃ ଶୟନ କକ୍ଷରେ ହୋଇଥାଏ । ଶୟନ କ୍ଷେତ୍ରରେ ବିଶ୍ରାମ, ଶୟନ ଓ ନିଜେ ପ୍ରସ୍ତୁତ ହେବାର କାର୍ଯ୍ୟ ହୋଇଥାଏ । ଏହାଛଡ଼ା ଏହାର ବ୍ୟବହାର ଅଧ୍ୟୟନ ପାଇଁ ହୋଇଥାଏ । ପଢ଼ା ଟେବୁଲ୍, ଉପଯୁକ୍ତ ଆଲୋକ ଏବଂ ପୁସ୍ତକ ପାଇଁ ଉପଯୁକ୍ତ ସ୍ଥାନ ପ୍ରବନ୍ଧ କରିବା ଆବଶ୍ୟକ ।

ଯଦି ଶୟନ କକ୍ଷ ଖୁବ୍ ସାନ ତେବେ ଖଟ ଏମିତି କରିବା ଉଚିତ୍ ଯେମିତି ପିଲାଙ୍କ ଖଟ ବଡ଼ ଖଟର ତଳେ ରହିପାରିବ ଓ ଆବଶ୍ୟକ ଅନୁଯାୟୀ ଏହାକୁ ତଳକୁ ଖସେଇ ବାହାର କରାଯାଇପାରିବ ।

ଖଟ କାନ୍ଥରେ ଲଗାଯାଇପାରିବ ବା ଫୋଲଡ଼ିଙ୍ଗ୍ ହୋଇପାରିବ ବା ଗୋଟିଏ ଉପରେ ଗୋଟିଏ ବଙ୍କ (Bunk) ପଲଙ୍କ କରାଯାଇପାରିବ । ଏହାଛଡ଼ା ସାଧାରଣ ଚାରପାଇ ମଧ୍ୟ ବ୍ୟବହାରର କରାଯାଇପାରିବ ଯାହାକୁ ବ୍ୟବହାର ନଥିବା ସମୟରେ ବାହାରକୁ ଅଣାଯାଇପାରିବ ।

ଶୟନ କକ୍ଷରେ ବାକ୍ସ ବା ଡ୍ରୟର ବାଲା ପଲଙ୍କ ବ୍ୟବହାର କରିହେବ ଯାହା ଜିନିଷ ରଖିବାରେ ବ୍ୟବହୃତ ହୋଇପାରିବ । ଖଟତଳ ସଫା କରିବା ସହଜ କରିବା ପାଇଁ ପଲଙ୍କରେ ଚକ ଲଗାଯାଇପାରିବ । ପଲଙ୍କର ଦୁଇ ପାଖରେ କିଛି ଜାଗା ଛାଡ଼ିବା ଉଚିତ୍ ଯାହାଦ୍ୱାର ଚାଦର ଠିକ୍‌ରେ ବିଛାଯାଇପାରିବ ।



ଚିତ୍ର ୧୨.୯ ଖସେଇ ବାହାର କରିବା ପଲଙ୍କ

ପଲଙ୍କର ଉଭୟ ପାର୍ଶ୍ୱରେ ଛୋଟ ଟେବୁଲ୍ ରଖାଯାଇପାରିବ । ଯେଉଁଥିରେ ନିୟମିତ ବ୍ୟବହାର ହେଉଥିବା ଛୋଟ ଜିନିଷ ଯେମିତି ଟେବୁଲ୍ ଲ୍ୟାମ୍ପ, ଘଣ୍ଟା, ବହି ଓ ପାଣି ଆଦି ରଖିବାରେ ବ୍ୟବହୃତ ହୋଇପାରିବ । ପ୍ରସାଧନ ଟେବୁଲ୍ ପରିବର୍ତ୍ତେ କାନ୍ଥରେ ଦର୍ପଣ ଲଗାଇ ସ୍ଥାନ ସଂରକ୍ଷଣ କରାଯାଇପାରିବ ।

ଶୟନ କକ୍ଷରେ ଅଧ୍ୟୟନ ଟେବୁଲ୍‌ର ମଧ୍ୟ ବ୍ୟବସ୍ଥା କରାଯାଇପାରିବ ଏହା ସାଧାରଣ ଟେବୁଲ୍ ହୋଇପାରେ ବା ଫୋଲ୍‌ଡ଼ିଙ୍ଗ୍ ଟେବୁଲ୍ ହୋଇପାରେ ଯାହା ଆବଶ୍ୟକ ସମୟରେ ଖୋଲାଯାଇପାରିବ । ଏହି ଅଧ୍ୟୟନ ଟେବୁଲ୍ କାନ୍ଥରେ ଲାଗିଥିବା ଖାଇବା ଟେବୁଲ୍ ପରି ହୋଇଥାଏ ଯାହା ତୁମେ ପୂର୍ବରୁ ପଢ଼ିସାରିଛ । ଏଠାରେ କାନ୍ଥର ସ୍ଥାନରେ ବହି ଓ ଲେଖା ଲେଖି ସାମଗ୍ରୀ ରଖାଯାଇପାରିବ ।

ଆଲମାରୀ ବା ୱାର୍ଡ୍‌ରୋବ୍ କାନ୍ଥରେ ଓ ଛାତରେ ଉଚ୍ଚା ପର୍ଯ୍ୟନ୍ତ କରାଯାଇପାରିବ ଯାହାଦ୍ୱାରା ଏହା କମ୍ ସ୍ଥାନରେ ଅଧିକ ଜିନିଷ ରଖିବାର ବ୍ୟବସ୍ଥା ହୋଇପାରିବ ।

ଯଦି ଶୟନ କକ୍ଷ ବୈଠକରେ ହୁଏ ତେବେ ଏକ କୋଠରୀ ବାଲା ଘରେ ଫୋଲ୍‌ଡ଼ିଙ୍ଗ୍ ପଲଙ୍କ ବା ଦିୱାନ୍‌ର ବ୍ୟବସ୍ଥା କରାଯାଇପାରିବ ।

**ପେଟିକା-୩**

ସାଧନ ପରିଚାଳନା



ଟିପ୍ପଣୀ

### (iv) ଅଧ୍ୟୟନ କ୍ଷେତ୍ର

ଅଧ୍ୟୟନ ଟେବୁଲ୍ ଏମିତି ଜାଗାରେ ରହିବା ଉଚିତ୍ ଯେଉଁଠି ଅଧିକ ପ୍ରାକୃତିକ ଆଲୋକ ଓ କୃତ୍ରିମ ଆଲୋକ ଏବଂ ଶବଦ୍ ବା ପାଟିତୁଣ୍ଡ ନଥିବ ।

ଅଧ୍ୟୟନ କ୍ଷେତ୍ର ଶୟନ କକ୍ଷରେ କରାଯାଇପାରିବ ଯାହା ତୁମେ ଆଗରୁ ପଢ଼ିସାରିଛ ଓ ଖାଇବା ଘରେ ମଧ୍ୟ କରାଯାଇପାରେ । ଖାଇବା ଟେବୁଲ୍ ଲେଖିବା ପାଇଁ ବ୍ୟବହୃତ ହୋଇପାରିବ । ଗୋଟିଏ ବହି ଆଲମିରାକୁ କାନ୍ଥରେ ରଖାଯାଇପାରିବ ଯେଉଁଠି ବହିଖାତା ଓ ଲେଖାଲେଖି ସାମଗ୍ରୀ ରଖାଯାଇପାରିବ ।

### (v) ମନୋରଂଜନ କ୍ଷେତ୍ର

ପରିବାରର ସମସ୍ତ ସଦସ୍ୟ ଯେଉଁଠି ଏକାଠି ହୋଇ କଥାବାର୍ତ୍ତା କରନ୍ତି, ଟି.ଭି ଦେଖିଥାନ୍ତି ବା ଏହିପରି କିଛି ଅନ୍ୟ କାର୍ଯ୍ୟ କରିଥାନ୍ତି, ଏହି କ୍ଷେତ୍ରକୁ ମନୋରଂଜନ କ୍ଷେତ୍ର କୁହାଯାଇଥାଏ । ଏହି କୋଠରୀ ବୈଠକ ହୋଇପାରେ ବା ମିଶାମିଶି ଶୟନ କକ୍ଷ ବା ବୈଠକ ଘର ହୋଇପାରେ ।

ଔପଚାରିକ ମନୋରଂଜନ କ୍ଷେତ୍ର ବୈଠକ ଘର ହେବା ଉଚିତ୍ । ଯଦି ଏହି କକ୍ଷ ଖୁବ୍ ବଡ଼ ହୋଇଥାଏ ତେବେ ଏହାକୁ ଦୁଇଭାଗରେ ବିଭକ୍ତ କରାଯାଇପାରେ । ଗୋଟିଏ ଭାଗ ବୈଠକ ପାଇଁ ଯେଉଁଠି ସୋଫା, ଟେବୁଲ୍ ଚୌକି ଆଦି ରଖାଯାଇପାରେ ଓ ଅନ୍ୟ ଭାଗଟି ଖାଇବା କ୍ଷେତ୍ର ଭାବରେ ବ୍ୟବହାର କରାଯାଇପାରିବ । ଦୁଇ କ୍ଷେତ୍ରକୁ ବିଭକ୍ତ କରିବା ପାଇଁ ଆଲମାରୀ ବା ସେଲଫ୍ ବ୍ୟବହାର କରାଯାଇପାରିବ ଯାହା ବିଭିନ୍ନ ସାଜସଜ୍ଜା ଜିନିଷ ରଖିବାରେ ସାହାଯ୍ୟ କରିବ ।

ଯଦି ଏହି ଆଲମାରୀରେ ଖାଇବା ଟେବୁଲ୍‌କୁ ଫୋଲଡ଼ କରି ରଖାଯିବାର ବ୍ୟବସ୍ଥା ଥାଏ ଓ ଏହି କ୍ଷେତ୍ରକୁ ପିଲାଙ୍କ ଖେଳିବା କ୍ଷେତ୍ର ବା ସାଧାରଣ କାର୍ଯ୍ୟକ୍ଷେତ୍ର ଭାବରେ ବ୍ୟବହୃତ ହୋଇପାରିବ ।

ଯେମିତି ଆଗରୁ କୁହାଯାଇଛି ଯେ ରାତ୍ରୀ ସମୟରେ ଫୋଲ୍‌ଡ଼ିଙ୍ଗ୍ ପଲଙ୍କ ପକାଇ ସାଧାରଣ ଲିଭିଙ୍ଗ୍ କକ୍ଷକୁ ଅତିଥି କକ୍ଷରେ ପରିବର୍ତ୍ତିତ କରାଯାଇପାରିବ । ଆହୁରି, ସୋଫା ସହିତ ପଲଙ୍କକୁ ଦିନରେ ସୋଫା ଓ ରାତିରେ ପଲଙ୍କରେ ବ୍ୟବହାର କରାଯାଇପାରିବ ।



**ଚିତ୍ର ୧୨.୧୦ : ସୋଫା କମ୍ ବେଡ୍**

ପେଟିକା-୩

ସାଧନ ପରିଚାଳନା

ଟିପ୍ପଣୀ

୧୨.୫ ଗୋଟିଏ କୋଠରୀ ବିଶିଷ୍ଟ ଘର

ତୁମେ ଶିଖିଲ ଯେ ବିଭିନ୍ନ କକ୍ଷର ପ୍ରୟୋଗ ବିଭିନ୍ନ ଘରୋଇ କାର୍ଯ୍ୟକଳାପ ପାଇଁ କରାଯାଇଥାଏ । କିନ୍ତୁ ଘର ଯଦି ଏକ କୋଠରୀ ବିଶିଷ୍ଟ ହୋଇଥାଏ ତେବେ ସବୁ କାର୍ଯ୍ୟକ୍ଷେତ୍ର ଗୋଟିଏ କୋଠରୀରେ ହୋଇଥାଏ । ତୁମେ କଣ ଗୋଟିଏ ଚିତ୍ର କରି ଏହି ସବୁ କାର୍ଯ୍ୟକ୍ଷେତ୍ରର ବ୍ୟବସ୍ଥା ଗୋଟିଏ କୋଠରୀରେ କରି ଦେଖାଇପାରିବ ? ଠିକ୍ ଅଛି, ଏହି ପ୍ରକାର ବ୍ୟବସ୍ଥା ନିମ୍ନମତେ କରାଯାଇପାରିବ :




ଚିତ୍ର ୧୨.୧୧ ଏକ କୋଠରୀ ବିଶିଷ୍ଟ ଘରେ ସମ୍ଭବ କାର୍ଯ୍ୟକ୍ଷେତ୍ରର ପ୍ରବନ୍ଧନ

**୧୨.୬ କାର୍ଯ୍ୟକ୍ଷେତ୍ରକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ପରାମର୍ଶ :**

କାର୍ଯ୍ୟକ୍ଷେତ୍ରକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ କିଛି ପରାମର୍ଶ :

- କାର୍ଯ୍ୟ ସୁବିଧାରେ ହେବାପାଇଁ କାର୍ଯ୍ୟକ୍ଷେତ୍ରର ବ୍ୟବସ୍ଥା ଗୋଟିଏ କ୍ରମରେ ହବା ଉଚିତ୍ । ଉଦାହରଣ ସ୍ୱରୂପ ରୋଷେଇରେ କ୍ରମ ଏମତି ହେବା ଉଚିତ୍ - ପ୍ରଥମେ ପୂର୍ବ ପ୍ରସ୍ତୁତି କରିବା, ଧୋଇବା, ରାନ୍ଧିବା ଓ ପରେ ପରଷିବା
- ଜିନିଷ ରଖିବାର ସମସ୍ତ ଡ଼ବା ସ୍ୱଚ୍ଛ ହେବ ବା ଏଥିରେ ନାମ ଫଳକ ରହିବା ଆବଶ୍ୟକ ।
- ସମସ୍ତ କାର୍ଯ୍ୟକ୍ଷେତ୍ର ଏମିତି ହେବା ଉଚିତ୍ ଯାହାର ପରିଷ୍କୃତି ଓ ରକ୍ଷଣା ବେକ୍ଷଣ ସହଜ ହେବ ।
- ଯେତେ ସମ୍ଭବ ସେତେ ଭଣ୍ଡାରଣ ପାଇଁ କାନ୍ଥରେ ଆଲମିରା ହେବା ଉଚିତ୍ ଯାହାଦ୍ୱାରା କ୍ୟାବିନେଟ୍ ଓ ଆଲ୍‌ମାରୀ ଚଟାଣରେ ସ୍ଥାନ ଅଧିକାର କରିନଥାଏ ।
- ଅତିରିକ୍ତ ଭଣ୍ଡାରଣ ବ୍ୟବସ୍ଥା ସିଡ଼ି ତଳେ, ଝରକା ତଳେ ଓ ଭାଡ଼ିକରି ରଖାଯାଇପାରିବ ।

**ପାଠଗତ ପ୍ରଶ୍ନ ୧୨.୩**

୧. ସ୍ଥାନ ସଂରକ୍ଷଣ କରିବା ବାଲା ଚାରିଗୋଟି ଚୟନ ନିମନ୍ତେ ବ୍ୟବହୃତ ଫର୍ଣ୍ଣିଚରର ଉଦାହରଣ ଦିଅ ।

୨. ନିମ୍ନଲିଖିତ କାର୍ଯ୍ୟକ୍ଷେତ୍ର ପ୍ରବନ୍ଧନ ପାଇଁ ପରାମର୍ଶ ଦିଅ ।

(i) ଅଧ୍ୟୟନ

(ii) ମନୋରଂଜନ

(iii) ସ୍ନାନ

୩. ସଞ୍ଚିତ ସ୍ଥାନ ବିଭିନ୍ନ କାର୍ଯ୍ୟକଳାପ ପାଇଁ ବ୍ୟବହୃତ ହୋଇଥାଏ । ଦୁଇଟି ଉଦାହରଣ ଦେଇ ବର୍ଣ୍ଣନା କର ।

***କାର୍ଯ୍ୟକଳାପ ୧୨.୨ :*** ଯେକୌଣସି ଘରର ବିଭିନ୍ନ କୋଠରୀ ପାଇଁ ବହୁ ଉପଯୋଗୀ ଫର୍ଣ୍ଣିଚର୍ର ଅନ୍ତତଃ ୧୦ଟି ଚିତ୍ର ସଂଗ୍ରହ କର । ଏହି ଚିତ୍ରକୁ ନେଇ ଏକ ଛୋଟ ବହି ପ୍ରସ୍ତୁତ କର । ଏହି ଫର୍ଣ୍ଣିଚରର ବିଶେଷ ଗଢ଼ଣକୁ ଉଲ୍ଲେଖ କର ।

**୧୨.୭ ସ୍ଥାନ ପ୍ରବନ୍ଧନ ଓ ସୌନ୍ଦର୍ଯ୍ୟ ମଧ୍ୟରେ ସମ୍ବନ୍ଧ**

ଯେବେ ଆମେ ବିଭିନ୍ନ କାର୍ଯ୍ୟକଳାପ ପାଇଁ ସ୍ଥାନ ପ୍ରବନ୍ଧନ କରିଥାଏ, ଏହା କେବଳ ସୁବ୍ୟବସ୍ଥିତ ନ ହୋଇ ଆକର୍ଷକ ହେବ । ଆମର ଲକ୍ଷ୍ୟ ହେବା ଉଚିତ୍ । ଏହା ଘରର ସମସ୍ତ କକ୍ଷ ଏମିତି କି ସ୍ନାନ କକ୍ଷ ଓ ରୋଷେଇ ପାଇଁ ମଧ୍ୟ ଲାଗୁ ହୋଇଥାଏ । ଘରର ସମସ୍ତ କକ୍ଷ ସୁରୁଚିପୂର୍ଣ୍ଣ ହେବା ଉଚିତ୍ । ଯଦି କାର୍ଯ୍ୟକ୍ଷେତ୍ର ଆକର୍ଷକ ହୋଇଥାଏ ତେବେ ତୁମକୁ ବସିବା, ଉଠିବା ଓ କାର୍ଯ୍ୟକରିବା ପାଇଁ ଭଲ ଲାଗିଥାଏ । ଏହା ମଧ୍ୟ କାର୍ଯ୍ୟ ଦକ୍ଷତାକୁ ବଢ଼ାଇଥାଏ । କାର୍ଯ୍ୟକ୍ଷେତ୍ରକୁ ଆକର୍ଷକ କରିବା ପାଇଁ ନିମ୍ନଲିଖିତ ବିଷୟକୁ ଧ୍ୟାନ ଦେବା ଉଚିତ୍ ।

- ଫର୍ଣ୍ଣିଚର୍ର ଆକାର – କାର୍ଯ୍ୟକ୍ଷେତ୍ର ଅନୁଯାୟୀ ଫର୍ଣ୍ଣିଚରର ଆକାର ହେବା ଉଚିତ୍ । ଛୋଟ କକ୍ଷ ପାଇଁ ଛୋଟ ଓ ହାଲକା ଫର୍ଣ୍ଣିଚର୍ ହେବା ଉଚିତ୍ ହୋଇଥାଏ ।
- ବ୍ୟବସ୍ଥିତ ସାଜସଜ୍ଜା – ଯେଉଁ ବସ୍ତୁଗୁଡ଼ିକର ପ୍ରୟୋଗ ହେଉନଥାଏ ଏହାକୁ ବ୍ୟବସ୍ଥିତ ରଖିବା ଦ୍ୱାରା ସ୍ଥାନ ପରିଷ୍କାର ଓ ଆକର୍ଷକ ଲାଗିଥାଏ ।
- ଫର୍ଣ୍ଣିଚର୍, ବିଭିନ୍ନ ଉପକରଣ ଓ ଅନ୍ୟ ସାମଗ୍ରୀ ବ୍ୟବସ୍ଥା – ଏମିତି ହେବା ଉଚିତ୍ ଯେମିତି ଏହା ଲୋକମାନଙ୍କ ଯିବା ଆସିବାରେ ଅସୁବିଧା ନ କରେ ।
- ଆଲୋକର ବ୍ୟବସ୍ଥା – ଅଧିକ ଆଲୋକ ଯୁକ୍ତ ଛୋଟ କକ୍ଷ କମ୍ ଆଲୋକ ଯୁକ୍ତ ବଡ଼ କକ୍ଷ ଅପେକ୍ଷା ଅଧିକ ଚମକଦାର ଓ ବଡ଼ ପତିତ ହୋଇଥାଏ ।
- ଏକ କୋଠରୀ ବିଶିଷ୍ଟ ଘରେ ସମସ୍ତ କାର୍ଯ୍ୟକ୍ଷେତ୍ର ଏମିତି ବ୍ୟବସ୍ଥିତ ହେବା ଉଚିତ୍ ଯେମିତି ଏହା ଏକରୁ ଅନ୍ୟ ପ୍ରକାର ଲାଗିବା ଆବଶ୍ୟକ ।
- ରଙ୍ଗ- କାର୍ଯ୍ୟକ୍ଷେତ୍ରର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ । ଉଦାହରଣ ସ୍ୱରୂପ- ଅନ୍ଧାରୁଆ, ଛୋଟ କକ୍ଷରେ ହାଲକା ରଂଗ ଦେଲେ ଏହା ଆଲୋକ ଯୁକ୍ତ ବଡ଼ ମନେ ହୋଇଥାଏ ।
- ଘର ମଧ୍ୟରେ ଗଛ ଓ ସୌନ୍ଦର୍ଯ୍ୟ ସାମଗ୍ରୀ ରଖିବାରେ – ଆକର୍ଷକ କରାଯାଇପାରିବ ।

*ପେଟିକା-୩*

ସାଧନ ପରିଚାଳନା



ଟିପ୍ପଣୀ

ପେଟିକା-୩

ସାଧନ ପରିଚାଳନା



ଟିପ୍ପଣୀ

**ପାଠଗତ ପ୍ରଶ୍ନ ୧୨.୪**

୧. କାର୍ଯ୍ୟକ୍ଷେତ୍ରକୁ ଅଧିକ ପ୍ରଭାବ ଯୁକ୍ତ କରିବା ପାଇଁ ଆବଶ୍ୟକ ଜିନିଷର ସୂଚୀ ପ୍ରସ୍ତୁତ କର ।

୨. "କକ୍ଷର ଆକାର, ଫର୍ଣ୍ଣିଚର୍ ଆକାର ଉପରେ କୌଣସି ପ୍ରଭାବ ପକାଇନଥାଏ" - ଟିପ୍ପଣୀ କର ।

୩. କୌଣସି କାର୍ଯ୍ୟ କରିବା ପାଇଁ ଉପଯୁକ୍ତ ଉପକରଣ ଓ ଅନ୍ୟ ସାମଗ୍ରୀ କାର୍ଯ୍ୟକ୍ଷେତ୍ରରେ ନିର୍ଦ୍ଦିଷ୍ଟ ସ୍ଥାନରେ କାହିଁକି ରଖିବା ଉଚିତ୍ ।

୪. କୌଣସି କୋଠରୀକୁ ସଜେଇବା ସମୟରେ ରଂଗର ଭୂମିକା କଣ ହୋଇଥାଏ ?

***କାର୍ଯ୍ୟକଳାପ ୧୨.୩ :*** ତୁମେ ତୁମର ପଡୋଶୀଙ୍କ ଘରକୁ ଯାଇ, ତାଙ୍କର ବୈଠକ ଓ ରୋଷେଇ ଘରର ଏମିତି କିଛି କଥା ଲେଖ ଯାହା ଏହାକୁ ଆକର୍ଷକ କରିଥାଏ ।

**ତୁମେ କଣ ଶିଖିଲ**





ଟିପ୍‌ପଣୀ

**ପାଠ୍ୟାନ୍ତ ପ୍ରଶ୍ନ**

୧. ସ୍ଥାନ ପ୍ରବନ୍ଧନ କହିଲେ ତୁମେ କ'ଣ ବୁଝ ? ଏହାର ମହତ୍ତ୍ୱ ବୁଝାଅ ।

୨. ଉପଯୁକ୍ତ ଭଣ୍ଡାରଣ ଓ ମୃତ ଭଣ୍ଡାରଣ ମଧ୍ୟରେ ପାର୍ଥକ୍ୟ କର ।

୩. "ପରିବାରର ମୁଖ୍ୟ କାର୍ଯ୍ୟ- କେତେକ ଉପକାର୍ଯ୍ୟରେ ବିଭକ୍ତ କରାଯାଇପାରିବ" ଉଦାହରଣ ଦେଇ ବୁଝାଅ ।

୪. କାର୍ଯ୍ୟକ୍ଷେତ୍ର କହିଲେ ତୁମେ କ'ଣ ବୁଝ ?

୫. ନିମ୍ନଲିଖିତ ଉପ କାର୍ଯ୍ୟକ୍ଷେତ୍ର ପାଇଁ ବିଶେଷ ଆବଶ୍ୟକତା ଉଲ୍ଲେଖ କର ।
- ରାନ୍ଧିବା କ୍ଷେତ୍ର
- ପିଲାଙ୍କ ଖେଳିବା କ୍ଷେତ୍ର
- ସ୍ଥାନ କ୍ଷେତ୍ର

୬. କାର୍ଯ୍ୟକ୍ଷେତ୍ରକୁ ଅଧିକ ପ୍ରଭାବଶୀଳ କରିବା ପାଇଁ ପରାମର୍ଶ ଦିଅ ।

୭. ଶୟନ କକ୍ଷକୁ ଶୋଇବା ଛଡ଼ା ଆଉ କେଉଁ କାର୍ଯ୍ୟ ପାଇଁ ବ୍ୟବହାର କରାଯାଇପାରିବ ଓ ଏଥିପାଇଁ କି କି ବ୍ୟବସ୍ଥା କରାଯିବା ଆବଶ୍ୟକ ?

୮. କୌଣସି ଗୋଟିଏ କକ୍ଷର ଘରେ ସମସ୍ତ କାର୍ଯ୍ୟ ବ୍ୟବସ୍ଥା ପାଇଁ ଫର୍ଣ୍ଣିଚର ତଥା ଅନ୍ୟ ଉପକରଣରେ କି ପରିବର୍ତ୍ତନ କରାଯାଇପାରିବ ?

୯. କାର୍ଯ୍ୟକ୍ଷେତ୍ରରେ ସୌନ୍ଦର୍ଯ୍ୟର ଉପକାରିତା ବତାଅ । କୌଣସି କାର୍ଯ୍ୟକ୍ଷେତ୍ରକୁ ଆକର୍ଷକ କରିବା ପାଇଁ ପରାମର୍ଶ ଦିଅ ।

**ପାଠଗତ ପ୍ରଶ୍ନର ଉତ୍ତର**

୧୨.୧୧. ପାଠ ଦେଖ

୨. - କପଡ଼ା ଧୋଇବା + କେକ୍ ପ୍ରସ୍ତୁତି
- ବୁଣିବା + ଟି.ଭି ଦେଖିବା
- ପରିବା କାଟିବା + ଟି.ଭି ଦେଖିବା
- ପରିବା ରାନ୍ଧିବା + ବାସନ ଧୋଇବା

୧୨.୨୧. (i) ନା, ସ୍ଥାନର ଉଚିତ୍ ପ୍ରୟୋଗ ପାଇଁ ଗୋଟିଏ କ୍ଷେତ୍ରରେ ଗୋଟିଏରୁ ଅଧିକ କାର୍ଯ୍ୟ କରାଯାଇଥାଏ । ଯେମିତି -ବୈଠକକୁ ରାତିରେ ଶୋଇବା ପାଇଁ ବ୍ୟବହାର କରାଯାଇଥାଏ ।

(ii) ହଁ, ଏଥିରେ କାର୍ଯ୍ୟ କମ୍ ହୋଇଥାଏ ଯାହାଦ୍ୱାରା ସମୟ ଓ ଶକ୍ତି ସଂଚୟ ହୋଇଥାଏ ।

(iii) ହଁ, ଯେବେ ବ୍ୟବହାର ନ ଲାଗିଥାଏ, ଏହାକୁ ଫୋଲଡ଼୍ (ବନ୍ଦ) କରିବା ଦ୍ୱାରା ଯିବା ଆସିବା ପାଇଁ ଅନେକ ସ୍ଥାନ ମିଳିଯାଇଥାଏ ।

(iv) ହଁ, ଏହା ସମ୍ବନ୍ଧୀତ କାର୍ଯ୍ୟ ଅଟେ । ଏହାକୁ ଏକାଠି କରାଯାଇପାରିବ, ଯାହାଦ୍ୱାରା ସମୟ ଓ ଶକ୍ତି ସଂଚୟ କରାଯାଇପାରିବ ।

(v) ନା, ଏହାଦ୍ୱାରା ଚଟାଣ ଖସାଣିଆ ହୋଇ ଦୁର୍ଘଟଣା ହୋଇପାରେ ।

(vi) ନା, ଏହାକୁ ପାଣିର ସ୍ରୋତ ଠାରୁ ଦୂରରେ ରଖିବା ଉଚିତ୍ ।

**ପେଟିକା-୩**

ସାଧନ ପରିଚାଳନା



ଟିପ୍ପଣୀ

୧୨.୩. ୧. ଫୋଲ୍‌ଡିଙ୍ଗ୍, ଖଟ, ବାକ୍ସ ବାଲା ଖଟ, ଦିୱାନ, ସୋଫା ବାଲା ପଲଙ୍କ, ବାହାରକୁ ଖସାଇବା ପଲଙ୍କ

୨. ପାଠ ଦେଖ ।

୧୨.୪୧. (i) ଭୂଲ୍

(ii) ଭୂଲ୍

(iii) ସତ୍ୟ

(iv) ସତ୍ୟ

(v) ଭୂଲ୍

***For more information log on to :***

***www.Ikea.com/nk/planning/planning***



ଟିପ୍ପଣୀ

# ୧୩

# ଆୟ ପରିଚାଳନା

ମୀନାକୁ ଯେବେ ପ୍ରଥମ ଥର ପାଇଁ ପକେଟ୍ ଖର୍ଚ୍ଚ ପାଇଁ ପଇସା ମିଳିଲା ସେତେବେଳେ ସେ ଭାବିଥିଲା ଯେ ମାସ ସାରା ତାର କଣ ଆବଶ୍ୟକତା ଅଛି । ସେ ସାଙ୍ଗେ ସାଙ୍ଗେ ଜାଣିବା ଆରମ୍ଭ କରିଦେଲା । ସେ ଏହି ପଇସାରେ ଗୋଟିଏ ଆଇସ୍‌କ୍ରିମ୍ କିଣିବାକୁ ମଧ୍ୟ ଚାହିଁଥିଲା । ଆସ୍ତେ ଆସ୍ତେ ମୀନାକୁ ଏହା ଜଣାଗଲା ଯେ ଯେତିକି ପଇସା ତା ପାଖରେ ଅଛି ଏଥିରେ ସେ ନିଜର ସମସ୍ତ ଆବଶ୍ୟକତାକୁ ତ ପୂରଣ କରିପାରିବ ନାହିଁ । ମୀନାର ଆଗରେ ଏବେ ଏହି ସମସ୍ୟା ଅଛି ଯେ ସେ ନିଜର ପଇସାକୁ କିପରି ଭାବରେ ଖର୍ଚ୍ଚ କରିବ ଯାହାଦ୍ୱାରା ତାର ଆବଶ୍ୟକତା ପୂରଣ ହେବା ସହିତ ସେ ଏକ ଆଇସ୍‌କ୍ରିମ୍ ମଧ୍ୟ କିଣିପାରିବ ।

ଆପଣ ମଧ୍ୟ କେବେ ଆପଣଙ୍କ ଜୀବନରେ ଏପରି ସମସ୍ୟାର ସମ୍ମୁଖୀନ ହୋଇଥିବେ । ଆପଣ ମଧ୍ୟ ଚାହିଁଥିବେ କି ଆପଣଙ୍କ ଏହି ପଇସା ସବୁ ଆବଶ୍ୟକତା ଏବଂ ଇଚ୍ଛାକୁ ପୂରଣ କରିଦେଉ । କେବଳ, ଇଚ୍ଛା କଲେ ସବୁ ସମସ୍ୟାର ସମାଧାନ ହେବନି, ପଇସାକୁ ଉପଯୁକ୍ତ ଭାବରେ ଖର୍ଚ୍ଚକଲେ ସମସ୍ୟାର ସମାଧାନ ହୋଇଥାଏ । ଏହି ପାଠରେ ଆପଣ ପଇସାକୁ କିପରି ଉପଯୁକ୍ତ ଭାବରେ ଖର୍ଚ୍ଚ କରିବେ ତାହା ଶିଖିବେ ।

**ଲକ୍ଷ୍ୟ**

ଏହି ପାଠକୁ ପଢ଼ିବା ପରେ ଆପଣ ନିମ୍ନଲିଖିତକୁ କରିପାରିବେ :

- "ପରିବାରର ଆୟ" କହିଲେ ତୁମେ କ'ଣ ବୁଝ ଓ ଏହାର ବିଭିନ୍ନ ଉପାଦାନ ଉପରେ ଆଲୋଚନା କର ।
- ବ୍ୟୟ ଯୋଜନା କରିବା ପାଇଁ ମାର୍ଗଦର୍ଶିତାର ଆବଶ୍ୟକତା
- "ଆୟ ପରିଚାଳନା" କହିଲେ କ'ଣ ବୁଝ ଓ ଏହାର ପ୍ରଣାଳୀ ବର୍ଣ୍ଣନା କର ।
- ପରିବାରର ଆୟ ବ୍ୟୟକ ଅଟକଳର ତାଲିକା ରଖିବା
- ଅଧିକ ପାରିବାରିକ ଆୟ ଅର୍ଜନ କରିବାର ଆବଶ୍ୟକତା ଓ ପ୍ରଣାଳୀ
- "ସଞ୍ଚୟ ଓ ନିବେଶ"ର ଧାରଣା ବିଷୟରେ ବର୍ଣ୍ଣନା କର ।
- ଅର୍ଥ ପରିଚାଳନାରେ ଆର୍ଥିକ ସଂସ୍ଥା ଗୁଡ଼ିକର କାର୍ଯ୍ୟ ବିଷୟରେ ବର୍ଣ୍ଣନା କର ।
- କିଛି ଲକ୍ଷଣକୁ ଆଧାର କରି ଉପଯୁକ୍ତ ନିବେଶ ଯୋଜନାର ଚୟନ କରିବା ।



ଟିପ୍ପଣୀ

## ୧୩.୧ ପାରିବାରିକ ଆୟ

ପାରିବାରିକ ଆୟ କହିଲେ ସଦସ୍ୟମାନଙ୍କର ଆବଶ୍ୟକତା ଯାହାଦ୍ୱାରା ପୂରଣ କରାଯାଇଥାଏ । ଆୟରେ କଣ ଆସିଥାଏ ? ଆପଣ କହିବେ ଯେ କେବେଳ "ପଇସା" କିନ୍ତୁ ପଇସା ଛଡ଼ା ଏପରି କେତେକ ସେବା ଓ ବସ୍ତୁ ଅଛି ଯାହା କି ପଇସା ପରି ପରିବାର ପାଇଁ କାର୍ଯ୍ୟ କରିଥାଏ । ଏହିପରି ଭାବରେ ଆପଣ ପରିବାରର ଆୟକୁ ବର୍ଣ୍ଣନା କରିପାରିବେ ।




ଚିତ୍ର : ୧୩.୧

| |
|---|
| ପରିବାରର ଆୟ କହିଲେ ଟଙ୍କା, ଜିନିଷ ଓ ସେବାକୁ ବୁଝାଏ ଯାହାକି ପରିବାରର ଆବଶ୍ୟକତା ଓ ଚାହିଦାକୁ ପୂରଣ କରିବା ପାଇଁ ପରିବାରକୁ ମିଳିଥାଏ । |

ଆସନ୍ତୁ, ଏହି ବିଷୟରେ କିଛି ଅଧିକ ଶିକ୍ଷା କରିବା ।

**ଟଙ୍କା**

ଟଙ୍କା ହାତକୁ ଆସିଥିବା ନଗଦ ଅର୍ଥ । ଏହାକୁ ସାଧାରଣ ଭାବରେ ଆର୍ଥୀକ ଆୟ ବୋଲି କୁହାଯାଏ । ଏହା ବିଭିନ୍ନ ଆଧାରରୁ ମିଳିଥାଏ ଯଥା :-

- ଆପଣଙ୍କର କାର୍ଯ୍ୟସ୍ଥଳ ଯଥା : ଚାକିରୀ, ବ୍ୟବସାୟ
- ପୂରା ବା ଅଧା ଘର ଭଡ଼ାରେ ଦିଆଯାଇଥିବା ଘର ଉପରୁ ମିଳିଥାଏ ।
- ସୁଧରୁ, ଯାହା ଆପଣ ଆପଣଙ୍କ ଟଙ୍କାକୁ ବ୍ୟାଙ୍କରେ ଜମା ରଖିପାରିବେ ।
- ଘରୋଇ ଉତ୍ପାଦନର ପଦାର୍ଥର ଉଦାହରଣ – ଆଚାର, କଣ୍ଢେଇ ଓ ପୋଷାକ ଇତ୍ୟାଦି ତିଆରି କରି ତାକୁ ବିକ୍ରିକରି

**ଜିନିଷ ପତ୍ର ଓ ସେବା**

ଆପଣଙ୍କ ପରିବାରକୁ ଖର୍ଚ୍ଚ ବିନା ବିଭିନ୍ନ ପ୍ରକାରର ଜିନିଷ ଓ ସେବା ସୁବିଧା ମିଳିଥାଏ ଯଥା :

- ନିଜର ରହିବାପାଇଁ ଘର ଯାହା ବିନା ଭଡ଼ାରେ ସରକାର ବା ମାଲିକ ଦ୍ୱାରା ମିଳିଥାଏ ।
- ନିଜ କମ୍ପାନୀ ତରଫରୁ ଗାଡ଼ି
- ନିଜ ପରିବା ବଗିଚାରୁ ବିଭିନ୍ନ ପରିବା
- ଚାକର ବିନା ନିଜେ ସମସ୍ତ ଘରକାର୍ଯ୍ୟ କରିବା
- ଦର୍ଜି ବିନା ପରିବାରର ଲୁଗାକୁ ନିଜେ ସିଲେଇ କରିବା
- ନିଜର ଉପକରଣଗୁଡ଼ିକର ଉପଯୁକ୍ତ ଯତ୍ନ ନେବା ଯାହାଦ୍ୱାରା ମରାମତି କରିବା ପାଇଁ ଖର୍ଚ୍ଚ ପଡ଼େନାହିଁ ।

ଏହି ସମସ୍ତ ବସ୍ତୁ ଏବଂ ସେବା ଯାହା ପରିବାରକୁ ସାହାଯ୍ୟ କରିଥାଏ ତାହାକୁ ପ୍ରକୃତ ଆୟ କୁହାଯାଏ ।

| ପାରିବାରିକ ଆୟ = ଆର୍ଥୀକ ଆୟ + ପ୍ରକୃତ ଆୟ |
|---|

**ଆବଶ୍ୟକତା /ଚାହିଦା**

ଚାହିଦାକୁ ପୂରା କରିବାକୁ ଆବଶ୍ୟକତା କୁହାଯାଏ । ନିଜର ଜୀବନକୁ ବଞ୍ଚାଇବା ପାଇଁ ଓ ସୁସ୍ଥ ରହିବା ପାଇଁ ଆମେ ଖାଦ୍ୟର ଆବଶ୍ୟକତା କରୁ । ନିଜର ଶରୀରକୁ ରକ୍ଷାକରିବା ଲୁଗା ଓ ଘରର ଆବଶ୍ୟକତା ହୋଇଥାଏ । ଏଥିଲାଗି ଖାଦ୍ୟ, ଲୁଗା ଓ ଘର ଆମର ମୂଳ ଆବଶ୍ୟକତା ଅଟେ । ଏହି ଆବଶ୍ୟକତା ଗୁଡ଼ିକ ଆମର ବଞ୍ଚିବା ପାଇଁ ସାହାଯ୍ୟ କରିଥାଏ । ଅନ୍ୟ କେତେଗୁଡ଼ିଏ ଆବଶ୍ୟକତା ମଧ୍ୟ ଅଛି ଯାହା ଆମ ଜୀବନ ନିର୍ବାହକୁ ସହଜ କରିଥାଏ । ଉଦାହରଣ ସ୍ୱରୂପ ଏକ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ସହଜରେ ଯିବାପାଇଁ ବସ୍, ସାଇକେଲ୍ ବା କାର୍‌ର ଆବଶ୍ୟକତା ହୋଇଥାଏ କିନ୍ତୁ ଯଦି ତୁମ ପାଖରେ ଏଗୁଡ଼ିକ ମଧ୍ୟରୁ କିଛି ବି ନାହିଁ, ତେବେ ଚାଲିକି ଯିବାକୁ ହେବ । ବସ୍, ସାଇକେଲ୍, ସ୍କୁଟର୍ ଆଦି ଆମ ଯାତାୟତକୁ ସୁଗମ କରିଥାଏ ।

ଅନ୍ୟାନ୍ୟ କେତେକ ଆବଶ୍ୟକତାର ଗୋଟିଏ ତାଲିକା ପ୍ରସ୍ତୁତ କର ଯାହା ଆମର ଜୀବନକୁ ସହଜ କରିବାରେ ସାହାଯ୍ୟ କରିବ ।

**ଇଚ୍ଛା**

ଯେତେବେଳେ ତୁମର ସମସ୍ତ ଆବଶ୍ୟକତା ପୂରଣ ହୋଇଥାଏ ସେତେବେଳେ ତୁମେ ନିଜର ଇଚ୍ଛାକୁ ପୂରଣ କରିବା ଉଚିତ୍ । ତୁମର ଇଚ୍ଛା ତୁମର ଆବଶ୍ୟକତା ନୁହେଁ, କିନ୍ତୁ ତୁମେ ତଥାପି ତାକୁ ପୂରଣ କରିବାକୁ ଚାହୁଁଛ । ଉଦାହରଣ ସ୍ୱରୂପ - ତୁମେ ଗୋଟିଏ ନିର୍ଦ୍ଦିଷ୍ଟ ଜାଗାରେ ତିନୋଟି ବେଡ଼ରୁମ୍ ଥିବା ଘର କିମ୍ବା ଘରର କାନ୍ଥରେ ଟାଙ୍ଗିବା ପାଇଁ କୌଣସି ଚିତ୍ର ଚାହୁଁଛ ।

ତୁମେ କହିପାରିବ ଯେ ଆବଶ୍ୟକତା ଗୁଡ଼ିକ ଜରୁରୀ ଅଟେ ଯାହାକି ଜୀବନକୁ ସରଳ କରିଦିଏ ମାତ୍ର ଇଚ୍ଛାଗୁଡ଼ିକ ରହିବା ଦ୍ୱାରା ତୁମକୁ ଖୁସି ଅନୁଭବ ହେବ । ଟଙ୍କା ଦ୍ୱାରା ତୁମେ ନିଜର ଆବଶ୍ୟକତା ଏବଂ ଇଚ୍ଛା ପୂରଣ କରିପାରିବ । ଯେମିତି ତୁମକୁ ଏକ ପଙ୍ଖାର ଆବଶ୍ୟକତା ଅଛି ଓ ଗାଲିଚା କିଣିବାକୁ ଇଚ୍ଛା ଅଛି । ଟଙ୍କା ଦ୍ୱାରା ତୁମେ ଦୁଇଟି ପଦାର୍ଥ କିଣିପାରିବେ । ତୁମ ପରିବାରକୁ ଉପଲବ୍ଧ ହେଉଥିବା ସେବା ଓ ବସ୍ତୁ ଦ୍ୱାରା ତୁମର ଆବଶ୍ୟକତା ଏବଂ ଇଚ୍ଛା ପୂରଣ କରାଯାଇପାରିବ । ତୁମର ଘରର ଆବଶ୍ୟକତା ତୁମେ କାର୍ଯ୍ୟ କରୁଥିବା କମ୍ପାନୀ ଦ୍ୱାରା ପୂରଣ ହୋଇପାରିଥାଏ । ଏକ ସୁନ୍ଦର ପୋଷାକର ଇଚ୍ଛାକୁ ନିଜେ ବା ଆପଣଙ୍କର ମା' କୁଶଳତାପୂର୍ବକ ସିଲେଇ କରି ପୂରଣ କରିଥାନ୍ତି ।

***କ୍ରିୟାକଳାପ ୧୩.୧ :*** ନିଜର ବା ଅନ୍ୟ କୌଣସି ଜଣାଥିବା ଦୁଇଟି ପରିବାରର ଆୟର ଆଧାରଗୁଡ଼ିକ ଦେଖ । ନିଜର ପାଠରେ ଦିଆଯାଇଥିବା ସୂଚୀ ସହିତ ତୁଳନା କର ।

**ପାଠଗତ ପ୍ରଶ୍ନ ୧୩.୧**

୧. ନିମ୍ନଲିଖିତ ବାକ୍ୟରେ ଦିଆଯାଇଛି ଯେ କେଉଁଟି ଆର୍ଥୀକ ଆୟ ଓ କେଉଁଟି ପ୍ରକୃତ ଆୟ ବର୍ଣ୍ଣନା କର ।

(କ) ନିଜ ପରିବାର ପାଇଁ ଆଚାର କରିବା (................................)

(ଖ) ନିଜର ଉତ୍ପାଦିତ ପରିବାରକୁ ବିକ୍ରି କରିବା (................................)

(ଗ) ବରାଦ ଦିଆଯାଇଥିବା କେକ୍ କରିବା (................................)

ପେଟିକା-୩

ସାଧନ ପରିଚାଳନା



ଟିପ୍ପଣୀ

(ଘ) ନିଜର ଜାମା ନିଜେ ସିଲେଇ କରିବା (................................)

(ଙ) ବିଦ୍ୟାର୍ଥୀଙ୍କୁ ଟିଉସନ୍ କରି ପଢ଼ାଇବା (................................)

(ଚ) ପ୍ରତିଦିନ ନିଜର ଗାଡି ନିଜେ ସଫା କରିବା (................................)

(ଛ) ବ୍ୟାଙ୍କରେ ଟଙ୍କା ଜମା ରଖି ସେଥିରୁ ସୁଧ ପାଇବା (................................)

(ଜ) ନିଜ ଘରର ବିଜୁଳିକୁ ନିଜେ ମରାମତି କରିବା (................................)

(ଝ) କମ୍ପାନୀ ଦ୍ୱାରା ସ୍କୁଟର୍ ମିଳିବା (................................)

୨. ନିମ୍ନଲିଖିତ ଅନୁଚ୍ଛେଦ ପଢ଼ିକରି ଉତ୍ତର ଦିଅ ।

ଶ୍ରୀ ଲାଲ୍ ଓ ଶ୍ରୀ ଆନନ୍ଦ ଉଭୟଙ୍କୁ ପ୍ରତି ମାସରେ ୫୦୦୦ଟଙ୍କା ଲେଖାଏଁ ମିଳେ । ଶ୍ରୀଲାଲଙ୍କୁ ତାଙ୍କ କାର୍ଯ୍ୟାଳୟରେ ମାଗଣା ମଧ୍ୟାହ୍ନ ଖାଦ୍ୟ ଓ ସ୍କୁଟର୍ ପାଇଁ ଖର୍ଚ୍ଚ ମିଳେ । ଶ୍ରୀ ଆନନ୍ଦଙ୍କୁ କାର୍ଯ୍ୟାଳୟ ପାଖରେ ମାଗଣା ଘର ରହିବାକୁ ଦିଆଯାଇଛି ।

(କ) ଦୁଇଜଣଙ୍କ ମଧ୍ୟରେ କାହାର ଆୟ ଅଧିକ ଅଟେ ?

(ଖ) କାରଣ ଲେଖି ବର୍ଣ୍ଣନା କର ।

---

## ୧୩.୨ ବ୍ୟୟ

> ପରିବାରର ବିଭିନ୍ନ ଆବଶ୍ୟକତାକୁ ପୂରଣ କରିବା ପାଇଁ ଟଙ୍କା ଖର୍ଚ୍ଚ କରି ବିଭିନ୍ନ ବସ୍ତୁ ଓ ସେବାକୁ କିଣିବାକୁ ବ୍ୟୟ କୁହାଯାଏ ।

**ଜିନିଷ /ବସ୍ତୁ**

ତୁମକୁ ଦୈନିକ ଜୀବନରେ ବିଭିନ୍ନ ପଦାର୍ଥର ଆବଶ୍ୟକ ହୋଇଥାଏ, ଉଦାହରଣ ସ୍ୱରୂପ ଖାଦ୍ୟ ସାମଗ୍ରୀ, ରନ୍ଧନ ପାଇଁ ବାସନ, ଲୁଗା ଧୋଇବା ପାଇଁ ସାବୁନ, ଲୁଗା ସୁନ୍ଦର କରିବା ପାଇଁ ଇସ୍ତ୍ରୀ ଆଦି । ନିଜ ଘରକୁ ଦେଖିବା ପରେ ତୁମକୁ ବିଭିନ୍ନ ବିଭିନ୍ନ ଆବଶ୍ୟକୀୟ ଜିନି ଦେଖାଯିବ । ନିଜ ସ୍ନାନାଗାରରେ ରଖାଯାଇଥିବା ପଦାର୍ଥଗୁଡ଼ିକର ତାଲିକା କରିବେ ।

**ସେବା**

ସେବା ଆବଶ୍ୟକୀୟ ସୁବିଧା ଅଟେ ଯେଉଁଥିରେ ତୁମର ଜୀବନ ଯାପନ ସହଜ ହୋଇଥାଏ । ଉଦାହରଣ ସ୍ୱରୂପ ଅନ୍ୟ ସହରରେ ରହୁଥିବା ତୁମର ମିତ୍ର ସହିତ କଥାବାର୍ତ୍ତା କରିବାକୁ ଚାହୁଁଛନ୍ତି, ତୁମକୁ ତାଙ୍କ ଘରକୁ ଯିବାପାଇଁ ଆବଶ୍ୟକ ନାହିଁ । ତୁମେ ଘରେ ବସି ତାଙ୍କ ସହିତ ଫୋନ୍‌ରେ କଥାବାର୍ତ୍ତା କରିପାରିବେ । ଟେଲିଫୋନ୍ ସୁବିଧା ଛଡ଼ା ତୁମେ ଅନ୍ୟ କୌଣସି ସୁବିଧା ଘରେ ରହି ଉପଯୋଗ କରିପାରିବ ? ହଁ, ବିଜୁଳି, ଆଲୋକ-ପାଣିର ସୁବିଧା । ଯଦି ତୁମେ ବାହାରକୁ ଯିବାକୁ ଚାହୁଁଛ ତେବେ ଯାତାୟତ ସୁବିଧା ପାଇପାରିବ । ଯଦି ତୁମେ ବେମାର/ରୋଗରେ ପୀଡ଼ିତ ହେଲ ତେବେ ସରକାରୀ ଚିକିତ୍ସାଳୟର ସୁବିଧା ପାଇପାରିବ । ଅନ୍ୟକିଛି ସୁବିଧା ମଧ୍ୟରେ ପୋଲିସ୍ ସୁରକ୍ଷା, ଡ୍ରେନ୍ ସୁବିଧା ଓ ଅଗ୍ନି ସମନ ସୁରକ୍ଷା ମଧ୍ୟ ଅନ୍ତର୍ଭୁକ୍ତ ଅଟେ ।

ନିଜ ଘର ସ୍ଥାନରେ ବୁଲିକି ଦେଖିପାରିବ ତୁମକୁ କେଉଁ ସୁବିଧା ମିଳିପାରୁଛି । ଏହି ସେବା ଓ ବସ୍ତୁପାଇଁ ତୁମକୁ ଟଙ୍କା ଦେବାକୁ ପଡ଼ିଥାଏ । ଏହା ଉପରେ ଖର୍ଚ୍ଚ କରାଯାଉଥିବା ଟଙ୍କାକୁ **ବ୍ୟୟ** କୁହାଯାଏ ।

**୧୩.୨.୧ ବ୍ୟୟ ଯୋଜନା କରିବା ପାଇଁ ମାର୍ଗଦର୍ଶୀତା :**

ଯଦି ତୁମେ ଖର୍ଚ୍ଚ କରାଯାଉଥିବା ଟଙ୍କାର ଉପଯୁକ୍ତ ଲାଭ ଉଠାଇବାକୁ ଚାହୁଁଛ ତେବେ ତୁମକୁ ବ୍ୟୟ ଯୋଜନା କରିବାର ଆବଶ୍ୟକତା ଅଛି, ଟଙ୍କାକୁ କିପରି ଉପଯୁକ୍ତ ମାର୍ଗରେ ଖର୍ଚ୍ଚ କରିବ, ଏହା ଯୋଜନାର କରିବା ଦ୍ୱାରା ଶିକ୍ଷା ମିଳିଥାଏ । ଏହିପରି ଯୋଜନା କଲାବେଳେ ନିମ୍ନଲିଖିତ ବିଷୟ ଉପରେ ଧ୍ୟାନ ରଖିବ ।

◆ ହାତରେ ଥିବା ଆର୍ଥୀକ ଆୟକୁ ବିଭିନ୍ନ ହିସାବରେ ଖର୍ଚ୍ଚ କରିବାପାଇଁ ଭାଗ କରାଯାଇଛି । ଯଥା: ଖାଦ୍ୟ, ପୋଷାକ, ଘର, ଶିକ୍ଷା, ଯାତାୟତ, ଘରୋଇ ଉପକରଣ, ଆମୋଦ ପ୍ରମୋଦ ଓ ସଞ୍ଚୟ ।

- ତୁମେ ଯେପରି ପ୍ରଥମରୁ ପଢ଼ିସାରିଛ ଯେ ଖାଦ୍ୟ, ପୋଷାକ ଓ ବାସଗୃହ ମୌଳିକ ଆବଶ୍ୟକତା ଅଟେ । ଏହାକୁ ପ୍ରାଥମିକ ଆବଶ୍ୟକତା ମଧ୍ୟ କହିପାରିବେ । ବାକି ଅନ୍ୟ ଆବଶ୍ୟକୀୟ ପଦାର୍ଥ ଦ୍ୱିତୀୟ ଆବଶ୍ୟକତା ଅଟେ । ତୁମେ ପ୍ରଥମେ ନିଜର ପ୍ରାଥମିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ଟଙ୍କା ଖର୍ଚ୍ଚ କରିବ ।

- ବିଭାଗର ଗୁରୁତ୍ୱ ଅନୁସାରେ ତୁମେ ଖର୍ଚ୍ଚ କରିବ । ଉଦାହରଣ ସ୍ୱରୂପ -ଖାଇବା ଅପେକ୍ଷା ଯଦି ତୁମେ ପୋଷାକକୁ ବେଶୀ ଗୁରୁତ୍ୱ ଦେବ ତେବେ ସେଥିପାଇଁ ଅନ୍ୟୁନ ଟଙ୍କା ରଖିବ । ଯଦି ଶିକ୍ଷାକୁ ତୁମେ କମ୍ ଗୁରୁତ୍ୱ ଦେବ ତେବେ ସେଥିପାଇଁ କମ୍ ଟଙ୍କା ରଖିବ ।

- ଗୋଟିଏ ମାସ ପାଇଁ ତିଆରି ହୋଇଥିବା ଖର୍ଚ୍ଚ ଯୋଜନା ପୁରା ମାସ ପାଇଁ ଯୋଜନା ହେବା ଉଚିତ୍ । ଉଦାହରଣ ସ୍ୱରୂପ - ଯଦି ଖାଦ୍ୟ ପାନୀୟ ପାଇଁ ଟ୧୦୦୦ ରଖିଛନ୍ତି ତେବେ ପୁରା ମାସ ପର୍ଯ୍ୟନ୍ତ ଚଳିବା ପାଇଁ ଯଥେଷ୍ଟ ଦେବା ଉଚିତ୍ ।

◆ ତୁମର ପ୍ରାଥମିକ ଓ ଗୌଣ ଆବଶ୍ୟକତା ପୂରଣ କଲାପରେ, ବଳକା ରହିଥିବା ଧନକୁ ତୁମେ ତୁମର କିଛି ଇଚ୍ଛାକୁ ପୂରଣ କରିବା ପାଇଁ ଖର୍ଚ୍ଚ କରିପାରିବ । ଇଚ୍ଛା ପୂରଣରେ ଜୀବନରେ କିଛି ଆତ୍ମସନ୍ତୋଷ /ଆରାମ ମିଳିଥାଏ । ଯଦି ଟଙ୍କା ପୁଣି ବଳିଲା ତେବେ ତୁମେ କିଛି ବିଳାସ ସାମଗ୍ରୀକୁ ସେଥିରେ ଅନ୍ତର୍ଭୁକ୍ତ କରିବ । ବିଳାସ ଅପେକ୍ଷା ଆରାମଦାୟକ ପଦାର୍ଥ ସହଜରେ ଅଣାଯାଇପାରେ ।

ଯେତେବେଳେ ତୁମ ଘରର ସମସ୍ତ ଆବଶ୍ୟକତା ପୂରଣ ହୋଇଯିବ ସେତେବେଳେ ତୁମେ କିଛି ଆରାମଦାୟକ ବସ୍ତୁ କିଣିବା ପାଇଁ ଚାହିଁବ । ଯଥା- ଗୋଟିଏ କୁଲର୍ ବା ପଙ୍ଖା କିଣିପାରିବ ।

ଯେତେବେଳେ ତୁମର ଅଧିକାଂଶ ଆରାମଦାୟକ ଆବଶ୍ୟକତା ପୂରଣ ହୋଇଯିବ ସେତେବେଳେ ବିଳାସପୂର୍ଣ୍ଣ ବସ୍ତୁମାନଙ୍କ ବିଷୟରେ ଭାବିବ । ବର୍ତ୍ତମାନ ତୁମେ ତୁମର ରୁମ୍‌ରେ ଏୟାର କଣ୍ଡିସନର୍ ଲଗାଇପାରିବ । ଏହିପରି ତୁମେ ସଂକ୍ଷିପ୍ତରେ ଆବଶ୍ୟକତା ଇଚ୍ଛାଗୁଡ଼ିକୁ ନିମ୍ନରେ ଦିଆଯାଇଥିବା କ୍ରମ ଅନୁସାରେ ଲେଖିପାରିବ ।

ପେଟିକା-୩

ସାଧନ ପରିଚାଳନା



ଟିପ୍‌ପଣୀ




ଚିତ୍ର ୧୩.୨ :
ପ୍ରାଥମିକ ଆବଶ୍ୟକତା



ଚତ୍ର ୧୩.୩ :
ଗୌଣ ଆବଶ୍ୟକତା



ଚିତ୍ର ୧୩.୪ :
ବିଳାସ ଦ୍ରବ୍ୟ

◆ ଯେତେବେଳେ ତୁମର ବର୍ତ୍ତମାନର ଆବଶ୍ୟକତା ଏବଂ ଇଚ୍ଛାଗୁଡ଼ିକ ପୂରଣ ହୋଇଯିବ ତେବେ ତୁମକୁ ଭବିଷ୍ୟତର ଆବଶ୍ୟକତା ଗୁଡ଼ିକ ବିଷୟରେ ଭାବିବା ଉଚିତ୍ । ଭବିଷ୍ୟତରେ ଇଚ୍ଛା ପୂରଣ କରିବା ପାଇଁ ଅଧିକ ଧନର ଆବଶ୍ୟକତା ହୋଇପାରେ । ଉଦାହରଣ- ବିବାହ । ତୁମର ମାସିକ ଆୟ ସେହି ସମୟରେ ଏହି ଚାହିଦାକୁ ପୂରଣ କରିବା ପାଇଁ ଯଥେଷ୍ଟ ହୋଇନପାରେ । ତୁମେ ସେହି ପରିସ୍ଥିତିରେ ନିଜକୁ ସାହାଯ୍ୟ କରିବା ପାଇଁ କଣ କରିବ ? ହଁ, ତୁମେ ଚୁପ୍ ହୋଇପାରିବ । ହଁ, ତୁମେ ତୁମର ଆୟର କିଛି ଭାଗ ଭବିଷ୍ୟତରେ ଆବଶ୍ୟକତା ପୂରଣ କରିବା ପାଇଁ ଅଲଗା ରଖି ପାରିବ । ଏହାକୁ ସଂଚୟ କୁହାଯାଏ । ସଂଚୟ କରିବା ପାଇଁ ଏହା ଜରୁରୀ ହେବା ଆବଶ୍ୟକ ଯେ ସବୁ ସମୟରେ ତୁମର ସମୁଦାୟ ଆୟରୁ ସମୁଦାୟ ଖର୍ଚ୍ଚ କମ୍ ହେଉଥିବ ।




ଚିତ୍ର ୧୩.୫

**ପାଠଗତ ପ୍ରଶ୍ନ ୧୩.୨**

୧. ନିମ୍ନ ଲିଖିତ ପଦାର୍ଥଗୁଡ଼ିକରୁ ଯେଉଁଟି ପ୍ରଥମେ ଖର୍ଚ୍ଚ କରିବ ସେଥିରେ ଠିକ୍ ଚିହ୍ନ (✓) ଦେବ । ନିଜ ଉତ୍ତରର କାରଣ ଦର୍ଶାଇବ ।

(କ) ଛୁଟିରେ ବାହାରକୁ ବୁଲିବାକୁ ଯିବା କିମ୍ୱା ରେଫ୍ରିଜେରଟର୍ କିଣିବା

(ଖ) ଆଇସ୍‌କ୍ରିମ୍ କିଣିବା କିମ୍ୱା ପିଲାମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ କିଣିବା

(ଗ) ମିକ୍ସ ଗ୍ରାଇଣ୍ଡର କିଣିବା କିମ୍ବା ସାଧାରଣ ପର୍ଦ୍ଦା ବଦଳରେ ନୂଆ ସୁନ୍ଦର ପର୍ଦ୍ଦା କିଣିବା

(ଘ) ଥଣ୍ଡା ପାଇଁ ଗରମ ପୋଷାକ କିଣିବା କିମ୍ବା ଭାକ୍ୟୁମ୍ କ୍ଲିନର୍ କିଣିବା

(ଙ) ଘର କିଣିବା କିମ୍ବା ଛୁଟିରେ ବିଦେଶ ଯାତ୍ରା କରିବା ।

ପେଟିକା-୩

ସାଧନ ପରିଚାଳନା



ଟିପ୍ପଣୀ

## ୧୩.୩ ଆୟ ପରିଚାଳନା

| |
|---|
| ପରିବାରର ଆୟକୁ ଯୋଜନା ପୂର୍ଣ୍ଣ, ନିୟନ୍ତ୍ରିତ ଓ ଉପଯୁକ୍ତ ଭାବରେ ବ୍ୟବହାର କରିବାକୁ ଆୟ ପରିଚାଳନା କୁହାଯାଏ । |

ଏ ପର୍ଯ୍ୟନ୍ତ ତୁମର ପରିବାରର ବିଭିନ୍ନ କ୍ଷେତ୍ରରେ କରାଯାଉଥିବା ବ୍ୟୟ ବିଷୟରେ ପଢ଼ିଲ, ଯାହାକି ତୁମେ ତୁମର ଆୟରୁ କରିଥାଅ । ସମୟ ସମୟରେ ମାସ ଶେଷ ହେବା ପୂର୍ବରୁ ମାସିକ ଆୟ ସରିଯାଏ । ଏପରି ନ ଘଟିବା ପାଇଁ ତୁମେ କଣ କରିବ ? ହଁ ତୁମେ ତୁମର ଆୟକୁ ଏପରି ଭାବରେ ଖର୍ଚ୍ଚ କରିବ ଯାହାଫଳରେ କି ମାସ ଶେଷ ହେବା ପର୍ଯ୍ୟନ୍ତ ତୁମ ପାଖରେ ଖର୍ଚ୍ଚ କରିବା ପାଇଁ ଟଙ୍କା ଥିବ । ଏହିପରି ବିଭିନ୍ ବିଷୟରେ ଟଙ୍କାକୁ ବାଣ୍ଟି ଖର୍ଚ୍ଚ କରିବାକୁ ଆୟ ପରିଚାଳନା କୁହାଯାଏ ।

### ୧୩.୩.୧ ଆୟ ପରିଚାଳନା ପ୍ରଣାଳୀ

ଦଶମ ଅଧ୍ୟାୟରେ ଆୟ ପରିଚାଳନାର ବିଭିନ୍ନ ପ୍ରଣାଳୀ ବିଷୟରେ ପଢ଼ିଲ । ଆସନ୍ତୁ ଦେଖିବା ଆୟ ପରିଚାଳନା କଲାବେଳେ ଏଥିପାଇଁ କେଉଁ ପ୍ରକାର ପ୍ରଣାଳୀ ବ୍ୟବହାର କରାଯାଉଛି ।

ପରିବାର ଆୟର ବ୍ୟବହାରର ଯୋଜନା :

ତୁମ ପରିବାର ଆୟକୁ ଖର୍ଚ୍ଚ କରିବାର ଯୋଜନା ବିଷୟରେ ପ୍ରଥମେ ପଢ଼ି ସାରିଲେଣି । ଆୟକୁ ଖର୍ଚ୍ଚ କରିବା ପୂର୍ବରୁ ତୁମକୁ ଧ୍ୟାନ ଦେବାକୁ ହେବ ଯେପରି ଆୟର କିଛି ପରିମାଣ ସଂଚୟ ପାଇଁ ରହିବ ।

ପରିବାରର ଆୟକୁ ବ୍ୟବହାର କଲାବେଳେ ନିୟନ୍ତ୍ରଣ ରଖିବା, ତୁମେ ତୁମର ଖର୍ଚ୍ଚ ଉପରେ ନିୟନ୍ତ୍ରଣ ସଂଯମତାକୁ ଦୁଇଟି ଉପାୟରେ ରଖିପାରିବ ।

୧. ଧ୍ୟାନ ରଖିବ ଟଙ୍କା ଯେପରି ବରବାଦ ହେବନି । ଉଦାହରଣ ସ୍ୱରୂପ ଟଙ୍କା ବରବାଦ ନକରି ଯେତିକି ଆବଶ୍ୟକ ସେତିକି ମାତ୍ରରେ ଜିନିଷ କିଣିବା ପାଇଁ ଟଙ୍କା ଖର୍ଚ୍ଚ କରିବ । ସରକାରୀ ଭଣ୍ଡାର କିମ୍ବା ସମବାୟ ବିକ୍ରେତାଙ୍କ ଠାରୁ କମ୍ ଦାମରେ ଜିନିଷ କିଣିବା ଦ୍ୱାରା ଟଙ୍କା ସଞ୍ଚିତ ହେବ ।

୨. ସମୟ, ଶକ୍ତି, ଦକ୍ଷତା ଓ ଜ୍ଞାନର ଉପଯୁକ୍ତ ବ୍ୟବହାର କରି ଅଧିକ ବ୍ୟୟକୁ ଦୂର କରିହେବ । କଣ ଆପଣଙ୍କର ମନେଅଛି ଏହାକୁ କଣ କହନ୍ତି ? ହଁ, ତୁମେ ବିଲ୍‌କୁଲ୍ ସତ, ଏହା ପ୍ରକୃତ ଆୟ ଅଟେ । ଯଦି ଆପଣଙ୍କ ଆୟର ଉପଯୁକ୍ତ ଯୋଜନା ସହିତ ସୁନିୟନ୍ତ୍ରିତ ବ୍ୟବହାର ହୁଏ ତେବେ ଆପଣଙ୍କର ଆବଶ୍ୟକତାଗୁଡ଼ିକ ସହିତ ଇଚ୍ଛାଗୁଡ଼ିକ ହିଁ ପରିପୂର୍ଣ୍ଣ ହେବ ।

ଟଙ୍କାର ବ୍ୟବହାର ପାଇଁ କୌଣସି ସୁକଳ୍ପିତ ଯୋଜନା ନାହିଁ । ସମାନ ଆୟ ପାଉଥିବା ପରିବାରଗୁଡ଼ିକ ମଧ୍ୟରେ ଆବଶ୍ୟକତା ଓ ଇଚ୍ଛାଗୁଡ଼ିକ ଜରୁରୀ ନୁହେଁ ଯେ ଏକାଭଳି ହେବ । ଉଦାହରଣ ସ୍ୱରୂପ- ଦୁଇଟି ପରିବାର ଯାହାର ଆୟ ପ୍ରତିମାସକୁ ୫୦୦୦ଟଙ୍କା ଅଟେ ଯାହାର ଆବଶ୍ୟକତା ଓ ଇଚ୍ଛାଗୁଡ଼ିକ ଭିନ୍ନ ଭିନ୍ନ ହୋଇଥାଏ କାରଣ ଗୋଟିଏ ପରିବାର ଗାଁରେ ରହନ୍ତି ଓ ଅନ୍ୟ ଜଣେ ସହରରେ । ସେମାନଙ୍କର ଆୟର ପରିଚାଳନା ତେଣୁ ଭିନ୍ନ ହେବ ଯାହାକି ସେମାନଙ୍କର ଆବଶ୍ୟକତା ଓ ଇଚ୍ଛାଗୁଡ଼ିକ ଉପରେ ନିର୍ଭର କରିବ ।

ପେଟିକା-୩

ସାଧନ ପରିଚାଳନା

ଟିପ୍ପଣୀ

**୧୩.୪ ଆୟ ଓ ବ୍ୟୟର ହିସାବ ନଥି ରଖିବା**

ଆପଣ ଯେମିତି ଆପଣଙ୍କର ପରିବାରର ବ୍ୟୟଯୋଜନା କରିଛନ୍ତି ତେବେ ଏହାମଧ୍ୟ ଆବଶ୍ୟକ ହୋଇଥାଏ କି ଆପଣ ନିଜର ଯୋଜନାକୁ ଅନୁସରଣ କରିବେ । ଏହାକୁ କରିବା ପାଇଁ ଆପଣଙ୍କୁ ଖର୍ଚ୍ଚ ଉପରେ ନିୟନ୍ତ୍ରଣ କରିବାକୁ ହେବ ।




**ଚିତ୍ର ୧୩.୬**

ନିଜର ଖର୍ଚ୍ଚକୁ ନିୟନ୍ତ୍ରଣ କରିବାର ଏକ ସାଧାରଣ ଉପାୟ ହେଲା ଦୈନିକ ନିଜ ପରିବାରର ଆୟ ଓ ବ୍ୟୟ ହିସାବ ନଥି ରଖିବେ । ଦୈନିକ ହିସାବ ନଥି ରଖିବାର ଉଦାହରଣ ନିମ୍ନରେ ଦିଆଯାଇଛି ।

**ତାଲିକା ୧୩.୧ ଆୟ ଓ ବ୍ୟୟର ହିସାବ ନଥି**

| ତାରିଖ | ଆୟ (ଟଙ୍କାରେ) | କିଣାଯାଇଥିବା ପଦାର୍ଥର ତାଲିକା | ପରିମାଣ | ଦାମ୍ | ଖର୍ଚ୍ଚ (ଟଙ୍କାରେ) | ସମତା |
|---|---|---|---|---|---|---|
| ୧.୨.୦୭ | ୫୦୦୦ | ଚାଉଳ | ୧୫କି.ଗ୍ରା | ଟ୧୦/କି.ଗ୍ରା | ୧୫୦ | |
| | | ଅଟା | ୨୦କି.ଗ୍ରା | ଟ୧୦/କି.ଗ୍ରା | ୨୦୦ | |
| | | ଚିନି | ୫ କି.ଗ୍ରା | ଟ୧୫/କି.ଗ୍ରା | ୭୫ | |
| | | ଲହୁଣୀ | ୧/୨କି.ଗ୍ରା | ୧୦୬/କି.ଗ୍ରା | ୫୩ | |
| | | | | | ୪୭୮ | ୪୫୨୨ |
| ୨.୨.୦୭ | | ରାଜମା | ୩ କି.ଗ୍ରା | ଟ୩୦/କି.ଗ୍ରା | ୯୦ | |
| | | ତେଲ | ୫ଲିଟର | ଟ୫୨/ଲି. | ୨୬୦ | |
| | | ସାବୁନ ପାଉଡ଼ର | ୧/୨କି.ଗ୍ରା | ଟ୧୧୦/କି.ଗ୍ରା | ୫୫ | |
| | | ଡ୍ରେସ୍ | ୨ମି. | ଟ୬୦/ମି. | ୧୨୦ | |
| | | | | | ୫୨୫ | ୩୯୯୭ |
| ୩.୨.୦୭ | | ଘିଅ | ୨କି.ଗ୍ରା | ଟ୬୦/କି.ଗ୍ରା | ୧୨୦ | |

ଦୈନନ୍ଦିନ ଖର୍ଚ୍ଚର ହିସାବ ଲେଖି ରଖିବା ପାଇଁ ଗୋଟିଏ ନୋଟ୍ ଖାତା କିମ୍ବା ରେଜିଷ୍ଟର୍ ବ୍ୟବହାର କରିପାରିବେ । ଏଥିରେ ଜିନିଷର ପରିମାଣ, ଦାମ ଏବଂ କିଣାଯାଇଥିବା ଜିନିଷ ଖର୍ଚ୍ଚର ତାଲିକା ଅଲଗା ଅଲଗା ସ୍ତମ୍ଭ କରି ରଖିପାରିବେ । ପରିଣାମରେ ଆୟର ସ୍ତମ୍ଭ ଜରୁରୀ ଅଟେ ଯେଉଁଠି ଆୟର ସ୍ରୋତ ଅନିୟମିତ ଅଟେ କିମ୍ବା

ଯେଉଁଠିକି ପରିବାରର ଆୟ ଦୁଇ ତିନୋଟି ଅଧ୍ୟାୟରୁ ଆସିଥାଏ । ଯଦି ସମତା ସ୍ତମ୍ଭ ଦୈନିକ ପୁରିଯିବ ତେବେ ତୁମକୁ କହିବ ପ୍ରତିଦିନ ଖର୍ଚ୍ଚ ଶେଷରେ ତୁମର କେତେଟଙ୍କା ବଳିଲା । ଶେଷ ରାଶି ବାଲା ସ୍ତମ୍ଭରୁ ଜଣାଯାଏ ଯେ ଦିନର ଶେଷରେ କେତେ ଟଙ୍କା ବଳିଲା । ଦିନସାରା ହୋଇଥିବା ସମସ୍ତ ଖର୍ଚ୍ଚକୁ ମୂଳ ଆୟରୁ ଟଙ୍କାର ପ୍ରମାଣ ମିଳିଥାଏ । ଉଦାହରଣ ସ୍ୱରୂପ ତାଲିକା ୧୩.୧ରେ ଦିନ ୧.୨.୨୦୦୭ରେ ୪୭୮ଟଙ୍କା ସମୁଦାୟ ଖର୍ଚ୍ଚ କରାଗଲା । ଏଥିପାଇଁ ଆୟରୁ ବ୍ୟୟକୁ କଟାଯାଉ । ପ୍ରଥମ ଦିନ ୫୦୦୦–୪୭୮ = ୪୫୨୨ଟଙ୍କା ଆଉ ରହିଲା । ପରଦିନ ଖର୍ଚ୍ଚ ୫୨୫ଟଙ୍କା ଅଟେ । ପରଦିନ ଶେଷଭାଗ ବେଳକୁ ୪୫୨୨ – ୫୨୫ = ୩୯୯୭ଟଙ୍କା ରହିଲା । ଆପଣ ଦେଖିବେ ଶେଷ ସ୍ତମ୍ଭର ପରିମାଣ ପ୍ରତିଦିନ କମିଯାଉଥିବ । ଆପଣଙ୍କୁ କେମିତି ଲାଗୁଛି ଯେତେବେଳେ ଆପଣଙ୍କର ଟଙ୍କା ଖର୍ଚ୍ଚ ହୋଇ ଚାଲିଛି ? ହଁ, ଯେଉଁଠି ଆପଣ ବେଶୀ ଖର୍ଚ୍ଚ କରିଛନ୍ତି ଆପଣଙ୍କୁ ଆପଣଙ୍କର ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିବାକୁ ପଡ଼ିବ ।

**୧୩.୪.୧ ଆୟ ଓ ବ୍ୟୟର ହିସାବ ନଥି ରଖିବାରେ ଲାଭ :**

ବ୍ୟୟର ହିସାବନଥି ନିମ୍ନଲିଖିତ ବିଷୟରେ ସାହାଯ୍ୟ କରିଥାଏ ।

- ନିଜ ଖର୍ଚ୍ଚକୁ ବୁଝିବାରେ ସକ୍ଷମ ହୋଇପାରିବ କେତେ, କେଉଁ କେଉଁ ବିଷୟରେ ପ୍ରକୃତ ଖର୍ଚ୍ଚ ହେଲା ସହଜରେ ଜଣା ପଡ଼ିବ ।
- ନିଜର ଅନାବଶ୍ୟକ ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିଲେ ଶେଷ ରାଶି ଦେଖି ଆପଣ ପରିବାରର ଜରୁରୀ ଖର୍ଚ୍ଚଗୁଡ଼ିକ ବୁଝିପାରିବେ ।
- ଅଲଗା ଅଲଗା ମାସର ଖର୍ଚ୍ଚକୁ ତୁଳନା କରିପାରିବ । ଯଦି ପଛ ମାସ ଅପେକ୍ଷା ଆପଣ ଏଇ ମାସରେ ଅଧିକ ଟଙ୍କା ଖର୍ଚ୍ଚ କରିଛନ୍ତି ତେବେ ଆପଣ ହିସାବ ଦେଖିକରି କହିପାରିବେ କି ଅଧିକ ଟଙ୍କା ଖର୍ଚ୍ଚ କାହିଁକି ଓ କେଉଁଠି ହେଲା ।
- ଭବିଷ୍ୟତ ପାଇଁ ଯୋଜନା -ନିୟମିତ ଭାବରେ ହିସାବ ରଖିଲେ ଆପଣଙ୍କୁ ଏହା ଅନ୍ଦାଜ (ଜ୍ଞାନ) ହୋଇଯିବ ଯେ ଭବିଷ୍ୟତରେ ବିଭିନ୍ନ ଜିନିଷ ଉପରେ କେତେ ଖର୍ଚ୍ଚ ଆବଶ୍ୟକ ହେବ ।
- ବଜାର ଦର ବିଷୟରେ ଠିକ୍ ବୁଝିହେବ - ଦାମ୍ ଥିବା ସ୍ତମ୍ଭରୁ ଜଣାଯାଏ ଯେ ବଜାରର ଦରଦାମ୍ କେତେ ।

ପାଠରେ ଥିବା ପ୍ରଶ୍ନ ୧୩.୩

୧. ନିମ୍ନଲିଖିତ ଉକ୍ତିଗୁଡ଼ିକ ମଧ୍ୟରୁ କେଉଁଟି ଠିକ୍ କିମ୍ବା ଭୁଲ୍ । ତୁମେ ତାହାର ଉତ୍ତର ଦିଅ ।

(କ) ଆୟ ପରିଚାଳନା ଜରୁରୀ ଅଟେ ଯେତେବେଳେ ତୁମ ପାଖରେ ଅଧିକ ଆୟ ଅଛି ।

(ଖ) ଯେତେବେଳେ ତୁମ ପାଖରେ କମ୍ ଆୟ ଅଛି ଏହାର ପରିଚାଳନା ଆପେ ଆପେ ହୋଇଥାଏ ।

ପେଟିକା-୩

ସାଧନ ପରିଚାଳନା



ଟିପ୍ପଣୀ

ପେଟିକା-୩

ସାଧନ ପରିଚାଳନା



ଟିପ୍ପଣୀ

(ଗ) ଯେତେବେଳେ ଆବଶ୍ୟକତା ଅତ୍ୟଧିକ ହୋଇଥାଏ ଆୟ ପରିଚାଳନା କରିବାର ପ୍ରଶ୍ନ ଉଠେ ନାହିଁ ।

(ଘ) ଯେତେବେଳେ ଚାହିଦା ଅତ୍ୟଧିକ ହୋଇଥାଏ ଆୟ ପରିଚାଳନା ଉପଯୋଗୀ ଅଟେ ।

(ଙ) ତୁମ ଆୟର ତାଲିକା କରିବା ଆୟ ପରିଚାଳନାର ପ୍ରଥମ ସୋପାନ ଅଟେ ।

୨. ଶ୍ରୀଯୁକ୍ତ ସିଂଙ୍କ ମାସିକ ଦରମା ୧୦,୦୦୦ଟଙ୍କା ଅଟେ । ଯଦି ତାଙ୍କର ସମୁଦାୟ ଖର୍ଚ୍ଚ ପ୍ରଥମ ୯ଦିନ ପାଇଁ ୨୧୫୬, ୧୦୯୯, ୭୫୬, ୬୪୪, ୫୦୦, ୩୦୦, ୪୦୨, ୬୫୦ ଓ ୮୦୬ ଅଟେ । ତେବେ ତାଙ୍କ ଦରମାର ପରିମାଣ ୧୦ମ ଦିନରେ କେତେ ହିସାବ କର ।

***କାର୍ଯ୍ୟକଳାପ :*** ଦୁଇ ମାସ ପାଇଁ ତୁମ ପରିବାରର ଆୟ ବ୍ୟୟ ହିସାବ ରଖ ଏବଂ ବିଭିନ୍ନ ପଦାର୍ଥ ଉପରେ ଖର୍ଚ୍ଚର ତୁଳନା କର ।

**୧୩.୫ ଆୟକୁ ବୃଦ୍ଧି କରିବାର ଉପାୟ :**

ଯଦି ଆପଣ ଏପରି ପରିବାରରେ ରହନ୍ତି, ଯେଉଁଠି ଆୟ ନିମ୍ନ ଓ ବ୍ୟୟ ଅଧିକ ତେବେ ଆପଣ କଣ କରିବେ ? ଏହା ସ୍ପଷ୍ଟ ହେବ ଯେ, ଆପଣ ଆୟକୁ ବଢ଼ାଇବା ପାଇଁ ଯେମିତି ବି ଉପାୟ ହେଉ ଚେଷ୍ଟାକରିବେ ।

> ପରିବାରର ଆୟକୁ ବୃଦ୍ଧକରିବା ପାଇଁ ଉପାୟ ପ୍ରୟୋଗ କରିବାକୁ ପରିବାର ଆୟର ଆଧାର ବୋଲି କୁହାଯାଏ ।

ପରିବାର ଆୟକୁ ବୃଦ୍ଧି କରିବାର କେତେଗୁଡ଼ିଏ ଉପାୟ ଯଥା :

- ଆୟ ବୃଦ୍ଧି କରିବାର ଉପାୟ ଗ୍ରହଣ କରନ୍ତୁ - ବେଳେବେଳେ ସ୍ତ୍ରୀଲୋକମାନେ ଘରେ ଆଚାର ଓ ଜାମ୍ କରି ବିକନ୍ତି । ସେମାନେ ନିଜର ସମୟ, ଶକ୍ତି ଓ ଦକ୍ଷତାକୁ ଉପଯୁକ୍ତ ମାର୍ଗରେ ଖର୍ଚ୍ଚକରି ପରିବାରର ଆୟକୁ ବୃଦ୍ଧି କରିବା ପାଇଁ ଟଙ୍କା ଅର୍ଜନ କରନ୍ତି, କିଛି ସ୍ତ୍ରୀଲୋକ ଜାମା ସିଲେଇ କରି, ଉଲ୍ ବୁଣି, ଖେଳନା ତିଆରି କରି ଏବଂ କିଛି ଟ୍ୟୁସନ୍ କରି । ଯେକୌଣସି କାର୍ଯ୍ୟ ଯାହା ଆୟବୃଦ୍ଧି କରିବାରେ ସାହାଯ୍ୟ କରିଥାଏ ତାହାକୁ ଆୟ ବୃଦ୍ଧିକାରୀ କାର୍ଯ୍ୟ କୁହାଯାଏ ।
- ଆଶିଂକ କାର୍ଯ୍ୟ : ନିଜ ପଡୋଶୀ ଘରେ ପୁଅ, ଝିଅ ଓ ସ୍ତ୍ରୀଲୋକମାନଙ୍କୁ ଘରେ କିମ୍ବା ଦୋକାନରେ ଦୁଇଘଣ୍ଟା, ଅଧେ ଦିନ ବା ପୁରା ଦିନ କାମ କରିବାର ଦେଖିଥିବ । ଏମାନେ ଛୁଆମାନଙ୍କର ଯତ୍ନ ନିଅନ୍ତି ବା ଦୋକାନରେ ହିସାବ କରନ୍ତି ବା ଅନ୍ୟ କୌଣସି କାମ କରନ୍ତି । ଏପରି କାମ ଯାହା ସୀମିତ ସମୟ ମଧ୍ୟରେ କରାଯାଇଥାଏ ଓ ଯେଉଁଥିରେ ଅପେକ୍ଷାକୃତ କମ୍ ଟଙ୍କା ମିଳିଥାଏ, ତାହାକୁ ଆଂଶିକ କାର୍ଯ୍ୟ କୁହାଯାଏ । ଏପରି କାର୍ଯ୍ୟ ଖାଲି ସମୟରେ କରାଯାଇପାରିବ ଏବଂ ଏହା ପରିବାରର ଆୟବୃଦ୍ଧିର ଏକ ଭଲ ଆଧାର ଅଟେ ।
- ସଞ୍ଚିତ ଟଙ୍କାକୁ ଧାରଦେଇ ସେଥିରୁ ସୁଧ ପାଇବା : ଯଦି ଆପଣଙ୍କ ପାଖରେ ଟଙ୍କା ଅଛି ତେବେ ତାହାର ଉଚିତ୍ ଖର୍ଚ୍ଚ କରିବେ । ଟଙ୍କା ଧାରଦେଲେ ଟଙ୍କା ସୁରକ୍ଷିତ ରହିବ, ଖର୍ଚ୍ଚରୁ ବଞ୍ଚିଯିବ ଏବଂ ତା ସହିତ ସୁଖ ମଧ୍ୟ ମିଳିବ । ଆପଣଙ୍କର ମାସିକ ଆୟ ବୃଦ୍ଧି କରିବାରେ ସାହାଯ୍ୟ କରିବ ।
- ମିଳିଥିବା ସାଧନ ଗୁଡ଼ିକର ଉପଯୁକ୍ତ ବ୍ୟବହାର : ଯଦି ଆପଣଙ୍କର ଘର ବଡ଼ । ତେବେ ଆପଣ ଏହି ଘରର କିଛି ଅଂଶ ଭଡ଼ାରେ ଦେଇପାରିବେ । ଯଦି ଆପଣ ଆପଣଙ୍କର ଟ୍ରାକ୍ଟର୍‌ର ବ୍ୟବହାର ଦିନସାରା କରି ନପାରିବେ ତେବେ ଅନ୍ୟ ଚାଷୀକୁ ଭଡ଼ାରେ ଦେଇପାରିବେ ।

ପେଟିକା-୩

ସାଧନ ପରିଚାଳନା



ଟିପ୍ପଣୀ

- ପରିବାରର ଆୟକୁ ବଢ଼ାଇବା ଅର୍ଥ କେବଳ ଟଙ୍କା ଉପାର୍ଜନ କରିବା ନୁହେଁ ନିଜର ଖର୍ଚ୍ଚ କିଛି ପଦାର୍ଥ ତାଲିକାରୁ କାଟିଦେଲେ ଆୟବୃଦ୍ଧି କରାଯାଇପାରିବ । ଯେପରି ଛୁଟିରେ କୁଆଡ଼େ ବୁଲି ନଯିବା, ନିଜ ଘରର କାମ ଯଥା- ଘରର ସଫା ନିଜେ କରିବା, ଲୁଗା ଧୋଇବା, ଇସ୍ତ୍ରୀ କରିବା ଆଦି କାମ ନିଜେ କରିବା ଦ୍ୱାରା ଖର୍ଚ୍ଚକୁ କମାଯାଇପାରିବ । ଆପଣ ଜାଣିଥିବେ ବ୍ୟାଙ୍କରେ ରଖାଯାଇଥିବା ଜମାଟଙ୍କା ମଧ୍ୟ ଏକ ପ୍ରକାରର ଟଙ୍କା ବଢ଼ାଇବାର ଉପାୟ ଅଟେ ।

***କାର୍ଯ୍ୟକଳାପ ୧୩.୩ :*** ଯଦି ଆପଣ ରନ୍ଧନ କଳାରେ ନିପୂଣ ଅଟନ୍ତି ତେବେ ଆପଣ ନିଜର କୌଶଳକଳାରେ କିଛି ଅଧିକ ଧନ ଉପାର୍ଜନ କରିପାରିବେ । ଯେକୌଣସି ତିନୋଟି ଉପାୟ କୁହନ୍ତୁ ଯାହାର ପ୍ରୟୋଗରେ ଆପଣ ଆପଣଙ୍କ ପରିବାରର ଆୟ ବଢ଼ାଇ ପାରିବେ ।

**ପାଠଗତ ପ୍ରଶ୍ନ ୧୩.୪**

୧. ନିମ୍ନଲିଖିତ ବାକ୍ୟରେ ଠିକ୍ କିମ୍ବା ଭୁଲ୍ କୁହନ୍ତୁ । ନିଜ ଉତ୍ତରର ଦୁଇଟି ଦୃଷ୍ଟିକୋଣ ଦେଇ ବୁଝାନ୍ତୁ-

(କ) ନିଜ ଘରର କିଛି ଅଂଶ ବ୍ୟବସାୟିକ ଭଣ୍ଡାର ପାଇଁ ଦେବା ଆୟ ବୃଦ୍ଧିର ଏକ ଆଧାର ଅଟେ ।

..........................................................................................................

..........................................................................................................

(ଖ) ଘରର କାର୍ଯ୍ୟ ପାଇଁ ଏକ ଚାକର ରଖି ନିଜେ କିଛି ଆଂଶିକ କାର୍ଯ୍ୟ କରିପାରିବେ ଯାହାଦ୍ୱାରା ଆୟବୃଦ୍ଧି କରିବାର ଏକ ଉତ୍ତମ ଆଧାର ଅଟେ ।

..........................................................................................................

..........................................................................................................

(ଗ) ଘରେ ରହି କାର୍ଯ୍ୟକରି ଟଙ୍କା ସଞ୍ଚିତ କରିବା ଅପେକ୍ଷା ବାହାରେ ଯାଇ ପୁରା ସମୟ କାର୍ଯ୍ୟ କରିବା ସବୁବେଳେ ଉତ୍ତମ ଅଟେ ।

..........................................................................................................

..........................................................................................................

(ଘ) ଧନ ଉପାର୍ଜ୍ଜନ କାର୍ଯ୍ୟ ହି ପରିବାରର ଆୟ ବଢ଼ାଇବାର ଏକମାତ୍ର ଉପାୟ ଅଟେ ।

..........................................................................................................

..........................................................................................................

## ୧୩.୬ ସଂଚୟ ଓ ବିନିବେଶ କ'ଣ ?

ଯେପରି ଆପଣ ଆଗରୁ ଜାଣିଛନ୍ତି ଯେ ସଂଚୟ କହିଲେ ପରିବାରର ଆୟରୁ ଏହା ଏକ ଅଂଶ ଯାହାକୁ କି ଭବିଷ୍ୟତରେ ଖର୍ଚ୍ଚ ପାଇଁ ଜାଣିବୁଝି ଅଲଗା ରଖାଯାଏ । ଦିନକୁ ଦିନ ଦରଦାମ୍ ବଢ଼ିବା ସହିତ ପରିବାର ଲୋକମାନଙ୍କର ଆବଶ୍ୟକତା ଓ ଚାହିଦା ବଢ଼ି ବଢ଼ି ଚାଲିଛି ଯାହା ଫଳରେ ଗୃହିଣୀପାଇଁ ସଂଚୟ କରିବା କଷ୍ଟକର ହୋଇଥାଏ ତଥାପି, ପ୍ରତ୍ୟେକ ପରିବାର ପାଇଁ ଏହା ଆବଶ୍ୟକ ଅଟେ ଯେ ବର୍ତ୍ତମାନର ଆୟରୁ କିଛି ଅଂଶ ଭବିଷ୍ୟତ ପାଇଁ ନିଶ୍ଚୟ ସଂଚୟ କରି ରଖିବେ । ପ୍ରତିମାସରେ ଏହି ଟଙ୍କା ଜମା ହୋଇ ରହିଥାଏ ଏବଂ ପରିବାରର ସଂଚୟ ରୂପେ ଏହା ମହତ୍ତ୍ୱ ରଖିଥାଏ ।

| |
|---|
| ବର୍ତ୍ତମାନ ଆୟରୁ ଯେଉଁ ଟଙ୍କା ଜରୁରୀକାଳୀନ ପରିସ୍ଥିତି କିମ୍ବା ଭବିଷ୍ୟତରେ ଆବଶ୍ୟକତା ପାଇଁ ଅଲଗା ରଖାଯାଇଥାଏ ତାହାକୁ ସଂଚୟ କୁହାଯାଏ । |

ପେଟିକା-୩

ସାଧନ ପରିଚାଳନା

ଟିପ୍ପଣୀ

**୧୩.୬.୧ 'ସଂଚୟ'ର ଆବଶ୍ୟକତା**

ତୁମେ ଯେ କୌଣସି ଆୟବର୍ଗରୁ ଆସିଥାଅ ପଛେ କିନ୍ତୁ ଏହା ଜରୁରୀ ଅଟେ ଯେ କିଛି ପରିମାଣର ଧନ ତୁମେ ନିଶ୍ଚୟ ଭବିଷ୍ୟତରେ ଖର୍ଚ୍ଚ ପାଇଁ ରଖିବ 'ସଂଚୟ' କାହିଁକି କରିବା ଉଚିତ୍ । ଏହାର ବିଭିନ୍ନ ବିଭିନ୍ନ କାରଣ ଅଛି । ଏଥିମଧ୍ୟରୁ କିଛିର ଏପରି କାରଣ ଅଛି ଯାହାକୁ ଆମେ ଜାଣିଛୁ କିନ୍ତୁ କିଛି ଏମିତି ବି କାରଣ ଅଛି ଯେଉଁଥିରେ ଆମେ ଅନଭିଜ୍ଞ ଅଟୁ ଏବଂ ଏହା ଅଚାନକ ଆସିଯାଇଥାଏ । ସଂଚୟ କରିବା ପାଇଁ କିଛି କାରଣ ନିମ୍ନଲିଖିତ ଅଟେ :-

- **ସୁରକ୍ଷିତ ଭବିଷ୍ୟତ ପାଇଁ :** ଚାକିରୀରୁ ଅବସର ନେବାପରେ ପେନ୍‌ସନ୍ ମିଳିଥାଏ ଯାହାକି ଆପଣଙ୍କର ମାସିକ ଦରମାର ମୁକାବିଲା କରିବାକୁ ବହୁତ କମ୍ ହୋଇଥାଏ କିନ୍ତୁ ପରିବାରର ଓ ନିଜ ଖର୍ଚ୍ଚ ପ୍ରାୟ ସେଇଠି ରହିଯାଏ । ଚାକିରୀ କରିବା ସମୟରେ କରାଯାଇଥିବା ସଂଚୟ ଏହି ସମୟରେ ଅଭାବକୁ ପୂରଣ କରିବାରେ ସାହାଯ୍ୟ କରିଥାଏ । ଆପଣ ଏହି ସଂଚୟ ସାହାଯ୍ୟରେ ଅଧିକ ଆରାମ ଦାୟକ ଜୀବନଯାପନ କରିପାରିବେ । ଏହି ଆରାମର ଅନୁଭବ ଆହୁରି ବି ଅଧିକ ଲୋକମାନଙ୍କୁ ହୋଇଥାଏ ଯେଉଁମାନେ ଏହି ପ୍ରକାରର ଚାକିରୀ ବା କାମରୁ ମୁକ୍ତ ଅଟନ୍ତି ଯେଉଁଠି ପେନ୍‌ସନ୍ ମିଳେନି ଏବଂ ଆୟ ବି କିଛି ନ ଥାଏ ।
- **ଜରୁରୀକାଳୀନ ପରିସ୍ଥିତିର ସାମନା କରିବା ପାଇଁ :** ପରିବାରର କୌଣସି ବ୍ୟକ୍ତି ହଠାତ୍ ଗମ୍ଭୀର ରୂପରେ ରୋଗରେ ପଡ଼ିଗଲେ କିମ୍ବା କୌଣସି ଦୁର୍ଘଟଣାରେ ପଡ଼ିଗଲେ ସଂଗେ ସଂଗେ ତାଙ୍କୁ ଡାକ୍ତରଖାନାର ସାହାଯ୍ୟ, ସେ ଘରେ ଥାଆନ୍ତୁ ବା ଡାକ୍ତରଖାନାରେ ଥାଆନ୍ତୁ ଆବଶ୍ୟକ ହୋଇଥାଏ । ଏହିପରି ଭାବରେ ହଠାତ୍ ଆସିଥିବା କୌଣସି ବିପଦକୁ ଜରୁରୀକାଳୀନ ପରିସ୍ଥିତି କୁହାଯାଏ । ଏହିପ୍ରକାର ଅଜଣା ସ୍ଥିତିଗୁଡ଼ିକର ପାଇଁ ସଂଚୟ କରିବା ଆବଶ୍ୟକ ହୋଇଥାଏ ।




ଚିତ୍ର ୧୩.୭ :
ପରିବାରର ଲକ୍ଷ୍ୟ ପୂରଣ ପାଇଁ

- **ପରିବାରର ଲକ୍ଷ୍ୟ ପୂରଣ କରିବା ପାଇଁ :** ପରିବାରର କୌଣସି ଚାହିଦାକୁ ପୂରଣ କରିବା ପାଇଁ ସଂଚୟ ଜରୁରୀ ଅଟେ । ଏହିପରି କିଛି ଇଚ୍ଛା ବା ଆବଶ୍ୟକତା ଏହିପ୍ରକାରର ହୋଇପାରିଥାଏ । ଯେପରି ପର୍ଦ୍ଦା ବଦଳାଇବା, ନୂଆ ଲୁଗା କିଣିବା, ଘର କିଣିବା, କାର୍ କିଣିବା ବା ଚାଷ ପାଇଁ ଟ୍ରାକ୍ଟର କିଣିବା ଆଦି । ଏହା ମଧ୍ୟରେ ପ୍ରଥମ ଦୁଇଟି କାମ ସହଜରେ ଏବଂ କମ୍ ଖର୍ଚ୍ଚରେ ପୁରା କିଣାଯାଇ ପାରିବ କିନ୍ତୁ ଘର, କାର୍ ବା ଟ୍ରାକ୍ଟର ପାଇଁ ମୋଟା ଧନର ଆବଶ୍ୟକ ହୋଇଥାଏ । ଏଥିପାଇଁ ଧିରେ ଧିରେ କିଛି ବର୍ଷ ପର୍ଯ୍ୟନ୍ତ 'ସଂଚୟ' କରିବା ଆବଶ୍ୟକ ଅଟେ ।
- **ପରିବାରର ମାନ ନିର୍ଦ୍ଧାରଣକୁ ବୃଦ୍ଧି କରିବା ପାଇଁ :** ଏହା ସ୍ୱାଭାବିକ ଅଟେ ଯେ ଆମେ ସମସ୍ତେ ନିଜ ନିଜର ଘରେ ଅଧିକରୁ ଅଧିକ ଏବଂ ଭଲ ଜିନିଷ ସବୁ ରଖିବାକୁ ଚାହିଁଥାଉ । କିଛି ବି ଉପକରଣ ଯାହା ଜୀବନର ମାନ ନିର୍ଦ୍ଧାରଣକୁ ଉଚ୍ଚ ସ୍ତରକୁ ନେଇଥାଏ ଯଥା- ୱାସିଙ୍ଗ୍ ମେସିନ୍, ଟେଲିଭିଜନ୍ ଆଦି ଯଥେଷ୍ଟ ପରିମାଣରେ ଦାମକିଆ ପଦାର୍ଥ ଅଟେ । ନିଜ ମାସିକ ଦରମାରୁ ଏହିସବୁ ଜିନିଷ କିଣିବା କଷ୍ଟକର ହୋଇଥାଏ । ଆପଣ ଏଥିପାଇଁ ସଂଚୟ ଆରମ୍ଭ କରିପାରିବେ ଓ ଯେତେବେଳେ ଆପଣଙ୍କ ପାଖରେ ଅଧିକ ପରିମାଣରେ ଟଙ୍କା ସଂଚିତ ହେବ ସେତେବେଳେ ତାହା କିଣିପାରିବେ । ଯଦି ଆପଣ ଏହି ଉପକରଣଗୁଡ଼ିକୁ ଶୀଘ୍ର କିଣିବାକୁ ଚାହୁଁଛନ୍ତି ତେବେ କିସ୍ତିରେ ଟଙ୍କା ଦେଇ ଜିନିଷ କିଣିପାରିବେ । ଏଥିରେ ଆପଣଙ୍କୁ ଅଧିକ ଟଙ୍କା ଦେବାକୁ ପଡ଼ିବ କିନ୍ତୁ ଉପକରଣ ଲାଭ ଆପଣଙ୍କୁ ଶୀଘ୍ର ମିଳିବ ।
- ସ୍ୱରୋଜଗାର କରି/ ଛୋଟ ବ୍ୟବସାୟ ଆରମ୍ଭ କରି - ଆପଣ ନିଜେ ବା ଆପଣଙ୍କ ପରିବାରର କେହି ସଦସ୍ୟ କୌଣସି ଛୋଟ ବ୍ୟବସାୟ ଆରମ୍ଭକୁ ଚାହୁଁଛନ୍ତି । ଏଥିପାଇଁ ଆପଣଙ୍କୁ ବହୁତ ଟଙ୍କାର ଆବଶ୍ୟକ ହେବ । ଆପଣଙ୍କର ସଞ୍ଚୟର ଜମାପୁଞ୍ଜି ଏହି ସମୟରେ ଆପଣଙ୍କୁ ସାହାଯ୍ୟ କରିବ ।

**୧୩.୬.୨ ସଂଚୟ ପାଇଁ ନିୟମ :**

ଆପଣଙ୍କ 'ସଂଚୟ' ଠିକ୍ ଭାବରେ ସଞ୍ଚିତ ହୋଇରହିବ ଏଇଥିପାଇଁ ସାବଧାନତାର ସହିତ ଯୋଜନା କରିବାକୁ ପଡ଼ିବ ।

- ◆ ନିଜର ସଂଚୟ ଯୋଜନାକୁ ବ୍ୟବହାରିକ କରନ୍ତୁ - ଭାବନ୍ତୁ ଯଦି ଆପଣଙ୍କର ମାସିକ ଆୟ ଟ୫୦୦୦/- ଅଟେ ତେବେ କଣ ଆପଣ ଟ୨୦୦୦/- ସଂଚୟ କରିପାରିବ ? କଦାପି ନୁହେଁ । ଆପଣଙ୍କର ପରିବାରର ଆବଶ୍ୟକତା ଟ୩୦୦୦/-ରେ କଦାପି ପୂରଣ ହୋଇପାରିବ ନାହିଁ । ଆସ୍ତେ ଆସ୍ତେ କେତେ ମାସ ପର୍ଯ୍ୟନ୍ତ ଆପଣଙ୍କର ଚାହିଦା ଅନୁସାରେ ଟଙ୍କା ସଞ୍ଚିତ ହୋଇପାରିଥାଏ ।
- ◆ ସଂଚୟର ନିୟମିତ ଯୋଜନା କରନ୍ତୁ - ଯଦି ଆପଣ ଚାହାଁନ୍ତି ଭବିଷ୍ୟତ ପାଇଁ ମୋଟା ରକମର ଟଙ୍କା ସଂଚୟ କରିବେ ତେବେ କେତେ ବର୍ଷପାଇଁ ଆପଣଙ୍କୁ ନିୟମିତ ଭାବରେ ପ୍ରତିମାସରେ ସଂଚୟ କରିବାକୁ ପଡ଼ିବ ।
- ◆ ସଂଚୟର ଏକ ନିଶ୍ଚିତ ଉଦ୍ଦେଶ୍ୟ କର : - ମନ ମଧ୍ୟରେ ଯଦି ଉଦ୍ଦେଶ୍ୟ ରଖି ସଂଚୟ କରିବ, ଯେପରି ଘର କିଣିବା, ପିଲାମାନଙ୍କର ପାଠପଢ଼ା, ଝିଅର ବାହାଘର କିମ୍ବା ଗାଡ଼ି କିଣିବା ଇତ୍ୟାଦି ତେବେ ସଂଚୟ କରିବା ସହଜ ହୋଇଥାଏ ।

**ପାଠ୍ୟନ୍ତ ପ୍ରଶ୍ନ ୧୩.୫**

୧. ଦୁଇ ଦୁଇଟି କାରଣ ଦର୍ଶାଇବେ ଯେଉଁଥିପାଇଁ ନିମ୍ନ ପରିବାରକୁ ସଂଚୟ କରିବା ଦରକାର :

(କ) ଶ୍ରୀଲାଲ୍ ଏକ. ମଧ୍ୟବର୍ଗୀୟ ବ୍ୟକ୍ତି ଅଟନ୍ତି ଏବଂ ଏକ ଘରୋଇ ଫାର୍ମରେ କାମ କରନ୍ତି । ତାଙ୍କର ଦୁଇଟି ଝିଅ କଲେଜରେ ପାଠ ପଢ଼ନ୍ତି । ଶ୍ରୀମତୀ ଲାଲ୍ ହୃଦ୍‌ରୋଗୀ ଅଟନ୍ତି ।

..........................................................................................................

..........................................................................................................

(ଖ) ଶ୍ରୀ ଏବଂ ଶ୍ରୀମତୀ ଗୁପ୍ତାଙ୍କର ବୟସ ଯଥାକ୍ରମେ ୪୫ ଓ ୪୨ଅଟେ । ତାଙ୍କର ସ୍କୁଲ୍ ବୟସର ଏକ ପୁଅ ଅଛି ଯିଏକି ଭବିଷ୍ୟତରେ ଡାକ୍ତର ହେବାକୁ ଚାହୁଁଛି । ଏହି ମଧ୍ୟବର୍ଗୀୟ ପରିବାର ଭଡ଼ାଘରେ ବାସ କରନ୍ତି । ନିଜ ଜୀବନର ମାନଦଣ୍ଡକୁ ଉନ୍ନତ କରିବା ଏମାନଙ୍କର ଇଚ୍ଛା ଅଟେ ।

..........................................................................................................

..........................................................................................................

(ଗ) ଶ୍ରୀ ଏବଂ ଶ୍ରମତୀ ଆରୋରା ଅଧା ବୟସର ଦମ୍ପତି ଅଟନ୍ତି ଯାହାର କିଛି ସନ୍ତାନ ନାହାଁନ୍ତି । ଶ୍ରୀ ଆରୋରା ଏକ ଘରୋଇ ସଂସ୍ଥାର ଚାର୍ଟାଡ଼ି ଏକାଉଣ୍ଟାଣ୍ଟ ଅଟନ୍ତି ଏବଂ ଏମାନେ ଏକ ଭଡ଼ା ଘରେ ରହନ୍ତି ।

..........................................................................................................

..........................................................................................................

୧୩.୬.୩ ବିନିବେଶ (Investment)

ଆପଣ ବୁଝିପାରୁଥିବେ ଯେ ଆପଣଙ୍କର ସଂଚୟ ସାଙ୍ଗେ ସାଙ୍ଗେ ଖର୍ଚ୍ଚ କରିବା ପାଇଁ ନୁହେଁ । ସଂଚୟ ସବୁବେଳେ ଭବିଷ୍ୟତର ଆବଶ୍ୟକତା ପାଇଁ କରାଯାଇଥାଏ । ଆଉ ଗୋଟିଏ କଥା ଯଦି ଆପଣଙ୍କର ସଂଚୟକୁ ଘରେ ବାକ୍ସରେ ବନ୍ଦ କରି ରଖୁଛନ୍ତି ତେବେ :

- ◆ ଏହା ବଢ଼ିବ ନାହିଁ ।
- ◆ ଏହା ଚୋରି ହୋଇଯିବାର ବି ଭୟ ରହିଥାଏ ।
- ◆ ଆପଣ ତାକୁ ନିଜର ସେତବେଳର ଇଚ୍ଛାକୁ ପୂରଣ କରିବା ପାଇଁ ଖର୍ଚ୍ଚ କରିପାରିବେ ।

ଉପର ଲିଖିତ ପରିସ୍ଥିତିରୁ ରକ୍ଷା ପାଇବା ପାଇଁ ଟଙ୍କାକୁ କୌଣସି ବ୍ୟାଙ୍କ ବା ଅନ୍ୟ କୌଣସି ସଂସ୍ଥାରେ ରଖିପାରିବେ । ଏଥିରେ ଆପଣଙ୍କର ସଂଚୟ ଟଙ୍କା ସୁରକ୍ଷିତ ରହିବା ସହିତ ବୃଦ୍ଧି ବି ଥାଏ ।

*ପେଟିକା-୩*

ସାଧନ ପରିଚାଳନା



ଟିପ୍‌ପଣୀ





| ସଞ୍ଚୟର ଏପରି ବ୍ୟବହାର, ଯେଉଁଥିରେ ସଞ୍ଚୟର ବୃଦ୍ଧି ହୋଇଥାଏ ଏହାକୁ ବିନିବେଶ କୁହାଯାଏ । |
|---|

ଉଦାହରଣ ସ୍ୱରୂପ ଆପଣ ୧୦,୦୦୦ଟଙ୍କା ସଞ୍ଚୟ କରିଛନ୍ତି । ଯଦି ଆପଣ ଏହି ଟଙ୍କାକୁ ଘରେ ରଖିବେ ତେବେ ବର୍ଷେ ପରେ ମଧ ଏହା ସେତିକି ରହିବ କିନ୍ତୁ ଯଦି ଆପଣ ଏହି ଟଙ୍କାକୁ ବ୍ୟାଙ୍କରେ ରଖିବେ ତେବେ ଏହି ଟଙ୍କା ଉପରେ ସୁଧ ବି ମିଳିବ ଏବଂ ଏହି ସଞ୍ଚୟରେ ବୃଦ୍ଧି ମଧ ହେବ ।

ଏହିପରି କେତେକ ଅନ୍ୟ ବାଟ ମଧ ରହିଛି ଯେଉଁଥିରେ ଆପଣ ଆପଣଙ୍କର ଟଙ୍କାକୁ ବିନିବେଶ କରିପାରିବେ । ଆପଣ ଏହି ବିଷୟରେ ଅଧିକ ପାଠ ଆଗରେ ପଢ଼ିବେ କିନ୍ତୁ ପ୍ରଥମେ ଏହା ଜାଣିବା ଆବଶ୍ୟକ କି କୌଣସି ବିନିବେଶ ଯୋଜନା ଆପଣ କିପରି ଏବଂ କାହିଁକି ବାଛିଲେ ?

### ୧୩.୭ ଆର୍ଥୀକ ସଂସ୍ଥାର କାର୍ଯ୍ୟ

ଆର୍ଥୀକ ସଂସ୍ଥାଗୁଡ଼ିକ ମଧରେ ନିଜର ଟଙ୍କାକୁ ବିନିବେଶ କରିବାର ଅନେକ ଲାଭଅଛି, ଯେପରି :

୧. ଆପଣଙ୍କର ଧନ ସୁରକ୍ଷିତ ରହିବ ।
୨. ଆପଣଙ୍କର ଧନ ବୃଦ୍ଧି ହୋଇଥାଏ - ସଂସ୍ଥାଦ୍ୱାରା ଋଣ ଦିଆଯାଇଥାଏ ।
୩. ଯେବେ ବି ଆପଣଙ୍କର ଆବଶ୍ୟକ ହେବ, ଆପଣ ନିଜର ଧନ ଫେରାଇ ଆଣିପାରିବେ ।
୪. ଆର୍ଥୀକ ସଂସ୍ଥା ସବୁ ଆପଣଙ୍କର ବିନିବେଶ ଉପରେ ଋଣ ମଧ ଦେଇଥାନ୍ତି ।

### ୧୩.୭.୧ ସାଧାରଣ ବିନିବେଶର ସଂସ୍ଥା

ଆପଣ ଆପଣଙ୍କର ସଂଚୟର ବିନିବେଶ ନିମ୍ନରେ ଦିଆଯାଇଥିବା କୌଣସି ସଂସ୍ଥାରେ କରିପାରିବେ ।

(୧) ବ୍ୟାଙ୍କ
(୨) ଡାକଘର
(୩) ଭବିଷ୍ୟ ନିଧି
(୪) ଜୀବନ ବୀମା ନିଗମ
(୫) ୟୁନିଟ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ
(୬) ଷ୍ଟକ୍ ଏକ୍ସଚେଞ୍ଜ୍
(୭) ଘରୋଇ କମ୍ପାନୀ
(୮) ଭୂ ସମ୍ପତ୍ତି କିମ୍ବା ଆଭୂଷଣ (Jewellery)

### (୧) ବ୍ୟାଙ୍କ

ଯେଉଁ ଟଙ୍କାରେ ଆପଣଙ୍କର ନିକଟ ଭବିଷ୍ୟତରେ ଶୀଘ୍ର ଆବଶ୍ୟକ ନାହିଁ ତାହାକୁ ଆପଣ ବ୍ୟାଙ୍କ୍‌ରେ ରଖିପାରିବେ । ବ୍ୟାଙ୍କରେ ଟଙ୍କା ଜମା ରଖିଲେ ନିମ୍ନଲିଖିତ ଲାଭ ହୋଇଥାଏ :

- ଆପଣଙ୍କର ଟଙ୍କା ସୁରକ୍ଷିତ ରହିବ ।
- ଆପଣଙ୍କର ସଞ୍ଚୟରେ ବୃଦ୍ଧି ହୋଇଥାଏ, ଜମା କରାଯାଇଥିବା ଟଙ୍କା ଉପରେ ଆପଣଙ୍କୁ ସୁଧ ମିଳିଥାଏ ।
- ଯେବେ ମଧ ଆବଶ୍ୟକ ହେବ ଆପଣ ବ୍ୟାଙ୍କରୁ ଟଙ୍କା କାଢ଼ି ପାରିବେ ।
- ଆପଣ ଜମା କରିଥିବା ଟଙ୍କାର ଆଧାର ଉପରେ ଆପଣ ବ୍ୟାଙ୍କରୁ ଋଣ ମଧ କରିପାରିବେ ।

**ବ୍ୟାଙ୍କରେ ସଞ୍ଚୟ ଖାତା କିପରି ଖୋଲା ଯାଇଥାଏ ?**

ବ୍ୟାଙ୍କ ଦ୍ୱାରା ନିର୍ମିତ ଗୋଟିଏ ବିଶେଷ ଆବେଦନ ପତ୍ର ଉପରେ ଆପଣ ସଞ୍ଚୟ ଖାତା ଖୋଲିବା ପାଇଁ ଆବେଦନ କରିପାରିବେ । ଏହି ଫର୍ମରେ ସମ୍ବନ୍ଧୀତ ସବୁ କଥାକୁ ପୂରଣ କରିବା ଛଡ଼ା ଆପଣଙ୍କୁ ପାସ୍‌ପୋର୍ଟ ଆକାରର ଫଟୋ ଏବଂ ନିଜର ହସ୍ତାକ୍ଷର ନମୂନା ମଧ୍ୟ କରିବାକୁ ପଡ଼ିଥାଏ । କୌଣସି ଜଣାଶୁଣା ବ୍ୟକ୍ତିଙ୍କ ଦ୍ୱାରା ବ୍ୟାଙ୍କରେ ଆପଣଙ୍କର ପରିଚୟ ଦିଆଯାଇଥାଏ । ଏହି ବ୍ୟକ୍ତି ବ୍ୟାଙ୍କର ଏକ ଗ୍ରାହକ, ବ୍ୟାଙ୍କର କର୍ମଚାରୀ କିମ୍ବା ଅନ୍ୟ କେହି ଜଣାଶୁଣା ବ୍ୟକ୍ତି ହୋଇପାରିବେ । ଏହିପରି ଭାବରେ ବ୍ୟାଙ୍କକୁ ଆପଣଙ୍କର ବିଶ୍ୱାସଯୋଗ୍ୟ, ସାଧୁତା ଓ ଆର୍ଥୀକ ସ୍ଥିତିର ପରିଚୟ ମିଳିଯାଇଥାଏ । ଏହାପରେ ବ୍ୟାଙ୍କ୍ ଆପଣଙ୍କ ଠାରୁ ପ୍ରାଥମିକ ଗଚ୍ଛିତ ଟଙ୍କା ନେଇ ଜମା କରିଥାଏ ଓ ଆପଣଙ୍କୁ ନିମ୍ନଲିଖିତ ପୁସ୍ତକ ସବୁ ପ୍ରଦାନ କରିଥାଏ ।

- ଏକ ପାସ୍ ବହି – ଏହା ଆପଣଙ୍କର ବ୍ୟାଙ୍କର ଜମା ରଖିଥିବା ଟଙ୍କାର ହିସାବ କିତାବର ଏକ ପ୍ରକାର ପ୍ରତିଲିପି ଅଟେ ।
- ଚେକ୍ ବହି – ବ୍ୟାଙ୍କରୁ ଟଙ୍କା କାଢ଼ିବା ସମୟରେ ଏହାର ପ୍ରୟୋଗ କରାଯାଏ ।

ବ୍ୟାଙ୍କ ଖାତା ଜଣେ ବ୍ୟକ୍ତି ଏକା ଖୋଲିପାରିବେ କିମ୍ବା ଦୁଇଜଣ ବ୍ୟକ୍ତି ମିଶିକରି (ସଂଯୁକ୍ତ ହୋଇ) ମଧ୍ୟ ଖାତା ଖୋଲିପାରିବେ । ଏଥିରେ ମଧ୍ୟ କୌଣସି ବ୍ୟକ୍ତି ବ୍ୟାଙ୍କ ଖାତାର ବ୍ୟବହାର କରିପାରିବ । ଏଥିରେ ଜଣେ ବ୍ୟକ୍ତି (ନୋମିନି)ର ନାମ ରହିବା ଉଚିତ୍ । ଆପଣ କୌଣସି ବ୍ୟାଙ୍କରେ ସଞ୍ଚୟ ଖାତା କେବଳ ୧୦୦୦ଟଙ୍କା ଦେଇ ଖୋଲିପାରିବେ କିନ୍ତୁ ଏହି ଟଙ୍କାର ପରିମାଣ ଯେ କୌଣସି ସମୟରେ ବି ବ୍ୟାଙ୍କ ଦ୍ୱାରା ବଦଳି ପାରିବ ।

> ଉତ୍ତରାଧିକାରୀ (Nominee) ବ୍ୟକ୍ତି ଜଣକ ଅଟନ୍ତି ଯିଏ କି ଖାତା ଅଧିକାରୀର ମରଣ ପରେ ବ୍ୟାଙ୍କରେ ଜମା ହୋଇଥିବା ସମସ୍ତ ଟଙ୍କାର ଉତ୍ତରାଧିକାରୀ ହୋଇଥାଏ ।

**(୨) ଡାକ-ଘର**

ବ୍ୟାଙ୍କରେ ଜମା ରଖିବା ପରି ଡାକଘରେ ମଧ୍ୟ ତୁମେ ଟଙ୍କା ଜମା ରଖିପାରିବ । ଡାକଘରେ ଟଙ୍କା ସଂଚୟ କଲେ ନିମ୍ନଲିଖିତ ଉପକାର ସବୁ ମିଳିଥାଏ :

- ଏହା ସୁବିଧାଜନକ ସ୍ଥାନରେ ସ୍ଥାପନ କରାଯାଇଥାଏ ।
- କେବଳ ଅଳ୍ପ ଟଙ୍କା ଯଥା : ୨୦ଟଙ୍କାରେ ମଧ୍ୟ ଡାକଘରେ ସଂଚୟ ଖାତା ଖୋଲା ଯାଇପାରିବ
- ଡ଼ାକଘର ଦ୍ୱାରା ଚାଳିତ ହେଉଥିବା ବହୁତ ଗୁଡ଼ିଏ ଯୋଜନାରେ ଆପଣଙ୍କୁ ଆୟକର ଦେବାକୁ ପଡ଼ିବ ନାହିଁ । ଯେପରି "ରାଷ୍ଟ୍ରିୟ ସଂଚୟ ପତ୍ର" ଏବଂ "ଇନ୍ଦିରା ବିକାଶ ପତ୍ର" ।
- ଡାକଘରର ବହୁତ ଯୋଜନା ଗୁଡ଼ିକ ଅନୁସାରେ ଆପଣଙ୍କୁ ଆୟକର ଦେବାକୁ ପଡ଼ିନଥାଏ ।

ଡାକଘର ମଧ୍ୟ ଖାତା ଖୋଲିବାର ପ୍ରଣାଳୀ ବ୍ୟାଙ୍କରେ ଯେପରି ହୋଇଥାଏ ସେହିପରି ।

***କାର୍ଯ୍ୟକଳାପ ୧୩.୪ :*** ପାଖରେ ଥିବା କୌଣସି ବ୍ୟାଙ୍କ ଓ ଡାକଘରକୁ ଯାଇ ସେଠାରେ ଦେଉଥିବା ବିଭିନ୍ନ ସଞ୍ଚୟର ଯୋଜନାଗୁଡ଼ିକ ବିଷୟରେ ବୁଝାବୁଝି କର । ଏହି ଯୋଜନା ଗୁଡ଼ିକ ମଧ୍ୟରେ କେଉଁଥିରେ ଆୟକର ନ ଦେବାକୁ ପଡ଼ିବ ସେ ବିଷୟରେ ମଧ୍ୟ ବୁଝିବା ଉଚିତ୍ ।

**(୩) ଭବିଷ୍ୟ ନିଧି (Provident Fund ) :**

ନିୟମିତ ଦରମା ପାଉଥିବା ସରକାରୀ କର୍ମଚାରୀମାନଙ୍କର ବୃଦ୍ଧାବସ୍ଥାରେ ସୁରକ୍ଷା ଦେବାପାଇଁ ସରକାର "ସେବା ନିବୃତ୍ତି ଲାଭକାରୀ ଯୋଜନା" କରିଛନ୍ତି ଯାହା ଭବିଷ୍ୟନିଧି ନାମରେ ପରିଚିତ ଅଟେ । ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଲା ବାଧ୍ୟତାମୂଳକ ଭାବରେ ଟଙ୍କା ସଂଚୟ କରିବା । କର୍ମଚାରୀମାନଙ୍କ ମୂଳ ଦରମାରୁ

*ପେଟିକା-୩*

ସାଧନ ପରିଚାଳନା



ଟିପ୍ପଣୀ



ଟିପ୍ପଣୀ

'ସେବା ନିବୃତ୍ତି'(ଚାକିରୀରୁ ଅବସର) ସମୟରେ ମାସିକ ସୁଧ ସହିତ ଦରମାରୁ ବାଧ୍ୟତାମୂଳକ ଜମା ରଖାଯାଉଥିବା କର୍ମଚାରୀମାନଙ୍କର ସମସ୍ତ ଟଙ୍କାକୁ ସେମାନଙ୍କୁ ଫେରାଇ ଦେଇଥାନ୍ତି । ଏହି ଭବିଷ୍ୟନିଧି ପାଣ୍ଠିରେ ଜମା ରଖାଯାଇଥିବା ସମସ୍ତ ଟଙ୍କାକୁ ସରକାର ଦେଶର ବିକାଶ କାର୍ଯ୍ୟରେ ଲଗାଇ ରଖିଥାନ୍ତି । ଏହିପରି ଭବିଷ୍ୟନିଧି ପାଣ୍ଠିରେ ଟଙ୍କା ରଖିଲେ ଆପଣ ଦୁଇଟି ଉଦ୍ଦେଶ୍ୟକୁ ପୂରଣ କରିପାରିବେ ।

- ଆପଣ ନିଜର ବୃଦ୍ଧାବସ୍ଥା ପାଇଁ ଟଙ୍କାକୁ ସୁରକ୍ଷିତ କରି ରଖନ୍ତି ।
- ଆପଣ ଦେଶର ବିକାଶ କାର୍ଯ୍ୟ ପାଇଁ ସାହାଯ୍ୟ କରନ୍ତି ।

ଭବିଷ୍ୟନିଧି ଯୋଜନାର ମୁଖ୍ୟ ଗୁଣଗୁଡ଼ିକ ହେଲା :

- ପ୍ରତ୍ୟେକ ମାସରେ କର୍ମଚାରୀମାନଙ୍କର ଦରମାରୁ କିଛି ଅଂଶ ବାଧ୍ୟତାମୂଳକ ଭାବରେ ରଖିବା । ଏହା ଭବିଷ୍ୟନିଧି ଯୋଜନା ପାଇଁ କର୍ମଚାରୀମାନଙ୍କର ସହଯୋଗ ହୋଇଥାଏ ।
- ଏହି ଜମା ଟଙ୍କା ଉପରେ ସୁଧ ବି ଜମା ହୋଇଥାଏ ।
- ଜମା ହୋଇଥିବା ଟଙ୍କା ଓ ଏହା ଉପରେ ହେଉଥିବା ସୁଧ ଯୋଗୁଁ ଆୟକର ଦେବାକୁ ପଡେନାହିଁ ।
- ଆପଣ ଏହି ଜମା ଟଙ୍କା ଉପରେ ଋଣ ନେଇପାରିବେ ।

ଭବିଷ୍ୟନିଧି ଯୋଜନା ଦୁଇ ପ୍ରକାରର ହୋଇଥାଏ ।

- ***ସାମାନ୍ୟ ଭବିଷ୍ୟନିଧି (G.P.F) :*** ଏହା ସମସ୍ତ ଦରମା ପାଉଥିବା ସରକାରୀ କର୍ମଚାରୀମାନଙ୍କ ପାଇଁ ପ୍ରୟୋଗ ହୋଇଥାଏ । ଏଥିରେ କର୍ମଚାରୀ ଇଚ୍ଛା କଲେ ନିଜ ଇଚ୍ଛାରେ ନିଜର ଜମା କରାଯାଇଥିବା ଟଙ୍କାକୁ ବଢ଼େଇ ପାରିବ । ଚାକିରୀରୁ ଅବସର ନେବା ସମୟରେ କର୍ମଚାରୀକୁ ସୁଧ ସହିତ ପୁରାଟଙ୍କା ଏକ ସଙ୍ଗରେ ମିଳିଥାଏ ଏବଂ ଯଦି କର୍ମଚାରୀକୁ ନିଜର ଅବସର ନେବା ପୂର୍ବରୁ ଝିଅର ବାହାଘର କିମ୍ବା ଘର ନିର୍ମାଣ କରିବା କାର୍ଯ୍ୟପାଇଁ ଟଙ୍କାର ଆବଶ୍ୟକ ହେଲେ ଏହି ପାଣ୍ଠିରୁ ସେ ଋଣ ଆକାରରେ ନେଇପାରିବେ । ଏହି ଟଙ୍କା କିସ୍ତି ଆକାରରେ ମଧ୍ୟ ଫେରାଇପାରିବେ ।
- ***ଲୋକ ଭବିଷ୍ୟନିଧି (P.P.F) :*** ଏଥିରେ ରୋଜଗାର କରୁଥିବା କୌଣସି ବ୍ୟକ୍ତି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କିମ୍ବା ଡ଼ାକଘରେ ଖାତା ଖୋଲିପାରିବ । ଏଥିରେ ଟଙ୍କା ଏକ ସାଥିରେ କିମ୍ବା କିସ୍ତିରେ ଜମା କରାଯାଇପାରିବ । ପାଞ୍ଚବର୍ଷ ପୁରିଯିବା ପରେ ଜମାକାରୀ ନିଜ ଜମାଟଙ୍କାର କିଛି ପ୍ରତିଶତ ଫେରିପାଇ ପାରିବେ । ଏହି ଯୋଜନା ମଧ୍ୟ ଯୋଜନାକାରୀଙ୍କୁ ଆୟକରରୁ ମୁକ୍ତ କରିଥାଏ । ଏହି ଯୋଜନାରେ ଜମାକାରୀ ଆବଶ୍ୟକ ପଡ଼ିଲେ ଋଣ ମଧ୍ୟ ନେଇପାରିବେ ।

**(୪) ବୀମା ପଲିସି :** ବୀମା ପଲିସି ମାଧ୍ୟମରେ ପ୍ରାକୃତିକ କିମ୍ବା ମାନବ ନିର୍ମିତ କାରଣ ଦ୍ୱାରା ହୋଇଥିବା କ୍ଷତିରୁ ସୁରକ୍ଷା ମିଳିଥାଏ । ଯେତେବେଳେ କୌଣସି ବ୍ୟକ୍ତି ବୀମା ପଲିସି କରିଥାଏ, ତାହାକୁ ବୀମା କମ୍ପାନୀ ସହିତ ଏକ ଚୁକ୍ତିନାମା କରିବାକୁ ପଡ଼ିଥାଏ । ଏହି ଚୁକ୍ତିନାମା ଅନୁସାରେ ବୀମା କରିଥିବା ବ୍ୟକ୍ତିକୁ ପ୍ରତିମାସରେ ଏକ ନିଶ୍ଚିତ ରକମର ଟଙ୍କା କମ୍ପାନୀକୁ ଦେବାକୁ ପଡ଼ିଥାଏ ଯାହାକୁ 'ପ୍ରିମିୟମ୍' କୁହାଯାଏ । ଏହା ବଦଳରେ ବୀମା କମ୍ପାନୀ ବୀମା କରିଥିବା ବ୍ୟକ୍ତିର ସମସ୍ତ କ୍ଷତିକୁ ପୂରଣ କରିଥାଏ ।

ବୀମା ଦୁଇ ପ୍ରକାରର ହୋଇଥାଏ ।

***(୧) ସାମାନ୍ୟ ବୀମା :*** ଏହି ପ୍ରକାରର ବୀମା ଚୋରୀ, ଅଗ୍ନିକାଣ୍ଡ, ନଇବଢ଼ି, ଦୁର୍ଭିକ୍ଷ ଆଦିର କ୍ଷତିପୂରଣ ଦେଇଥାଏ । ଏହି ବୀମାରେ ଗୋଟିଏ ବର୍ଷପାଇଁ ଚୁକ୍ତିନାମା ହୋଇଥାଏ । ଏଥିରେ ବୀମାକାରୀଙ୍କୁ ନିର୍ଦ୍ଦିଷ୍ଟ ସମୟ ଅନୁସାରେ ପ୍ରିମିୟମ୍ ଦେବାକୁ ପଡ଼ିଥାଏ । ପଲିସିର ଟଙ୍କା ପରିମାଣ ଏବଂ କେତେ ବର୍ଷପାଇଁ ପ୍ରିମିୟମ ଦେବାକୁ ହେବ, ପ୍ରିମିୟମ୍ ସେହି ଅନୁସାରେ ନିର୍ଦ୍ଧାରିତ ହୋଇ ଦେବାକୁ ପଡ଼ିଥାଏ । ବୀମାକାରୀ ବ୍ୟକ୍ତିର ଯଦି କୌଣସି କାରଣରୁ ଦୁର୍ଘଟଣା ହୋଇ କ୍ଷତିହୋଇଥାଏ ତେବେ ବୀମା କମ୍ପାନୀ ସେଇ କ୍ଷତି ଅନୁସାରେ ପୁରା ଟଙ୍କା ବୀମାକାରୀ ବ୍ୟକ୍ତିଙ୍କୁ ଫେରାଇଥାଏ । ଯେଉଁ କ୍ଷତି ହୋଇଥାଏ, ତାହାର ବାସ୍ତବିକ ମୂଲ୍ୟ କିମ୍ବା ବୀମା ପଲିସିର ପରିମାଣ, ଯେଉଁଟି ବି କମ୍ ହୋଇଥାଏ ସେଇଟା ଦିଆଯାଇଥାଏ । ଏହି ପଲିସିର କିଛି ଲାଭ ଏପରି ଥାଏ :

- ଏହା ଏକ ସରଳ ଏବଂ ସଞ୍ଚୟ ପାଇଁ ବାଧ୍ୟତାମୂଳକ ପ୍ରଣାଳୀ ।
- ଏହା କୌଣସି କ୍ଷତି କିମ୍ବା ଦୁର୍ଘଟଣାରେ କ୍ଷତି ସମ୍ଭାବନା ଥିଲେ ସୁରକ୍ଷା ପ୍ରଦାନ କରିଥାଏ ।

***(୨) ଜୀବନ ବୀମା -*** ଏହା ମଧ୍ୟ ଏକ ପ୍ରକାର ଚୁକ୍ତିନାମା ବୀମା ଅଟେ ଯେଉଁଥିରେ ବୀମାକାରୀଙ୍କୁ ସମୟ ବ୍ୟବଧାନରେ ପ୍ରିମିୟମ୍ ଦେବାକୁ ପଡ଼ିଥାଏ । ପଲିସିର ପରିମାଣ ଓ କେତେ ବର୍ଷ ପାଇଁ, ପ୍ରିମିୟମ୍ ଦେବା ଏହା ଉପରେ ନିର୍ଦ୍ଧାରିତ ହୋଇଥାଏ । ଏହି ସମୟ ପ୍ରାପ୍ତହେଲା ପରେ ଜମାକରାଯାଇଥିବା ଟଙ୍କା ସହିତ ସୁଧ ମିଶାଯାଇ ବୀମାକାରୀଙ୍କୁ ଫେରସ୍ତ କରାଯାଏ । ଯଦି ବୀମାକାରୀଙ୍କର ମୃତ୍ୟୁ ହୋଇଯାଇଥାଏ ତେବେ ପଲିସିର ଟଙ୍କା ପଲିସିରେ ନୋମିନି କରାଯାଇଥିବା ବ୍ୟକ୍ତିଙ୍କୁ (ଯାହା ନାମ ପଲିସିରେ ଲେଖାଯାଇଥାଏ) ଦିଆଯାଇଥାଏ । ନୋମିନି ଥିବା ବ୍ୟକ୍ତିଙ୍କୁ "ଲାଭକାରୀ" ବୋଲି କୁହାଯାଏ ।

ଜୀବନ ବୀମାର ଲାଭ

- ଏହା ଏକ ସୁରକ୍ଷିତ ବିନିବେଶ
- ଏହା ଆର୍ଥୀକ ସୁରକ୍ଷା ଦେଇଥାଏ । ମୃତ୍ୟୁ ବା ଦୁର୍ଘଟଣା ହେଲେ ଆବଶ୍ୟକତା ଅନୁସାରେ ଜମାକରାଯାଇଥିବା ଟଙ୍କା ମିଳିଥାଏ ।
- ପ୍ରିମିୟମ୍‌ରେ ଦିଆଯାଇଥିବା ଟଙ୍କା ଉପରେ ଆୟକର ଛାଡ଼ ହୋଇଥାଏ ।
- ଏହା ଏକ ସହଜ ଓ ବାଧ୍ୟତାମୂଳକ ସଂଚୟ ଅଟେ ।
- ବୀମା କମ୍ପାନୀର ପଲିସି ଅନୁଯାୟୀ ଜମା କରାଯାଇଥିବା ଟଙ୍କାକୁ ଆଧାର କରି ଋଣ ଦିଆଯାଏ ।

***କାର୍ଯ୍ୟକଳାପ ୧୩.୫ :*** ଭାରତୀୟ ଜୀବନ ବୀମା ନିଗମ ଦ୍ୱାରା ଦିଆଯାଇଥିବା କିଛି ଲାଭକାରୀ ପଲିସି ଗୁଡ଼ିକର ନାମ କାଢ଼ନ୍ତୁ ଏବଂ ବୁଝାନ୍ତୁ ଏହା ଆପଣଙ୍କୁ କିପରି ସାହାଯ୍ୟ କରିବ ।

**(୫) ୟୁନିଟ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ :** ଆପଣ ନିଜ ନାମରେ ନିଜ ନାମ ସହିତ ସଂଯୁକ୍ତ ବ୍ୟକ୍ତି ନାମରେ ଭାରତୀୟ ୟୁନିଟ୍ ଟ୍ରଷ୍ଟରୁ ୟୁନିଟ୍ (UTI) କିଣି ପାରିବେ । ପ୍ରତ୍ୟେକ ୟୁନିଟ୍‌ର କିଣିବା ମୂଲ୍ୟ ୧୦ଟଙ୍କା ଅଟେ । ଅତିକମ୍‌ରେ ୧୦୦ଟି ୟୁନିଟ୍ ଆପଣ ଏକ ସାଙ୍ଗରେ କିଣିପାରିବେ । ପ୍ରତ୍ୟେକ ବର୍ଷ ଜୁନ୍ ମାସରେ ଭାରତୀୟ ଟ୍ରଷ୍ଟ ତାର ଲାଭର କିଛି ଅଂଶ ଡିବିଡ଼େଣ୍ଡ୍ ରୂପରେ ୟୁନିଟ୍ ଧାରଣକାରୀଙ୍କୁ ଦେଇଥାଏ । ୟୁନିଟ୍ କିଣିଲେ ନିମ୍ନଲିଖିତ ଲାଭ ହୋଇଥାଏ ।

- ଆପଣଙ୍କୁ ନିୟମିତ ସୁଧ ମିଳିଥାଏ ।
- ୟୁନିଟ୍‌ରେ ପ୍ରୟୋଗ କରାଯାଉଥିବା ଟଙ୍କାର ପରିମାଣ ଉପରେ ଆପଣଙ୍କୁ ଆୟକରରୁ ମୁକ୍ତି ମିଳିଥାଏ ।

ପେଟିକା-୩

ସାଧନ ପରିଚାଳନା



ଟିପ୍ପଣୀ

- ଡ଼ିବିଡ଼େଣ୍ଡ୍ ରୂପରେ ଆପଣଙ୍କୁ ଯେଉଁ ଟଙ୍କା ମିଳିଥାଏ ତାହା ଉପରେ ଆୟକର ଲାଗେ ନାହିଁ ।
- ଯେତେବେଳେ ଆପଣଙ୍କୁ ଟଙ୍କାର ଆବଶ୍ୟକତା ଦେବ, ତେବେ ଆପଣ ଆପଣଙ୍କର ୟୁନିଟ୍ ପ୍ରମାଣପତ୍ରକୁ ୟୁଟିଆଇକୁ (UTI) ବିକ୍ରି କରିପାରିବେ । ୟୁଟିଆଇ ମଝିରେ ମଝିରେ ନିଜର ପୁଣି କିଣିବା ଯୋଜନାକୁ ଘୋଷଣା କରି ଚାଲିଥାଏ ।
- ଆପଣ କୌଣସି ଅନ୍ୟ ବ୍ୟକ୍ତି ନାମରେ ୟୁନିଟ୍‌କୁ ସ୍ଥାନାନ୍ତରିତ କରିପାରିବେ ।
- ଏହା ଏକ ପୂର୍ଣ୍ଣ ବିନିବେଶ ଲଗାଣ ଅଟେ ।

**ନୋଟ୍ :** ଆୟକରରୁ ମୁକ୍ତି ସୁବିଧା ମଝିରେ ମଝିରେ ସରକାରଙ୍କ ନୀତି ଅନୁସାରେ ବଦଳି ପାରିବ ।

(୬) ଅଂଶଧନ (Share) କିଣିବା

ଘରୋଇ କମ୍ପାନୀମାନେ ନିଜ କମ୍ପାନୀର ବିକାଶ ପାଇଁ ଅଧିକ ଧନରାଶି ଅର୍ଜନ କରିବା ପାଇଁ ନିଜର ଅଂଶଧନ ଲୋକମାନଙ୍କୁ ବିକନ୍ତି । ଯେତେବେଳେ ଆପଣ କୌଣସି କମ୍ପାନୀର ସେୟର କିଣନ୍ତି ସେତେବେଳେ ଆପଣ ସେହି କମ୍ପାନୀର ଆଂଶିକ ଅଂଶୀଦାର ହୋଇଯାଆନ୍ତି । ଅଂଶୀଦାର ହେବାଯୋଗୁ ଆପଣଙ୍କୁ କମ୍ପାନୀର ହେଉଥିବା ଲାଭ ବା କ୍ଷତି ଦୁଇଟିର ଭାଗିଦାର ହେବାକୁ ପଡ଼ିଥାଏ । ଶେଷରେ ସେୟାର କିଣିବା ସମୟରେ ଉତ୍ତମ ଓ ସ୍ଥାୟୀ କମ୍ପାନୀ ଗୁଡ଼ିକର ଖବର ବୁଝି ସେୟାର୍ କିଣିବା ଦରକାର ।

ଏହିପରି ଭାବରେ ଧନରାଶିର ବୃଦ୍ଧିକରିବା ପାଇଁ ସବୁଠୁ ବଡ଼ ଲାଭ ଏହା ଅଟେ କି ବେଳେବେଳେ ଆପଣ ବହୁତ ଶୀଘ୍ର ବଡ଼ ଲାଭ ପାଇଯାନ୍ତି କିନ୍ତୁ ସବୁବେଳେ ଏମିତି ହୁଏନାହିଁ । ତୁମେ କ'ଣ ଟେଲିଭିଜନ୍‌ରେ ସମାଚାର ଦେଖ ଓ ଶୁଣ ? ସେନ୍‌ସେକ୍ସ ସମାଚାରରେ ଆପଣ ଦେଖିଥିବେ ସେନ୍‌ସେକ୍ସ ବଢ଼ୁଛି ବା କମୁଛି । ଯେତେବେଳେ ସେନ୍‌ସେକ୍ସ ନିମ୍ନସ୍ତରର ହୋଇଯାଏ ସେତେବେଳେ ଆପଣଙ୍କର ସେୟରରେ କ୍ଷତି ହେବାର ସମ୍ଭାବନା ରହିଥାଏ ।

**(୭) ଡ଼ିବେନଚର୍ କିଣିବା :**

ଡ଼ିବେନଚର୍‌କୁ ବଣ୍ଡ (Bond) ମଧ୍ୟ କହନ୍ତି । ଯେତେବେଳେ ଆପଣ କୌଣସି କମ୍ପାନୀର ବଣ୍ଡ କିଣନ୍ତି ଏହାର ଅର୍ଥ ହେଲା ଆପଣ ସେହି କମ୍ପାନୀକୁ ନିଜର ଟଙ୍କା ଋଣ ଦେଇଛନ୍ତି । ଏହାର ବଦଳରେ କମ୍ପାନୀ ଆପଣଙ୍କୁ ଆପଣଙ୍କର ବିନିଯୋଗ କରିଥିବା ଧନକୁ ଫେରସ୍ତ କରେନାହିଁ କିନ୍ତୁ ନିୟମିତ ସମୟ ବ୍ୟବଧାନରେ ସୁଧ ପଠାଉଥାଏ ।

ଯଦି ଆମେ ଏହି ପ୍ରକାରର ସଞ୍ଚୟର ତୁଳନା ଶେୟର କିଣିବା ସହିତ ତୁଳନା କରିବା ତେବେ ଡ଼ିବେନ୍‌ଚର୍‌ରେ ସଂଚୟ କରିବା ଅଧିକ ସୁରକ୍ଷିତ ଅଟେ । କମ୍ପାନୀର ଲାଭ ହେଉ ବା କ୍ଷତି ହେଉ ଆପଣଙ୍କର ଟଙ୍କାର ସୁଧ ସୁନିଶ୍ଚିତ ମିଳିବ ।

**(୮) ଜମି ଓ ଅଳଙ୍କାରର ସଂଚୟ**

ଯଦି ଆପଣଙ୍କର ପାଖରେ ବହୁତ ଟଙ୍କା ଅଛି ତେବେ ଆପଣ ଏହି ଦୁଇଟି ମଧ୍ୟରୁ ଗୋଟିଏ କିମ୍ବା ଦୁଇଟିଯାକ କିଣିପାରିବେ । ଯେତେବେଳେ ଏହାର ମୂଲ୍ୟ ବଢ଼ିଯିବ ଓ ଆପଣଙ୍କର ଆବଶ୍ୟକ ହେବ ସେତେବେଳେ ଏହାକୁ ବିକ୍ରିକରି ଲାଭ ପାଇପାରିବେ ।

ଏହାର ଅପକାର ହେଲା ଏହାଯେ ତୁମେ ଯେତେବେଳେ ତୁମର ସମ୍ପତ୍ତି ବିକିବାକୁ ଚାହିଁବ ଗୋଟିଏ ଉପଯୁକ୍ତ କ୍ରୟକାରୀ ପାଇବା ପାଇଁ ବହୁତ ସମୟ ଲାଗିପାରେ । ତୁମେ ଯେତେବେଳେ ତୁମର ଅଳଙ୍କାର ବିକିବ ଅଳଙ୍କାରର ଓଜନ ଅନୁସାରେ କିଛି ପରିମାଣର କ୍ଷତି ଘଟିପାରେ । ଟଙ୍କାର ଆବଶ୍ୟକ ପଡ଼ିଲେ ଆପଣ ଭୂସମ୍ପତ୍ତି କିମ୍ବା ଅଳଙ୍କାରକୁ ବନ୍ଧା ପକାଇପାରିବେ ।

ତଳେ ଦିଆଯାଇଥିବା ଚାର୍ଟର ମାଧ୍ୟମରେ ବିଭିନ୍ନ ସଂଚୟ ସଂସ୍ଥାଗୁଡ଼ିକର ଯୋଜନାରେ ସଂଚୟ କଲେ ଜମାଟଙ୍କାର ସୁରକ୍ଷା, ଟଙ୍କା ଲଗାଣରେ ସୁଧବୃଦ୍ଧି, ଆୟକରରୁ ଛାଡ଼ ଓ ଋଣ ସୁବିଧା ସମ୍ବନ୍ଧୀୟ ବିଶିଷ୍ଟତାକୁ ବୁଝା ଯାଇପାରିବ ।

ପେଟିକା-୩

ସାଧନ ପରିଚାଳନା



ଟିପ୍‌ପଣୀ

| ସଂସ୍ଥା | ସୁରକ୍ଷା | ତରଳତା | ଫେରସ୍ତ | ଆୟକରମୁକ୍ତ | ଋଣ ସୁବିଧା |
|---|---|---|---|---|---|
| ବ୍ୟାଙ୍କ | ✓ | ✓ | ✓ | – | ✓ |
| ଡାକଘର | ✓ | ✓ | ✓ | ✓ | – |
| ରାଷ୍ଟ୍ରୀୟ ସଂଚୟ ପତ୍ର | ✓ | – | ✓ | ✓ | – |
| ଭବିଷ୍ୟନିଧି ପାଣ୍ଠି | ✓ | – | ✓ | ✓ | ✓ |
| ସାଧାରଣନିଧି ପାଣ୍ଠି | ✓ | – | ✓ | ✓ | ✓ |
| ସାମାନ୍ୟ ବୀମା | ✓ | – | ✓ | – | – |
| ଜୀବନ ବୀମା | ✓ | – | ✓ | ✓ | ✓ |
| ୟୁନିଟ୍ ଟ୍ରଷ୍ଟ | ✓ | ✓ | ✓ | ✓ | – |
| ଶେୟର୍ | – | – | ✓ | – | – |
| ଡ଼ିବେଞ୍ଚର | ✓ | – | ✓ | – | – |
| ଭୂସମ୍ପତ୍ତି/ଆଭୂଷଣ | – | ✓ | ✓ | – | – |

***କାର୍ଯ୍ୟକଳାପ ୧୩.୫ :*** ନିଜ ସ୍ଥାନରେ ଥିବା କିଛି ସଂଚୟ ସଂସ୍ଥାଗୁଡ଼ିକରେ ଉପରେ ଦିଆଯାଇଥିବା ବିଶିଷ୍ଟତା ଗୁଡ଼ିକର ସୂଚନା ସଂଗ୍ରହ କରି ଉପର ଦିଆଯାଇଥିବା ତାଲିକାରେ ବତାଇବେ ।

### ୧୩.୭୨. ବିନିବେଶ ଯୋଜନାର ପସନ୍ଦକୁ ପ୍ରଭାବିତ କରୁଥିବା ଘଟକ ଗୁଡ଼ିକ

ବ୍ୟାଙ୍କରେ ତଥା ଅନ୍ୟ ସଂଚୟ ସଂସ୍ଥାଗୁଡ଼ିକର କେତେ ପ୍ରକାରର ସଂଚୟ ଯୋଜନା ସବୁ ରହିଛି ଯାହା ଅଲଗା ଅଲଗା ଆୟର ବ୍ୟକ୍ତିମାନଙ୍କ ପାଇଁ ଅଟେ । ଯେକୌଣସି ଯୋଜନାରେ ନିଜର ଟଙ୍କା ରଖିବା ପୂର୍ବରୁ ଆପଣ ନିମ୍ନରେ ଲେଖାଯାଇଥିବା ବିଷୟ ପ୍ରତି ଅବଶ୍ୟ ଧ୍ୟାନ ଦେବେ ।

- **ଆପଣଙ୍କର ସଂଚୟ କରିବାର କ୍ଷମତା :** ଯଦି ଆପଣ କିଛି କିଛି ପରିମାଣରେ ସଂଚୟ କରିପାରୁଛନ୍ତି ତେବେ ଆପଣ ଏପରି ଯୋଜନା ବାଛନ୍ତୁ ଯେଉଁଥିରେ କି କମ୍ ସେ କମ୍ ସଂଚୟ କରୁଥିବା ଟଙ୍କାର ପରିମାଣ ବହୁତ ଅଧିକ ହେଉଥିବ ।
- **ବିନିବେଶର ସୁରକ୍ଷା :** ସଂଚୟ କରିବା ସହଜ ନୁହେଁ । ଆପଣ ବହୁତ ପରିଶ୍ରମ କରି, କିଛି ଜରୁରୀ ଆବଶ୍ୟକତାକୁ ପୂରଣ ନକରି କିଛି ଟଙ୍କା ଜମା କରିଛନ୍ତି । ତେଣୁ ନିଶ୍ଚୟ ଆପଣ ଚାହିଁବେ ଯେ ଆପଣଙ୍କର ସଂଚୟ ପୂର୍ଣ୍ଣମାତ୍ରାରେ ସୁରକ୍ଷିତ ରହୁ । ଆପଣଙ୍କ ବିନିବେଶର ଲିଖିତ ପ୍ରମାଣପତ୍ରକୁ ବହୁତ

ପେଟିକା-୩

ସାଧନ ପରିଚାଳନା



ଟିପ୍ପଣୀ

ସାବଧାନରେ ରଖିବେ । ପୁଣି ଧ୍ୟାନ ରଖିବେ ଯେ କିଛି ଏପରି ଯୋଜନା ଅଛି ଯେଉଁଥିରେ ମାର୍କେଟରେ କମିବା ବଢ଼ିବା କାରଣରୁ ଆପଣ ଲାଭ ପାଇପାରିବେ ନାହିଁ ଏପରି ଯୋଜନା ଠାରୁ ଦୂରରେ ରହିବେ ।

- **ସୁଧର ଉଚ୍ଚ ହାର :** ଯେତେ ଅଧିକ ଲମ୍ବା ସମୟ ପର୍ଯ୍ୟନ୍ତ ଆପଣଙ୍କ ଟଙ୍କା କୌଣସି ସଂସ୍ଥାରେ ଲଗାଇବେ, ସେତିକି ପରିମାଣରେ ସୁଧର ହାର ମଧ୍ୟ ବଢ଼ିଯାଏ । ଏହା ସହିତ ଅଲଗା ଅଲଗା ସଂସ୍ଥା ସବୁ ଅଲଗା ଅଲଗା ସୁଧର ପରିମାଣ ସେହି ସମୟ ମଧ୍ୟରେ ଦେଇଥାନ୍ତି । ଏପରି ସଂସ୍ଥାସବୁ ଅଛି ଯିଏ ଶୀଘ୍ର ଟଙ୍କା ଚାହାଁନ୍ତି, ସୁଧର ପରିମାଣ ଅଧିକ ରଖିଥାନ୍ତି । ଟଙ୍କା ଲଗାଇବା ପୂର୍ବରୁ ଆପଣଙ୍କୁ ସଂସ୍ଥାର ବିଶ୍ୱାସଯୋଗ୍ୟତା ବିଷୟରେ ତନ୍ନ ତନ୍ନ କରି ଭଲ ଭାବରେ ଜାଣିବା ଉଚିତ୍ ।
- **ସହଜରେ ଧନ ଫେରିପାଇବା :** ବେଳେବେଳେ ଗୃହସ୍ଥ ଜୀବନରେ ଏପରି ସମୟ ଆସେ ଯେ ଆପଣଙ୍କୁ ହଠାତ୍ ଆପଣଙ୍କ ଜମା କରିଥିବା ଟଙ୍କାକୁ ଫେରେଇ ଆଣିବାକୁ ଚାହାଁନ୍ତି । ସହଜରେ ଆପଣ ଆପଣଙ୍କର ସଂଚୟ କରିଥିବା ଟଙ୍କାକୁ ଜରୁରୀ ସମୟରେ ସହଜରେ କାଢ଼ିପାରିବେ । କିଛି ଏପରି ସଂସ୍ଥା ଅଛି, ଯେଉଁଠି ଆପଣ ଆପଣଙ୍କର ଟଙ୍କାକୁ ସଠିକ୍ ସମୟ ପୂର୍ବରୁ ଆଣିପାରିବେ ନାହିଁ । ନିଜର ପୂରା ସଂଚୟକୁ ଯଦି ଆପଣ ଏପରି ଯୋଜନାମାନଙ୍କରେ ରଖିବେ ଯେପରି ଜରୁରୀ ସମୟରେ ଆପଣଙ୍କୁ ଟଙ୍କା ଫେରିପାଇବା ବହୁତ କଷ୍ଟକର ହେବ ।
- **ଅନ୍ୟଲାଭ ସବୁ :** ଅଧିକ ସୁଧର ଦାମ୍ ସହିତ ସଂସ୍ଥା ଅନ୍ୟ କିଛି ଲାଭ ମଧ୍ୟ ଦେଇଥାନ୍ତି, ଯେପରି ଡ଼ିବିଡ଼େଣ୍ଡ୍ ଲାଭ ଏବଂ ଆୟକରରୁ ମୁକ୍ତି ମିଳିଥାଏ ।
- **କିଣିବା ଶକ୍ତି :** ସଂଚୟ ସମୟ ଶେଷ ହେବା ସହିତ ଆପଣଙ୍କର ଧନ ବୃଦ୍ଧିର ମୂଲ୍ୟ ସେହି ସମୟର ବଢ଼ିଥିବା ଦାମ୍ ସହିତ କିମ୍ବା ଦୁଇଗୁଣ ହେବା ଉଚିତ୍ ।
- **ସଞ୍ଚୟର ସୁବିଧାଜନକ ସ୍ଥାନ :** ଅଧିକାଂଶ ସଞ୍ଚୟରେ ଲେଖାପଢ଼ା ବହୁତ ହୁଏ, ଯଦି ଏହି ସଂସ୍ଥା ଆପଣଙ୍କ ପାଇଁ ସୁବିଧାଜନକ ସ୍ଥାନରେ ହୋଇଥିବ ତେବେ ଆପଣ ଅଧିକ ସମୟ ନଷ୍ଟ ନକରି ଆପଣଙ୍କ କାମ କରିପାରିବେ ।

### ୧୩.୭.୩ ଆର୍ଥିକ ସଂସ୍ଥା ଦ୍ୱାରା ଅନ୍ୟସବୁ ସୁବିଧା :

ସଞ୍ଚୟ ଛଡ଼ା, ବିଭିନ୍ନ ଆର୍ଥିକ ସଂସ୍ଥା ସବୁ ଆମକୁ ନିମ୍ନଲିଖିତ ସୁବିଧା ଦେଇଥାନ୍ତି ।

୧) କ୍ରେଡ଼ିଟ୍ କାର୍ଡ଼

୨) ଡ଼େବିଟ୍ କାର୍ଡ଼

୩) ଏ.ଟି.ଏମ୍ କାର୍ଡ଼

୪) ଋଣ

୫) ଇ-ବ୍ୟାଙ୍କିଙ୍ଗ୍

ଆସନ୍ତୁ ଆମକୁ ଏମାନଙ୍କ ବିଷୟରେ ଅଧିକ ଜାଣିବାକୁ ହେବ ।

### (୧) କ୍ରେଡ଼ିଟ୍ କାର୍ଡ଼

ଅଧିକ ବ୍ୟାଙ୍କ ନିଜର ଉପଭୋକ୍ତାମାନଙ୍କୁ କ୍ରେଡ଼ିଟ୍ କାର୍ଡ଼ର ସୁବିଧା ଦେଉଛନ୍ତି । ବ୍ୟାଙ୍କ ଦ୍ୱାରା ଅଧିକାଂଶ ବିକ୍ରେତାଙ୍କ ଦ୍ୱାରା ଉତ୍ପାଦିତ ଜିନିଷ ଏବଂ ସେବାସବୁ କିଣିବା ପାଇଁ ଏହି କାର୍ଡ଼ର ପ୍ରୟୋଗ ହୋଇଥାଏ । ଏହି କାର୍ଡ଼କୁ 'ପ୍ଲାଷ୍ଟିକ୍ ମନି' ମଧ୍ୟ କୁହାଯାଏ କାରଣ ଏହା ପ୍ଲାଷ୍ଟିକରେ ତିଆରି ହୋଇଥାଏ ।




ଚିତ୍ର : ୧୩.୮

କ୍ରେଡ଼ିଟ୍ କାର୍ଡ଼ ଦେବାବେଳେ ପ୍ରତ୍ୟେକ ଉପଭୋକ୍ତା କେତେ ପରିମାଣରେ ଋଣ ନେଇପାରିବେ ତାହା କୁହାଯାଇଥାଏ । ଆପଣ ଆପଣଙ୍କର କ୍ରେଡ଼ିଟ୍ କାର୍ଡ଼ରେ ଆଟୋମେଟିଡ଼୍ ଟେଲର ମେସିନ୍ (ଏ.ଟି.ଏମ୍)ରୁ ଟଙ୍କା ମଧ୍ୟ କାଢ଼ିପାରିବେ । ପ୍ରତିମାସ ଶେଷରେ ଆପଣ ସମୁଦାୟ କେତେ ଟଙ୍କା ଋଣ ଆଣିଛନ୍ତି ତାହାର ହିସାବ ଆସିଯିବ । ଆପଣ ପୁରାଟଙ୍କା କିମ୍ବା କିଛି ପରିମାଣରେ ଫେରେଇବେ ଏହା ସେହି (statement) ବୟାନ ଲେଖାହୋଇଥାଏ । ଶେଷରେ କ୍ରେଡ଼ିଟ୍ କାର୍ଡ଼ର ବ୍ୟବହାର ଧ୍ୟାନପୂର୍ବକ କରିବା ଉଚିତ୍ ।

**(୨) ଡ଼େବିଟ୍ କାର୍ଡ଼**

ଏହା କ୍ରେଡ଼ିଟ୍ କାର୍ଡ଼ ପରି ଅଟେ । ଏଥିରେ ଭିନ୍ନତା ନିମ୍ନ ପ୍ରକାରର ଅଟେ ।

- ଏହି କାର୍ଡ଼ ଆପଣଙ୍କ ବ୍ୟାଙ୍କର ସଞ୍ଚୟ ଖାତା ଆଧାରରେ ଦିଆଯାଇଥାଏ ।
- ଯଦି ଆପଣ ଏହି କାର୍ଡ଼ ବ୍ୟବହାର କରି ଟଙ୍କା ଦେଉଥାନ୍ତି, ତେବେ ଟଙ୍କା ଆପଣଙ୍କ ବ୍ୟାଙ୍କ ଖାତାରୁ ଚାଲିଯାଇଥାଏ ।
- ଏହିପରି ଆପଣ ବ୍ୟାଙ୍କରୁ ସଂଚୟ ଉପରେ ସୁଧନେବା ପରିବର୍ତ୍ତେ ନିଜର ଟଙ୍କା ଖର୍ଚ୍ଚ କରିଥାନ୍ତି ।

**(୩) ଏ.ଟି.ଏମ୍ କାର୍ଡ଼**

ଆପଣ ନିଜର କ୍ରେଡ଼ିଟ୍/ଡ଼େବିଟ୍ କାର୍ଡ଼ର ବ୍ୟବହାର କରି ଯେ କୌଣସି ଏ.ଟି.ଏମ୍‌ରୁ କେବେ ବି ଟଙ୍କା କାଢ଼ିପାରିବେ ।(୨୪ଘଣ୍ଟା ସେବା) ଏ.ଟି.ଏମ୍ କେତେ ସ୍ଥାନ ଅଛି ଯେପରି ବ୍ୟାଙ୍କର ବାହାରେ, ବଜାର, କଲୋନୀ, ଷ୍ଟେସନ୍, ବସ୍‌ଷ୍ଟାଣ୍ଡ୍ ଇତ୍ୟାଦି । ଏହିପରି ଆପଣଙ୍କୁ ୨୪ଘଣ୍ଟା ଟଙ୍କା ମିଳିପାରିବ । ବ୍ୟାଙ୍କ ଖୋଲାଥାଉ ବା ଖୋଲା ନଥାଉ । କ୍ରେଡ଼ିଟ୍ କାର୍ଡ଼ରୁ ଟଙ୍କା କାଢ଼ିଲେ ଆପଣଙ୍କୁ ଅଧିକ ଦରରେ ସୁଧ ଦେବାକୁ ପଡ଼ିବ କିନ୍ତୁ ଡ଼େବିଟ୍ କାର୍ଡ଼ ଦ୍ୱାରା ଟଙ୍କା ଆପଣଙ୍କର ଆପଣଙ୍କ ଖାତାରୁ ବାହାରି ଥାଏ ସେଥିରେ କିଛି ସୁଧ ଲାଗେନି ।

**(୪) ଋଣ**

ବର୍ତ୍ତମାନ ଅର୍ଥ ସଂସ୍ଥାଗୁଡ଼ିକ କୌଣସି କାର୍ଯ୍ୟପାଇଁ ଋଣ ଦେଉଛନ୍ତି ଯେପରି ବ୍ୟକ୍ତିଗତ ବ୍ୟବହାର, ଶିକ୍ଷା, ଘର, କାର୍, ଘରର ଜିନିଷପତ୍ର, ଘରର ମରାମତି, ବ୍ୟବସାୟ ଇତ୍ୟାଦି ପାଇଁ । ଋଣ ଉପରେ ସୁଧର ଦାମ୍ ନିର୍ଭର କରିଥାଏ ଋଣର ଉଦ୍ଦେଶ୍ୟ, ଋଣର ପରିମାଣ, ଋଣର ପରିଶୋଧ ସମୟ ଏବଂ ସଂସ୍ଥାର ପ୍ରକାର (ସରକାରୀ କିମ୍ବା ବେସରକାରୀ) । ଏହି ଋଣ ସହଜରେ ଫେରାଯାଇପାରିବ ମାସିକ କିସ୍ତି ଅନୁସାରେ । ଏହି ଋଣ ପାଇବା ପାଇଁ ବ୍ୟକ୍ତିର ଗ୍ୟାରେଣ୍ଟି ଅଥବା ବଣ୍ଡ /ବ୍ୟାଙ୍କରେ ଗଚ୍ଛିତ ଜମାଟଙ୍କା/ ଏନ୍.ଏସ.ସି/ ଭୂସମ୍ପତ୍ତି/ ଅଳଙ୍କାର ଆକାରରେ ବ୍ୟାଙ୍କକୁ ପରିଶୋଧ କରିବାକୁ ପଡ଼ିଥାଏ ।

**(୫) ଇ-ବ୍ୟାଙ୍କିଙ୍ଗ୍**

ଆପଣ ଗୋଟିଏ ବୋତାମ ଦବାଇଲେ ଇଣ୍ଟରନେଟ୍‌ରୁ ନିମ୍ନ ସୁବିଧା ପାଇପାରିବେ ।

- ନିଜ ବ୍ୟାଙ୍କର ଖାତାରୁ ଶେଷ ଟଙ୍କାର ପରିମାଣ (ବ୍ୟାଙ୍କ ବାଲାନ୍ସ), ଚେକ୍ ବହି/ ଡ୍ରାଫଟ୍ ପାଇଁ ଆବେଦନ କରିବା, କ୍ରେଡ଼ିଟ୍ କାର୍ଡ଼ର ଋଣ ପରିଶୋଧ କରିବେ ।
- ଜିନିଷ ସବୁ କିମ୍ବା ସେବା କିଣିବା ପାଇଁ
- ରେଳଗାଡ଼ି କିମ୍ବା ଉଡ଼ାଜାହଜରେ ଯାତ୍ରା କରିବା ପାଇଁ ଟିକଟ କିଣିବା
- ନିଜର ଟେଲିଫୋନ୍, ବିଜୁଳି, ପାଣି ବିଲ୍‌ର ଟଙ୍କା ଦେବା

ଏପରି କରିବା ଦ୍ୱାରା ବ୍ୟାଙ୍କ୍ କିମ୍ବା ଅନ୍ୟ ସଂସ୍ଥାଗୁଡ଼ିକୁ ଯିବାପାଇଁ ଆପଣଙ୍କ ସମୟ ରହିଯିବ ।

**ପେଟିକା-୩**

ସାଧନ ପରିଚାଳନା



ଟିପ୍‌ପଣୀ

ପେଟିକା-୩

ସାଧନ ପରିଚାଳନା

ଟିପ୍ପଣୀ

*ପାଠଗତ ପ୍ରଶ୍ନ ୧୩.୬ :*

ନିମ୍ନରେ ଦିଆଯାଇଥିବା ସଂକେତ ବ୍ୟବହାର କରି କ୍ରସ ଶବ୍ଦ ପଜଲ୍ (Cross Word Puzzle) ପୂରଣ କର । ବନ୍ଧନୀରେ ପ୍ରଦାନ କରାଯାଇଥିବା ଅକ୍ଷର ସଂଖ୍ୟା ନିର୍ଦ୍ଦିଷ୍ଟ ସଂଖ୍ୟା ସହିତ ସମାନ ଅଟେ ।




ଚିତ୍ର ୧୩.୯

**ସଂକେତ**

**ପ୍ରସ୍ଥରେ (Across)**

୨ - ଆର୍ଥିକ ସଂସ୍ଥା ଦ୍ୱାରା ଦିଆଯାଉଥିବା ସୁବିଧା ସୁଯୋଗ (୪)

୫ - ଏକ ପ୍ରକାରର ପ୍ଲାଷ୍ଟିକ୍ ଟଙ୍କା (୧୦)

୧୦- କ୍ରୟ ନିମନ୍ତେ ଆଉ ଏକ ଶବ୍ଦ (୮)

୧୧- ୨୪ ଘଣ୍ଟା ଟଙ୍କା ଉଠାଇବାର ସୁବିଧା (୩)

**ଲମ୍ବରେ (Down)**

୧ - କମ୍ପ୍ୟୁଟର୍ ବିଶ୍ୱସ୍ତରୀୟ ବ୍ୟବସ୍ଥା (୮)

୩ - କ୍ରେଡ଼ିଟ୍ କାର୍ଡ଼ ବିଲ୍‌ର ଆଂଶିକ ଦେୟ ସମୟରେ ପଡୁଥିବା ଶୁଳ୍କ (୮)

୪- ଆର୍ଥିକ ସେବା ନିମନ୍ତେ ଇଣ୍ଟରନେଟ୍‌ର ବ୍ୟବହାର (୯)

୬- ବ୍ୟବହାର ସମୟରେ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା କଟିଯିବା (୯)ଷ୍ଟ

୭ - ବ୍ୟାଙ୍କରୁ ଋଣ () ଆକାରରେ କ୍ରୟ କରାଯାଏ (୫)

୮ - ଯାତ୍ରା ସମୟରେ ଏହା କ୍ରୟ କରିବା ନିମନ୍ତେ କ୍ରେଡ଼ିଟ୍ କାର୍ଡ଼ ବ୍ୟବହାର ହୁଏ (୬)

୯ - ଟଙ୍କା ରଖିବାର ନିରାପଦ ସ୍ଥାନ (୪)

ଆପଣ କ'ଣ ଶିଖିଲେ

ପରିବାରର ଆୟ → ବ୍ୟୟ → ଆବଶ୍ୟକତା (ପ୍ରାଥମିକ ଏବଂ ଗୌଣ) / ଇଚ୍ଛାଗୁଡ଼ିକ (ଆରାମ ଓ ବିଳାସ)

ଦ୍ୱାରା

**ବ୍ୟୟ ଯୋଜନା**

↓

ନିଶ୍ଚିତ ଫଳାଫଳ

**ଆୟ-ବ୍ୟୟର ନମୂନା**

ପରିବାରର ଆୟ

↓

ଆଂଶିକ ରଖାଯାଏ

ସଂଚୟ

↓

ଆବଶ୍ୟକ ହୋଇଥାଏ

↓

- ସୁରକ୍ଷିତ ଭବିଷ୍ୟତ
- ପରିବାରର ଲକ୍ଷ୍ୟ
- ଜରୁରୀକାଳୀନ ସ୍ଥିତିଗୁଡ଼ିକ
- ଜୀବନ ଧାରଣର ମାନ ବଢ଼ାଇବା

↓

ବିନିବେଶ କରାଯାଇ ପାରିବ

- ବ୍ୟାଙ୍କ
- ଡାକଘର
- ଭବିଷ୍ୟନିଧି
- ୟୁ.ଟି.ଆଇ
- ସେୟାର ଏବଂ ଡ଼ିବେଞ୍ଚର୍
- ଜୀବନବୀମା
- ଭୂସମ୍ପତ୍ତି ଏବଂ ଅଳଙ୍କାର

ଅନ୍ୟାନ୍ୟ ସୁବିଧା ଗୁଡ଼ିକ

↓

- କ୍ରେଡ଼ିଟ୍ କାର୍ଡ଼
- ଡ଼େବିଟ୍ କାର୍ଡ଼
- ଏ.ଟି.ଏମ୍
- ଋଣ
- ଇ-ବ୍ୟାଙ୍କିଙ୍ଗ୍

## ପେଟିକା-୩

ସାଧନ ପରିଚାଳନା

ଟିପ୍ପଣୀ



ଟିପ୍ପଣୀ

**ପାଠ ମଧ୍ୟର ପ୍ରଶ୍ନ**

୧. ଦିଆଯାଇଥିବା ଅକ୍ଷରଗୁଡ଼ିକୁ ପୂର୍ଣ୍ଣ ବ୍ୟବସ୍ଥିତ କରି ଠିକ୍ ଉତ୍ତର ଲେଖନ୍ତୁ ।

| | |
|---|---|
| (କ) ପ୍ରତିଦିନର ଲେଖା ରଖିବା | କରେର୍ଡ଼ |
| (ଖ) ଆବଶ୍ୟକତାଗୁଡ଼ିକ ପୂର୍ଣ୍ଣ ହେବା ପରେ ଇଚ୍ଛାଗୁଡ଼ିକ ପୂରଣ କରିବା ଉଚିତ୍ | ଛାଇ |
| (ଗ) ବସ୍ତୁ ଓ ସେବାଗୁଡ଼ିକ କିଣି ସାରିବାପରେ ଖର୍ଚ୍ଚ ଧନ | ର୍ଚ୍ଚଖ |
| (ଘ) ପରିବାରର ଆବଶ୍ୟକତା ଗୁଡ଼ି ଓ ଇଚ୍ଛାଗୁଡ଼ିକ ପୂର୍ଣ୍ଣ କରିବାପାଇଁ ମିଳୁଥିବା ଧନ | ୟଆ |
| (ଙ) ଭବିଷ୍ୟତ ପାଇଁ ରଖାଯାଇଥିବା ଧନ | ୟସଞ୍ଚ |
| (ଚ) ସଞ୍ଚୟକୁ ସୁରକ୍ଷିତ ରଖିବା | ଶବେନିବି |
| (ଛ) ସଂଚୟର ସରଳ ସଂସ୍ଥା | ସ୍‌ଫିଅ ଷ୍ଟପୋ |
| (ଜ) ମୃତ୍ୟୁ କିମ୍ବା ଦୁର୍ଘଟଣାରୁ ସୁରକ୍ଷା | ସନରେସୁନ୍‌ଇ |
| (ଝ) ଏନ୍.ଏସ୍.ସି.ରେ ସଂଚୟ କଲେ ଏହି ଲାଭ ମିଳିଥାଏ | ଡ଼ଛା ରକ |
| (ଞ) ବାଧ୍ୟତାମୂଳକ ସଂଚୟ ଉପରେ ଦରମାରୁ ମାସିକ ଭାବେ କଟିଯାଏ | ଣ୍ଡିପା ଧିନିଷ୍ୟବିଭ |
| (ଟ) ସଂଚୟର ସ୍ଥାୟୀ ରୂପ | ଡିମ୍ପସ |

୨. ବିନିବେଶ କାହାକୁ କହନ୍ତି ?

୩. କେଉଁ ଉପାୟରେ ସ୍ୱଳ୍ପ ସଂଚୟକାରୀ ବିନିବେଶ କରିବେ ?

୪. ବିନିବେଶ ଯୋଜନା ପସନ୍ଦ କରିବା ପୂର୍ବରୁ କେଉଁ ଉପାଦାନଗୁଡ଼ିକୁ ଗ୍ରହଣ କରିବ ?

୫. ଯଦି ଆପଣ ପରିବାରର ଜଣେ ରୋଜଗାର ବ୍ୟକ୍ତି ଅଟନ୍ତି ତେବେ ଆପଣ କେଉଁଥିରେ ବିନିବେଶ କରିବେ ? କାରଣ ବତାନ୍ତୁ ।

**ପାଠଗତ ପ୍ରଶ୍ନର ଉତ୍ତର**

୧୩.୧.୧. (କ) ଆର୍‌ଆଇ (ଖ) ଏନ୍ ଆଇ (ଗ) ଏମ୍‌ଆଇ (ଘ) ଆର୍‌ଆଇ

(ଙ) ଏମ୍‌ଆଇ (ଚ) ଆର୍‌ଆଇ (ଛ) ଏମ୍‌ଆଇ (ଜ) ଆର୍‌ଆଇ

(ଝ) ଆର୍‌ଆଇ

୨. (କ) ଶ୍ରୀ ଆନନ୍ଦ

(ଖ) ଭଡ଼ା ଘରର ଖର୍ଚ୍ଚ ଅପରାହ୍ନର ଭୋଜନ ଓ ପେଟ୍ରୋଲ୍ ଖର୍ଚ୍ଚଠାରୁ ଅଧିକ ଅଟେ । ତେଣୁ ଶ୍ରୀ ଆନନ୍ଦ ଘରର ଭଡ଼ା ଓ ଯାତାୟତ ଖର୍ଚ୍ଚରୁ ସଂଚୟ କରୁଛନ୍ତି ଯାହାକି ଶ୍ରୀ ଲାଲଙ୍କ ସଂଚୟରୁ ଅଧିକ ଅଟେ ।



ଟିପ୍‌ପଣୀ

୧୩.୨.୧ (କ) ଫ୍ରିଜ୍ କିଣିବା

(ଖ) ପୌଷ୍ଟିକ ଆହାର କିଣିବା

(ଗ) ମିକ୍ସଚର ଗ୍ରାଇଣ୍ଡର କିଣିବା

(ଘ) ଗରମ ପୋଷାକ କିଣିବା

(ଙ) ନିଜର ଘର କିଣିବା

୧୩.୩.୧ (କ) ଭୂଲ୍ - ସବୁ ପ୍ରକାର ଆୟର ପରିଚାଳନା କରିବା ଆବଶ୍ୟକ ଅଟେ ।

(ଖ) ଭୂଲ୍ - କମ୍ ଆୟର ପରିଚାଳନା କରିବା ମଧ୍ୟ ଅଧିକ ସନ୍ତୋଷ ନିମନ୍ତେ ଆବଶ୍ୟକ ହୋଇଥାଏ ।

(ଗ) ଭୂଲ୍ - ସବୁ ଚାହିଦାକୁ ପୂରଣ କରିବା ପାଇଁ ଆୟର ଉତ୍ତର ଧରଣର ପରିଚାଳନା କରିବାର ଆବଶ୍ୟକ ହୋଇଥାଏ ।

(ଘ) ଠିକ୍ ଆୟର ସଠିକ୍ ବିବରଣୀ ତୁମକୁ ଉତ୍ତମ ରୂପେ ପରିଚାଳନା କରିବାରେ ସାହାଯ୍ୟ କରିବ ।

(ଙ) ଭୂଲ୍ - ଆୟ ଓ ବ୍ୟୟ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବାକୁ ଆୟ ପରିଚାଳନା କୁହାଯାଏ ।

୨. ୨୬୮୭ ଟଙ୍କା ଦଶମ ଦିନର ପୁଞ୍ଜି ଅଟେ ।

୧୩.୪. (କ) ଭୂଲ୍ - ବିଷାକ୍ତ ଦ୍ରବ୍ୟଗୁଡ଼ିକୁ ସଂଚୟ କରି ରଖିଲେ ଅଗ୍ନି/ଦୁର୍ଘଟଣାର ସମ୍ଭାବନା ହୋଇପାରେ । ଏହା କାନୁନ୍ ବିରୋଧୀ କାର୍ଯ୍ୟ ହୋଇପାରେ ।

(ଖ) ଭୂଲ୍ - ତୁମକୁ ଚାକରର ଦରମା ଦେବାକୁ ହେବ । ଘରର ହିତ ଦୃଷ୍ଟିରୁ ତୁମକୁ ବୁଝାମଣା କରିବାକୁ ହେବ ।

(ଗ) ଭୂଲ୍ - ପୂର୍ଣ୍ଣ ସମୟ କାର୍ଯ୍ୟ ସବୁବେଳେ ମିଳି ନଥାଏ । ପୂର୍ଣ୍ଣ ସମୟ କାର୍ଯ୍ୟ ଗ୍ରହଣ କରିବାକୁ ତୁମ ପାଖରେ ଉପଯୁକ୍ତ ଗୁଣ ଥାଇ ନ ପାରେ ।

(ଘ) ଭୂଲ୍ - ଆମୋଦ ପ୍ରମୋଦରେ ଖର୍ଚ୍ଚକୁ କଢ଼ାଯାଇପାରେ, ତୁମେ ନିଜେ କିଛି କାର୍ଯ୍ୟ କରିବ ।




ଚିତ୍ର ୧୩.୧୦ : କ୍ରସ ଶବ୍ଦର ସମାଧାନ

**ପେଟିକା-୩**

ସାଧନ ପରିଚାଳନା



ଟିପ୍ପଣୀ

୧୩.୪.(କ) ଝିଅର ଶିକ୍ଷା ଓ ବିବାହ ଏବଂ ଡାକ୍ତରୀ ଖର୍ଚ୍ଚ ଅବସର ପରର ଆବଶ୍ୟକତା ( ଯେକୌଣସି ଦୁଇଟି )

(ଖ) ଶିକ୍ଷା, ଗୃହ କ୍ରୟ ଏବଂ ଗୃହର ବିଭିନ୍ନ ଉପକରଣ କ୍ରୟ କରିବା ( ଯେକୌଣସି ଦୁଇଟି )

(ଗ) ନୂତନ ଗୃହ କ୍ରୟ ଏବଂ ଅବସର ପରର ଆବଶ୍ୟକତା

**ପାଠଗତ ପ୍ରଶ୍ନର ଉତ୍ତର :**

୧. (a) ରେକର୍ଡ଼ (b) ଇଚ୍ଛା (c) ଖର୍ଚ୍ଚ (d) ଆୟ (e) ସଞ୍ଚୟ (f) ବିନିବେଶ (g) ପୋଷ୍ଟ ଅଫିସ୍ (h) ଇନ୍‌ସୁରେନ୍ସ (i) କରଛାଡ଼ (j) ଭବିଷ୍ୟନିଧି ପାଣ୍ଠି (k) ସମ୍ପତ୍ତି

**୨.୫ - ପାଠକୁ ଦେଖ**

# ୧୪

# ଶକ୍ତି ସଂରକ୍ଷଣ

ଯଦି ଆପଣଙ୍କୁ ପଚରାଯିବ ଯେ ଆପଣଙ୍କ ଭିତରେ କାର୍ଯ୍ୟକରିବାର ଶକ୍ତି କେଉଁଠି ଆସୁଛି ? ତେବେ ସମ୍ଭବତଃ ଆପଣଙ୍କ ଉତ୍ତର ହେବ, ଯେଉଁ ଖାଦ୍ୟ ଆମେ ଖାଉଛୁ, ସେଥିରୁ । ଏହିପରି ଖାଦ୍ୟ ରାନ୍ଧିବା ପାଇଁ ଉପଯୁକ୍ତ ଶକ୍ତି, କାଠ ସବୁ ଜଳିଲେ, କୋଇଲାରୁ, ଗୋବର ଘସି, କିରୋସିନ, ଗ୍ୟାସ ଓ ବିଜୁଳୀ ଆଲୋକରୁ ଆସିଥାଏ । ଆପଣଙ୍କର ପଙ୍ଖା ଏବଂ ଟି.ଭିକୁ ଚଳେଇବା ପାଇଁ ଶକ୍ତି ବିଜୁଳିରୁ ଆସିଥାଏ । ଏହିପରି ଭାବରେ ଆପଣ ଶକ୍ତିର ଭିନ୍ନ ପ୍ରକାରରେ ଉପଯୋଗ କରିବା ଜାଣନ୍ତି । କିନ୍ତୁ କଣ ଆପଣ କେବେ ଗଭୀର ଭାବରେ ଚିନ୍ତା କରିଛନ୍ତି କି ଯଦି, ସୂର୍ଯ୍ୟରୁ ଆସିଥିବା ଆଲୋକ ବା ଉତ୍ତାପ ନଥାନ୍ତା ତେବେ ପୃଥିବୀର କଣ ହେଉଥାନ୍ତା ? କିମ୍ବା ଯଦି ଆପଣଙ୍କ ଘରକୁ ଆଲୋକିତ କରିବା ପାଇଁ ବିଜୁଳି ଆଲୋକ ନଥାନ୍ତା ? ଆପଣ ଏହା ମଧ୍ୟ ଜାଣନ୍ତି କି ବିଜୁଳି ଆଲୋକ କେବେ ବି କମ୍ ହୋଇପାରେ ଏବଂ ପରିଣାମ ସ୍ୱରୂପ କିଛି ସମୟ କିମ୍ବା ଲମ୍ବା ସମୟ ପର୍ଯ୍ୟନ୍ତ ବିଜୁଳି କଟାଯାଇପାରେ ।

ଏହିପାଠରୁ ଆମେ ଶିଖିବା ଯେ ଶକ୍ତିର ଆଧାର କଣ ଅଟେ ଏବଂ ଆମକୁ ଯେଉଁସବୁ ଶକ୍ତି ଆଧାରଗୁଡ଼ିକ ଉପଲବ୍ଧ ହେଉଛି ଆମେ ତାହାକୁ ଉପଯୁକ୍ତ ଭାବରେ ବ୍ୟବହାର କରିବା । ଆମକୁ ଆମର ଦୈନିକ ଆବଶ୍ୟକତା ଗୁଡ଼ିକ ପୂରଣ କରିବା ପାଇଁ ନୂଆ ନୂଆ ଆଧାର ଗୁଡ଼ିକ ଚେଷ୍ଟାକରି ବାହାର କରିବାକୁ ହେବ ।

### ଉଦ୍ଦେଶ୍ୟ

ଏହି ଅଧ୍ୟାୟକୁ ପଢ଼ିବା ପରେ ତୁମେ ନିମ୍ନରେ କରିପାରିବ :

- ‘ଶକ୍ତି’ ଶବ୍ଦର ଅର୍ଥ ବର୍ଣ୍ଣନା କର;
- ଶକ୍ତିର ବିଭିନ୍ନ ଆଧାର ଗୁଡ଼ିକର ଶ୍ରେଣୀ ବିଭାଗ କର ନୂତନ ଭାବରେ ଓ ପୁରାତନ ଭାବରେ;
- ଶକ୍ତିର ସଂରକ୍ଷଣର ଗୁରୁତ୍ୱ ବିଷୟରେ ବର୍ଣ୍ଣନା କର;
- ଶକ୍ତି ସଂରକ୍ଷଣ ପାଇଁ ବିଭିନ୍ନ ପ୍ରଣାଳୀ ବିଷୟରେ ମତ ଦିଅ;
- ଭବିଷ୍ୟତ ପାଇଁ ଶକ୍ତିର ବିକଳ୍ପକୁ ଚିହ୍ନଟ କର ।

ପେଟିକା-୩

ସାଧନ ପରିଚାଳନା



ଟିପ୍ପଣୀ

## ୧୪.୧ ଶକ୍ତି କ'ଣ ଅଟେ ?

ଶକ୍ତିକୁ ଏହିପରି ଭାବରେ ବର୍ଣ୍ଣନା କରାଯାଇପାରେ ।

**ଶକ୍ତି କାର୍ଯ୍ୟ କରିବାର କ୍ଷମତା ଅଟେ ।**

ଆପଣ ଦେଖୁଥିବେ ଯେ ଶକ୍ତିର ପ୍ରୟୋଗରେ ସବୁବେଳେ କିଛି ପରିବର୍ତ୍ତନ ଆସିଥାଏ । ପଙ୍ଖା ଚାଲୁଛି, ଷ୍ଟୋଭ୍ ଜଳୁଛି, ଟର୍ଚ୍ଚରେ ଆଲୋକ ଆସୁଥାଏ, ଆଲୋକ ପଡ଼ିବା କ୍ଷଣି, ସୋଲାର୍ କାଲ୍‌କୁଲେଟର୍ କାର୍ଯ୍ୟ କରିବା ଆରମ୍ଭ କରିଦିଏ କିମ୍ବା ପମ୍ପ ଦ୍ୱାରା ପାଣି ଆସିଥାଏ । ସମ୍ଭବତଃ ଆପଣ ଅନ୍ୟ ଯେକୌଣସି ଉଦାହରଣ ଦେଇପାରିବେ । ଏହିସବୁ ପରିସ୍ଥିତି ମଧ୍ୟରେ କିଛି କାର୍ଯ୍ୟ କରାଯାଉଛି ଏବଂ ଯେଉଁ ଉପାଦାନ ଏହିସବୁ କାର୍ଯ୍ୟ କରିବାର କ୍ଷମତା ପ୍ରଦାନ କରିଥାଏ ତାହାକୁ ଶକ୍ତି କୁହାଯାଏ । ବର୍ତ୍ତମାନ ପ୍ରଶ୍ନ ଉଠେ କି ଏହିଶକ୍ତି କେଉଁଠାରୁ ଆସୁଛି ?

**ସୂର୍ଯ୍ୟ ପୃଥିବୀରେ ପ୍ରାୟଃ ସବୁ ପ୍ରାକୃତିକ ଶକ୍ତିର ଆଧାର ଅଟନ୍ତି ।**

ଆପଣ ଏଥିରେ ଅସମ୍ମତ ପ୍ରଦାନ କରିପାରନ୍ତି ଏବଂ କହି ମଧ୍ୟ ପାରନ୍ତି ଯେ ଆମକୁ ଶକ୍ତି ଅଗ୍ନି, ବିଜୁଳି, ଆଲୋକ ଆଦିରୁ ମିଳୁଛି । ଆପଣ ନିଃସନ୍ଦେହରେ ଠିକ୍ କହୁଛନ୍ତି । ଆସନ୍ତୁ, ଏହାକୁ କିଛି ପରିମାଣରେ ପରୀକ୍ଷା କରି ବର୍ଣ୍ଣନା କରିବା ।

> ଯେଉଁ ଶକ୍ତି ଆପଣଙ୍କୁ ଅଗ୍ନିରୁ ମିଳୁଛି ତାହା କାଠ, କୋଇଲା, ତେଲ ବା ପ୍ରାକୃତିକ ଗ୍ୟାସ୍‌ର ଜଳିବା ଯୋଗୁଁ ମିଳିଥାଏ । ଏହିସବୁ ପଦାର୍ଥକୁ 'ଇନ୍ଧନ' (ଜାଳେଣୀ) କୁହାଯାଏ । କାଠକୁ ଛାଡ଼ି ଅନ୍ୟ ଜାଳେଣୀକୁ ଜୀବାଶ୍ମ ଜାଳେଣୀ କୁହାଯାଏ । କାରଣ ଏହା ଭୂମି ତଳୁ ପାଇଥାଉ । କୋଟି କୋଟି ବର୍ଷ ପୂର୍ବେ ସୂର୍ଯ୍ୟଙ୍କର ଶକ୍ତି ମୃତ ପାର୍ଥୀବ ପଦାର୍ଥକୁ କୋଇଲା/ ତେଲ/ ପ୍ରାକୃତିକ ଗ୍ୟାସରେ ରୂପାନ୍ତରିତ କରି ଦେଇଥିଲା । ତେଣୁ ଆମେ କହିପାରିବା ଯେ ସବୁ ପ୍ରକାରର ଜାଳେଣୀ ନିଜର ଶକ୍ତି ସୂର୍ଯ୍ୟଙ୍କଠାରୁ ପାଇଥାନ୍ତି ।

'ବିଜୁଳି' ବହିଯାଉଥିବା ଜଳ, ବାମ୍ପ, କୋଇଲା କିମ୍ବା ତେଲ ସାହାଯ୍ୟରେ ଉତ୍ପାଦିତ ହୋଇଥାଏ । ଆପଣ ଜାଣନ୍ତି କୋଇଲା ଏବଂ ତେଲ ନିଜର ଶକ୍ତି ସୂର୍ଯ୍ୟଙ୍କଠାରୁ ପାଇଥାନ୍ତି । ବହିଯାଉଥିବା ଜଳ ମଧ୍ୟ ନିଜର ଶକ୍ତି ସୂର୍ଯ୍ୟଙ୍କ ଠାରୁ ନିଏ, କାରଣ ବହିଯାଉଥିବା ପାଣି ଜଳଚକ୍ରର ଅଂଶ ଅଟେ ଯାହା ସୂର୍ଯ୍ୟଙ୍କ କାରଣରୁ ହିଁ ମିଳିଥାଏ ।




**ଚିତ୍ର ୧୪.୧ (ଜଳଚକ୍ର)**

ଶକ୍ତିର ଅନ୍ୟ ଆଧାର ମଧ୍ୟ ଅଛି ଯେପରି ପବନ, ପରମାଣୁ ଇନ୍ଧନ, ଭୂଗର୍ଭସ୍ଥ ଶକ୍ତି ଆଦି । କଣ ଆପଣ ପବନଚକ୍ରୀ ଗୁଡ଼ିକ ବିଷୟରେ ଶୁଣିଛନ୍ତି ? ଯେତେବେଳେ ସୂର୍ଯ୍ୟଙ୍କ ଦ୍ୱାରା ବାୟୁମଣ୍ଡଳର ତାପମାତ୍ରାରେ ପରିବର୍ତ୍ତନ ଆସିଥାଏ ସେତେବେଳେ ପବନ ହୋଇଥାଏ ଏବଂ ଆମେ ଏହି ବହୁଥିବା ପବନ ଶକ୍ତିରୁ କେତେ କାର୍ଯ୍ୟପାଇଁ

ଉପଯୋଗ କରିଥାଉ । ପ୍ଲୁଟୋନିୟମ୍ ଏବଂ ୟୁରେନିୟମ୍ ପରି ପରମାଣୁ ଜାଳେଣୀର ପ୍ରତିକ୍ରିୟା ସ୍ୱରୂପ ଯାହା ଶକ୍ତି ବାହାରିଥାଏ ତାହା ମଧ୍ୟ ବିଜୁଳି ଉତ୍ପନ୍ନ କରିବାର କାମରେ ଆସିଥାଏ । ଭୁଗର୍ଭସ୍ଥ ଶକ୍ତି ସୂର୍ଯ୍ୟ ତାପ ଶକ୍ତି ଅଟେ ଯାହା ପୃଥିବୀ ଭିତରେ ଥିବା ପଥର ଚଟାଣରେ ଦବି ରହିଥାଏ । ଆଜି ବୈଜ୍ଞାନିକମାନେ ଏହି ଶକ୍ତିର ଉପଯୋଗ କରି ବିଜୁଳୀ ଓ ଅନ୍ୟ ପ୍ରକାରର ଶକ୍ତି ଉତ୍ପାଦନ କରିବାର ବିଧି ଖୋଜି ବାହାର କରିଛନ୍ତି ।

ପେଟିକା-୩

ସାଧନ ପରିଚାଳନା



ଟିପ୍ପଣୀ

### ୧୪.୨ ଶକ୍ତିର ଆଧାର

ଶକ୍ତିର ବିଭିନ୍ନ ଆଧାର ନିମ୍ନ ପ୍ରକାରର ଅଟେ ।

୧. ସୂର୍ଯ୍ୟ

୨. ପବନ (ପବନ ଚକି)

୩. ବହିଯାଉଥିବା ପାଣି (ଜଳ ବିଦ୍ୟୁତ୍ ପରିଯୋଜନା ଗୁଡ଼ିକ)

୪. ଜାଳେଣୀ (କାଠ, କୋଇଲା, ତେଲ, ପ୍ରାକୃତିକ ଗ୍ୟାସ )

୫. ପରମାଣୁ ଇନ୍ଧନ

୬. ବିଜୁଳୀ

୭. ଭୂଗର୍ଭସ୍ଥ ଶକ୍ତି

### ପାଠଗତ ପ୍ରଶ୍ନ ୧୪.୧

୧. ତଳେ ଦିଆଯାଇଥିବା ସୂଚୀ ମଧ୍ୟରୁ ଶକ୍ତିର ଆଧାର ଉପରେ ଟିକ୍ ଚିହ୍ନ (✓) ଲଗାନ୍ତୁ ।

(କ) ପେଟ୍ରୋଲ୍ (ଖ) ଏଲ୍.ପି.ଜି

(ଗ) ତାରପିନ୍ ତେଲ (ଘ) କିରୋସିନି ତେଲ

(ଙ) ଇଞ୍ଜିନ୍ ତେଲ (ଚ) ପୋଖରୀ ପାଣି

(ଛ) ନଳ ପାଣି (ଜ) ନଈ ପାଣି

(ଝ) ସୂର୍ଯ୍ୟକିରଣ (ଞ) କୋଇଲା

୨. କୁହନ୍ତୁ ନିମ୍ନରେ ଦିଆଯାଇଥିବା ବକ୍ତବ୍ୟ ଠିକ୍ ନା ଭୂଲ୍ ଅଛି ଏବଂ ଭୂଲ୍ ଉକ୍ତିଗୁଡ଼ିକୁ ଠିକ୍ କରନ୍ତୁ ।

(କ) ପୋଖରୀ ପାଣିରେ ବିଜୁଳୀ ଉତ୍ପନ୍ନ କରାଯାଇ ପାରିବ ।

(ଖ) ବାୟୁର ଚାପରେ ପରିବର୍ତ୍ତନ ଯୋଗୁଁ ପବନ ସୃଷ୍ଟି ହୋଇଥାଏ ।

(ଗ) ଭୂଗର୍ଭସ୍ଥ ଶକ୍ତି ବସ୍ତୁତଃ ଆରମ୍ଭରେ ସୋଲାର୍ ଶକ୍ତି ଅଟେ ।

(ଘ) କାଠ, କୋଇଲା ଏବଂ ତେଲ ଆଦି ପ୍ରାକୃତିକ ଜାଳେଣୀ ଅଟେ ।

(ଙ) ବିଜୁଳି କେବଳ ପାଣି, ଉତ୍ତାପ, କୋଇଲା ଏବଂ ତେଲରୁ ଉତ୍ପନ୍ନ କରାଯାଇଥାଏ ।

### ୧୪.୩ ଶକ୍ତି ଆଧାରର ଶ୍ରେଣୀ ବିଭାଗ

ଶକ୍ତିର ଆଧାର ଦୁଇ ପ୍ରକାର ହୋଇପାରେ - ଏକ ଯାହା ସୀମିତ ଅଟେ ଏବଂ କିଛି ବର୍ଷ ମଧ୍ୟରେ ଶେଷ ହୋଇଯିବ । ଦ୍ୱିତୀୟ ପ୍ରକାରର ଆଧାର ଏହା ଅଟେ ଯାହାର ଚାହିଦା କେବେ ମଧ୍ୟ ସରେନାହିଁ । ଅକ୍ଷୟ ଶକ୍ତିର ଅର୍ଥ ଏହି ଶକ୍ତିକୁ ବାରମ୍ବାର ପ୍ରାପ୍ତ କରାଯାଇପାରିବ । ପରମ୍ପରାଗତ ଶକ୍ତିର ଅର୍ଥ ଏହି ଶକ୍ତି ଯାହା କିଛି ସୀମିତି ସମୟ ପର୍ଯ୍ୟନ୍ତ ପ୍ରାପ୍ତ କରିହେବ କିନ୍ତୁ କିଛି ସମୟ ପରେ ଏହାର ଯୋଗାଣ ସରିଯାଏ । ଉପରେ ଦିଆଯାଇଥବା ବ୍ୟାଖ୍ୟାର ଅନୁସାରେ ଆପଣ କଣ ଏବେ ଶକ୍ତିରର ସ୍ରୋତକୁ ଅକ୍ଷୟ ନା ପରମ୍ପରାଗତ

ପେଟିକା-୩

ସାଧନ ପରିଚାଳନା



ଟିପ୍ପଣୀ

ଆଧାର ଅନୁସାରେ ଶ୍ରେଣୀଭୁକ୍ତ କରିପାରିବେ ?

ଆମେ କହିପାରିବା –

**ଶକ୍ତି**

| ଅକ୍ଷୟ | ପରମ୍ପରାଗତ |
|---|---|
| ୧. ସୂର୍ଯ୍ୟ | ୧. ଜୀବାଶ୍ମ ଜାଳେଣୀ |
| ୨. ପବନ | ୨. କାଠ |
| ୩. ଜଳ | ୩. ପରମାଣୁ ଜାଳେଣୀ |
| ୪. ଭୂଗର୍ଭସ୍ଥ | ୪. ବିଜୁଳି |

**ଅକ୍ଷୟ ଶକ୍ତିର ଆଧାର :**

ଆପଣ ଜାଣନ୍ତି କି ସୂର୍ଯ୍ୟଶକ୍ତିର ଯୋଗାଣ କେବେ ମଧ୍ୟ ସରିବାର ନାହିଁ । ଆମ ପାଖରେ ପବନ ଓ ଜଳର ଶକ୍ତି ସେତେ ଦିନ ପର୍ଯ୍ୟନ୍ତ ରହିବ ଯେ ପର୍ଯ୍ୟନ୍ତ ସୂର୍ଯ୍ୟ ଅଛନ୍ତି । ଧରଣୀ ମଧ୍ୟରେ ଥିବା ପଥର ଗୁଡ଼ିକୁ ସୂର୍ଯ୍ୟଙ୍କ ଶକ୍ତିକୁ ଅଟକାଇ ରଖିଦିଏ । ଯଦି ଏହି ଭୂଗର୍ଭସ୍ଥ ଶକ୍ତିକୁ ଆମେ, ଏହାକୁ ଅଟକାଇ ରଖିଥିବା ଶକ୍ତିଠାରୁ ଅଧିକ ତେବେ ପ୍ରୟୋଗ କରିବା ତେବେ ଏହା ମଧ୍ୟ ଏକ ପରମ୍ପରାଗତ ଶକ୍ତି ବୋଲି ପ୍ରମାଣିତ ହେବ କିନ୍ତୁ ଏପରି ହେବାର ସମ୍ଭାବନା ବର୍ତ୍ତମାନ ନାହିଁ । ତେଣୁ ଅନୁମାନ କରାଯାଏ ଯେ ଏହି ଶକ୍ତି ଅନେକ ଦିନ ପର୍ଯ୍ୟନ୍ତ ରହିପାରିବ ।

**ପରମ୍ପରାଗତ ଶକ୍ତିର ଆଧାର :**

କୋଇଲା, ତେଲ ଏବଂ ପ୍ରାକୃତିକ ଗ୍ୟାସ କୋଟି କୋଟି ବର୍ଷରେ ତିଆରି ହୋଇଛି କିନ୍ତୁ ଯେଉଁ ପରିମାଣରେ କୋଇଲା ଖଣି ସବୁ ଖୋଳାଯାଉଛି ଏବଂ ତେଲକୁ ଶକ୍ତିର ଆବଶ୍ୟକତା ପୂରଣ କରିବା ପାଇଁ ବ୍ୟବହୃତ ହେଉଛି, ଏହା ସେମାନଙ୍କର ତିଆରି କରିବା ଗତିର ତୁଳନା ଠାରୁ ଯଥେଷ୍ଟ ଆଗୁଆ ଅଟେ । ତେଣୁ ବର୍ତ୍ତମାନ ଆପୂର୍ତ୍ତି ଖୁବ୍ ଶୀଘ୍ର ସରିଯାଉଛି ।

ବିଜୁଳି, କୋଇଲା ଓ ତେଲକୁ ଜଳେଇ କି ବା ବହିଯାଉଥିବା ପାଣିର ଶକ୍ତିକୁ ବ୍ୟବହାର କରି କିମ୍ବା ବାମ୍ପରେ କିମ୍ବା ପୁଣି ପରମାଣୁ ଜାଳେଣୀର ବ୍ୟବହାର କରି ଉତ୍ପନ୍ନ କରାଯାଇଥାଏ । ଆପଣ କହିପାରିବେ କି ଜାଳେଣୀର ଯୋଗାଣ ସୀମିତ ଅଟେ, ତେଣୁ ଆମେ ବହି ଯାଉଥିବା ପାଣିରେ ବିଦ୍ୟୁତ୍ ଉତ୍ପନ୍ନ କରିପାରିବା । ସେହି ଅବସ୍ଥାରେ ବିଦ୍ୟୁତ୍ ଏକ ଶକ୍ତିର ଆଧାର ହେବ କିନ୍ତୁ ବାସ୍ତବରେ ଏପରି ନାହିଁ କାରଣ ଜଳବିଦ୍ୟୁତ୍ ହାଇଡ୍ରୋଇଲୋକ୍ଟ୍ରିକ୍ ପ୍ରୋଜେକ୍ଟ ପରିଯୋଜନା ଗୁଡ଼ିକ ପ୍ରଥମରୁ ଦେଶର ଅଧିକାଂଶ ସମ୍ଭବଯୋଗ୍ୟ ନଦୀଗୁଡ଼ିକରେ ସ୍ଥାପିତ ହୋଇସାରିଛି । ଏହି ବିଦ୍ୟୁତ୍ ପରିଯୋଜନା ଗୁଡ଼ିକ ନିଜ ନିଜର ଅଧିକତମ କ୍ଷମତାରେ ବିଦ୍ୟୁତ୍ର ଆଗରୁ ଉତ୍ପାଦନ କରୁଛନ୍ତି ଏବଂ ବଢୁଥିବା ଚାହିଦାକୁ ପୂରା କରିବାପାଇଁ ବିଦ୍ୟୁତ୍‌ର ଚାହିଦା ବଢ଼ାଇବା ପାଇଁ କୌଣସି ପ୍ରସ୍ତାବ ନାହିଁ । ତେଣୁ ବିଦ୍ୟୁତ୍ ମଧ୍ୟ ଅକ୍ଷୟ ଶକ୍ତିର ଆଧାର ନୁହେଁ ।

ଆଜି ପରମାଣୁ ଜାଳେଣୀ ମଧ୍ୟ ବିଦ୍ୟୁତ୍ ଉତ୍ପାଦନ କରିବା ପାଇଁ ବ୍ୟବହାର କରାଯାଉଛି କିନ୍ତୁ ଆମକୁ ମନେ ରଖିବାକୁ ହେବଯେ ସବୁ ପ୍ରକାରର ପରମାଣୁ ଜାଳେଣୀଗୁଡ଼ିକର ଯୋଗାଣ ମଧ୍ୟ ସୀମିତି ଅଟେ ଏବଂ ଯଦି ସେମାନଙ୍କର ବ୍ୟବହାର ଚତୁର ଢଙ୍ଗରେ ନ କରାଯିବ ତାହା ମଧ୍ୟ ଶୀଘ୍ର ସରିଯିବ ।

**ପାଠଗତ ପ୍ରଶ୍ନ ୧୪.୨**

୧. ନିମ୍ନରେ ଦିଆଯାଇଥିବା ସୂଚୀରେ ଶକ୍ତିର ଅକ୍ଷୟ ଓ ପରମ୍ପରାଗତ ଆଧାରଗୁଡ଼ିକ ଚିହ୍ନ ଦେଇ ପୃଥକ ପୃଥକ କରନ୍ତୁ ।

| | |
|---|---|
| (i) ସୂର୍ଯ୍ୟକିରଣ | (vii) କାଠ |
| (ii) ପେଟ୍ରୋଲିୟମ୍ | (viii) ବାମ୍ପ |
| (iii) କଞ୍ଚା କୋଇଲା | (ix) ପାଣି |
| (iv) ଡ଼ିଜେଲ | (x) କିରୋସିନି |
| (v) ପରମାଣୁ ଜାଳେଣୀ | (xi) ବିଦ୍ୟୁତ୍ |
| (vi) ଏଲ୍. ପି. ଜି | (xii) ପବନ |

***କାର୍ଯ୍ୟକଳାପ ୧୪.୧ :*** ନିଜ ଘର ବା ପାଖ ପଡ଼ୋଶୀରେ ଶକ୍ତିର ଭିନ୍ନ ଭିନ୍ନ ସ୍ରୋତଗୁଡ଼ିକୁ ଅନୁଭବ କରିବେ ଏବଂ ଏହାର ଶ୍ରେଣୀଭୁକ୍ତ ଅକ୍ଷୟ ଓ ପରମ୍ପରାଗତ ଶକ୍ତିର ଆଧାର ଉପରେ କରିବେ ।

### ୧୪.୪ ଶକ୍ତି ସଂରକ୍ଷଣ କାହିଁକି ?

ଶକ୍ତି ସଂରକ୍ଷଣର ଅର୍ଥ ସମାନ ପ୍ରକାରର କାର୍ଯ୍ୟ ସ୍ତର ପାଇଁ ଅପେକ୍ଷାକୃତ କମ୍ ଶକ୍ତିର ପ୍ରୟୋଗ କରିବା । ଆସନ୍ତୁ ଏକ ଉଦାହରଣ ଦ୍ୱାରା ବୁଝାଇବା ପାଇଁ ଚେଷ୍ଟାକରିବା । ଧରନ୍ତୁ ଅପରାହ୍ନର ଭୋଜନ ପାଇଁ ଡ଼ାଲି କରିବା ପାଇଁ ଚାହୁଁଛନ୍ତି । ଏହାକୁ କରିବା ପାଇଁ ଦୁଇଟି ବିଧି ରହିଛି – ଆପଣ ଡାଲିକୁ ଡ଼େକିଚିରେ ଘୋଡ଼ଣୀ ଦେଇ ରାନ୍ଧିପାରିବେ କିମ୍ବା ପ୍ରେସର୍ କୁକୁର୍ ବ୍ୟବହାର କରିପାରିବେ । ଏହା କହିବାର ଆବଶ୍ୟକ ନାହିଁଯେ ଦୁଇଟିଯାକ ଅବସ୍ଥାରେ ଡ଼ାଲି ଏକ ପ୍ରକାର ହେବ । ପ୍ରେସର୍ କୁକୁର୍‌ର ପ୍ରୟୋଗର ଆପଣଙ୍କୁ ଡ଼ାଲି କରିବାରେ ସମୟ ଓ ଶକ୍ତି ଦୁଇଟିଯାକ ସଞ୍ଚିତ କରିବେ । ଯଦି ଆମେ ଏକ ପାହାଚ ଆଗକୁ ବଢ଼ିବା ଏବଂ କହିବା କି ଆମେ କେବଳ ଡାଲି ନୁହେଁ ଚାଉଳ ଓ ଆଳୁକୁ ମଧ୍ୟ ରାନ୍ଧିବାକୁ ଚାହୁଁଛୁ ରାନ୍ଧିବାର ଏକ ବାଟ ହେବଯେ ଆପଣ ତିନିଟାକୁ ଅଲଗା ଅଲଗା କରି ରାନ୍ଧିବେ, ଯାହାର ଫଳସ୍ୱରୂପ ଚୁଲିକୁ ତିନିଥର ବ୍ୟବହାର କରିବାକୁ ହେବ । ଦ୍ୱିତୀୟ ବାଟ ପ୍ରେସର୍ କୁକର୍‌ରେ ଅଲଗା ଅଲାଗା ଡ଼ିବାର ପ୍ରୟୋଗ କରି ତିନିଟାକୁ ଏକ ସଙ୍ଗରେ ରନ୍ଧାଯାଇପାରିବ । ପ୍ରେସର୍ କୁକର୍ ପ୍ରୟୋଗର କଣ ସୁବିଧା ଅଛି ? କିମ୍ବା ତିନୋଟି ବସ୍ତୁଙ୍କର ଏକ ସାଥୀରେ ରାନ୍ଧିବାର କଣ ସୁବିଧା ଅଛି ? ଆପଣ ଶକ୍ତିର ସଂରକ୍ଷଣ କରୁଛନ୍ତି । ଅର୍ଥାତ୍ ଆପଣ ଗୋଟିଏ ପରିଣାମ ପାଇବା ପାଇଁ କମ୍ ଶକ୍ତିର ପ୍ରୟୋଗ କରୁଛନ୍ତି ।

ଆଉ ଏକ ପ୍ରଶ୍ନ ଉଠୁଛି ଆମେ ଶକ୍ତିର ସଂରକ୍ଷଣ କାହିଁକି କରିବା ? ଆମେ ସବୁ ପ୍ରକାରର ଶକ୍ତି ସବୁ କ୍ଷଣରେ ସହଜରେ ପାଇପାରିବୁ ।

ଶକ୍ତି ସଂରକ୍ଷଣ ଆମକୁ କେତେ କାରଣରୁ କରିବାକୁ ପଡ଼ିଥାଏ ଏହାର ଉଲ୍ଲେଖ ତଳେ ଦିଆଯାଇଛି ।

**୧. ଯୋଗାଣ ଠାରୁ ଚାହିଦା ଅଧିକ**

ବଢୁଥିବା ଜନସଂଖ୍ୟା, ଶିଳ୍ପ କାରଖାନା, ସଡ଼କ ଉପରେ ଯାତାୟତ ଏବଂ ଘର, ଅଫିସ୍ ଓ କ୍ଷେତରେ ସ୍ୱଚାଳିତ ଯନ୍ତ୍ର ଗୁଡ଼ିକର କାରଣ ଯୋଗୁଁ ଶକ୍ତିର ଚାହିଦା ବଢ଼ିଚାଲିଛି ।

*ପେଟିକା-୩*

ସାଧନ ପରିଚାଳନା



ଟିପ୍ପଣୀ

ପେଟିକା-୩

ସାଧନ ପରିଚାଳନା

ଟିପ୍ପଣୀ




**ଚିତ୍ର ୧୪.୨ ଶକ୍ତିର ଚାହିଦା**

ଆପଣ ସ୍ୱୟଂ ମଧ୍ୟ ଦେଖିଥିବେ ଯେ ଲଗାତାର ଜନସଂଖ୍ୟା ବୃଦ୍ଧି ପାଉଥିବା ଯୋଗୁ ଶକ୍ତିର ଚାହିଦା ବଢ଼ି ବଢ଼ି ଚାଲିଛି । ଜନସଂଖ୍ୟା ବୃଦ୍ଧିଯୋଗୁ ରହିବାପାଇଁ ଅଧିକ ଘର ଦରକାର ଏବଂ ଏହାଯୋଗୁ ଗଛ କାଟିବାର ମଧ୍ୟ ବଢ଼ିଚାଲିଛି ଯାହାଦ୍ୱାରା ଫର୍ଣ୍ଣିଚର୍ ଓ ଘର କରିବାପାଇଁ କାଠ ମିଳିପାରିବ ।

ଅଧିକ ଲୋକଙ୍କ ପାଇଁ ଅଧିକ କୋଇଲା, କିରୋସିନ ତେଲ ଏବଂ ଗ୍ୟାସର ମଧ୍ୟ ଆବଶ୍ୟକ ହେବ ଯାହାଦ୍ୱାରା ଅଧିକ ଲୋକଙ୍କ ପାଇଁ ଖାଦ୍ୟ ରନ୍ଧାଯାଇପାରିବ । ଆଜି ଅଧିକ ଲୋକଙ୍କୁ ନିଜର ଘରକୁ ଆଲୋକିତ କରିବା ପାଇଁ ଅଧିକ ବିଦ୍ୟୁତ୍‌ର ଆବଶ୍ୟକ ହେଉଛି । ନିଜର କୁଲର୍ ଓ ଗ୍ରୀଜର୍ ଜଳେଇବା ପାଇଁ, ୱାସିଙ୍ଗ୍ ମେସିନ୍ ଓ କମ୍ପ୍ୟୁଟର୍ ଆଦି ଚଳେଇବା ପାଇଁ ମଧ୍ୟ ତାକୁ ବିଦ୍ୟୁତ୍‌ର ଆବଶ୍ୟକ ହେଉଛି ଯାହାର ପରିଣାମ ସ୍ୱରୂପ ଅଧିକ ବିଦ୍ୟୁତ୍ ପାୱାର ବଢ଼ିଚାଲିଛି ଓ ଅଧିକ ବିଦ୍ୟୁତ୍ କଟାଯାଇଛି । କଣ ପଦକ୍ଷେପ ନେବାପାଇଁ ଆପଣ ଭାବୁଛନ୍ତି ଏହି ଶକ୍ତିର ଚାହିଦା ଓ ଯୋଗାଣ ମଧ୍ୟରେ ରହିଥିବା ଦୂରତ୍ୱକୁ କମାଇବା ପାଇଁ ବା ବନ୍ଦ କରିବା ପାଇଁ ? ଆମ ପାଖରେ ଦୁଇଟି ବିକଳ୍ପ ଅଛି ।

(୧) ଯୋଗାଣର ବୃଦ୍ଧି

(୨) ଚାହିଦା କମାଇବା

ଯଦିବା ଶକ୍ତିର ଯୋଗାଣ ସୀମିତ ତେଣୁ ଆମ ପାଖରେ ଏକ ବିକଳ୍ପ ରହିଛି ଅର୍ଥାତ୍ ଚାହିଦାକୁ କମ୍ କରିବା । ଆମେ ଏହିପରି କେଉଁ ପ୍ରକାର କରିପାରିବା ?

**ଉପଲବ୍ଧ ଶକ୍ତିର ଚତୁରପୂର୍ଣ୍ଣ ସଂରକ୍ଷଣ ଓ ଏହାର ଉପଯୁକ୍ତ ବ୍ୟବହାର ଦ୍ୱାରା**

**(୨) ଶକ୍ତି ସଂଚୟ ହିଁ ଶକ୍ତି ଉତ୍ପାଦନ ଅଟେ ।**

ଆପଣ ସମସ୍ତେ ବ୍ୟାଙ୍କ ସହିତ ପରିଚିତ ଅଟନ୍ତି – ଯେତିକି ବି ଧନ ଆପଣ ବଞ୍ଚେଇ ପାରନ୍ତି, ତାହା ଆପଣ ବ୍ୟାଙ୍କରେ ରଖନ୍ତି ଏବଂ କିଛି ସମୟ ପରେ ଆପଣ ନିଜର ସଞ୍ଚୟ ବୃଦ୍ଧି ହେଉଥିବା ଦେଖିପାରିବେ । ଯଦି ଆପଣ ଜମା କରିଥିବା ଟଙ୍କାରୁ ଅଧିକ ଟଙ୍କା ବାହାର କରିବେ, ତେବେ ଶୀଘ୍ର ଆପଣଙ୍କର ଟଙ୍କା ସରିଯିବ ଏବଂ ଆପଣଙ୍କୁ ଟଙ୍କାର ଅଭାବ ସହିବାକୁ ପଡ଼ିବ ।

ବର୍ତ୍ତମାନ କଳ୍ପନା କରନ୍ତୁଯେ ଶକ୍ତି ଏକ ବ୍ୟାଙ୍କ ଅଟେ । ଯେଉଁ ଶକ୍ତି ଆପଣ ନିଜ ଦୈନିକ କାର୍ଯ୍ୟକଳାପରୁ ସଂଚୟ କରି ରଖିଛନ୍ତି ତାହା ଏହି ଶକ୍ତି ବ୍ୟାଙ୍କରେ ଜମା ହୋଇଯାଉଛି ଯାହା ଦ୍ୱାରା ଆପଣ ଭବିଷ୍ୟତରେ ଏହାକୁ ପ୍ରୟୋଗ କରିପାରିବେ । ଯେମିତି ଆପଣଙ୍କର ଶକ୍ତିର ସଂଚୟ ବଢ଼ିବାକୁ ଲାଗିବ । ଅଧିକ ଶକ୍ତିର ଉତ୍ପାଦନ କମିଯିବ । ଏହିପରି ଯେଉଁ ଶକ୍ତି ଆପଣ ସଂଚୟ କରୁଛନ୍ତି ଏହାର ଅନ୍ୟ କେଉଁଠି ବ୍ୟବହାର କରାଯାଇପାରିବ; ଉଦାହରଣ ପାଇଁ ଯଦି ଆପଣ ପରିବାରରେ ଦିନ ସମୟରେ ବିବାହ ସମାରୋହ ଆୟୋଜନ କରିବା ଚାହୁଁଛନ୍ତି ଯେଉଁଥିରେ କି କମ୍ ସଜାସଜି ଆଲୋକର ଆବଶ୍ୟକତା ଅଛି, ତେବେ ଯେଉଁ ବିଦ୍ୟୁତ୍ ଆପଣ ସଂଚୟ କରିପାରୁଛନ୍ତି, ସେଥିରେ ସହରର ବିଦ୍ୟୁତ୍‌ର କଟାଯିବା କିଛି କମ୍ ହୋଇଯିବ । ଆଜି ପ୍ରତ୍ୟେକ ବ୍ୟକ୍ତିର ଉଦ୍ଦେଶ୍ୟ ହେବା ଉଚିତ ।

କିଛି ତ ଶକ୍ତି ବଞ୍ଚାଅ

**୩. ଜାଳେଣୀ ସୀମିତ ଅଟେ ।**

ଜାଳେଣୀ ଶକ୍ତିର ସବୁଠୁ ସାଧାରଣ ଆଧାର ଅଟେ ଓ ଆମେ ପ୍ରଥମରୁ ଜାଣିଛୁ ଯେ କୋଇଲା, ଗ୍ୟାସ ଓ ତେଲର ସୀମିତ ଭଣ୍ଡାର ଅଟେ । ତଳେ ଦିଆଯାଇଥିବା ଚାର୍ଟ ଉପରେ ଆଖି ପକାଇଲେ ଆମକୁ ଜ୍ଞାନ ହେବଯେ ଆଗକୁ ଆସୁଥିବା ବର୍ଷଗୁଡ଼ିକରେ ଜାଳେଣୀର ଉପଲବ୍ଧତା ସନ୍ଦର୍ଭରେ ଆମେ କେଉଁଠି ଅଛୁ ।

| ଜାଳେଣୀ | ଜଣାଥିବା ଯୋଗାଣ (ବର୍ଷ ମଧ୍ୟରେ) | କେବେ ସରିବ |
|---|---|---|
| ୧. ପ୍ରାକୃତିକ ଗ୍ୟାସ | ପାଖାପାଖି ୩୦ | ଏ.ଡ଼ି ୨୦୩୫ |
| ୨. ତେଲ | ପାଖାପାଖି ୫୦ | ଏ.ଡ଼ି ୨୦୫୫ |
| ୩. କୋଇଲା | ପାଖାପାଖି ୨୫୦ | ଏ.ଡ଼ି ୨୨୮୫ |

**ଏହା ପରେ କ'ଣ ?**

ତୁମେ ଦେଖିପାରିବ ଯେ ତୁମ ଜୀବନ କାଳ ମଧ୍ୟରେ ତେଲ ଓ ପ୍ରାକୃତିକ ଗ୍ୟାସ୍‌ର ଶେଷ ହୋଇଯିବାର ସମ୍ଭାବନା ଅଛି । ନିର୍ଣ୍ଣୟ କରିବାର କ୍ଷମତା ଆମ ହାତରେ ଅଛି କିମ୍ବା ଆମେ ଏପରି ହିଁ ଚାଲୁଥିବା ଯେପରି ଆମେ ଚାଲୁଛୁ କିମ୍ବା ଆମକୁ ଜାଳେଣୀର ବ୍ୟବହାର ବିଷୟରେ ଯୋଜନା କରିବାକୁ ହେବ ଯାହାଫଳରେ ଆମେ ତାହାକୁ ଭବିଷ୍ୟତରେ ବ୍ୟବହାର ପାଇଁ ସଂରକ୍ଷିତ କରିପାରିବା ।

**ପେଟିକା-୩**

ସାଧନ ପରିଚାଳନା



ଟିପ୍ପଣୀ

**ପାଠଗତ ପ୍ରଶ୍ନ ୧୪.୩**

୧. 'କ'ସ୍ତମ୍ଭ ସହିତ 'ଖ'ସ୍ତମ୍ଭର ମିଳନ କର ।

| 'କ'ସ୍ତମ୍ଭ | | 'ଖ'ସ୍ତମ୍ଭ | |
|---|---|---|---|
| (କ) | ଦୁଇ ପ୍ରକାରର ରନ୍ଧା ଏକ ସାଥିରେ ରାନ୍ଧିଲେ | (୧) | ଅକ୍ଷୟ ଶକ୍ତିର ଆଧାର ଅଟେ । |
| (ଖ) | ଶିଳ୍ପଗୁଡ଼ିକ ବୃଦ୍ଧି ହେବାର କାରଣ | (୨) | ଶକ୍ତିର ଉତ୍ପାଦନ ଅଟେ |
| (ଗ) | ଶକ୍ତିର ସଂଚୟ ଅଟେ | (୩) | ସୀମିତ ଅଟେ |
| (ଘ) | ପ୍ରାକୃତିକ ଜାଳେଣୀ | (୪) | ଶକ୍ତିପାଇଁ ଚାହିଦା ବୃଦ୍ଧି |
| | | (୫) | ଶକ୍ତିର ସଂରକ୍ଷଣ ଅଟେ |
| | | (୬) | ଜନସଂଖ୍ୟାର ବୃଦ୍ଧିଲାଭ |

୨. ଚାରୋଟି ଘଟକର ତାଲିକା ଦିଅ ଯାହା ସାହାଯ୍ୟ କରିବ ଶକ୍ତିର ଚାହିଦା ଓ ଯୋଗାଣ ମଧ୍ୟରେ ଥିବା ଦୂରତ୍ୱକୁ ବୃଦ୍ଧି କରିବା ପାଇଁ ।

(କ)

(ଖ)

(ଗ)

(ଘ)

**୧୪.୫ ଶକ୍ତିର ସଂରକ୍ଷଣ କିପରି ?**

ଏ ପର୍ଯ୍ୟନ୍ତ ଆପଣ ସମସ୍ତେ ଏହି ତଥ୍ୟକୁ ବୁଝିଯାଇଥିବେ ଯେ ନିଜ ଜୀବନ କାଳରେ ହିଁ ଆମେ ଏହା ମଧ୍ୟରୁ କିଛି ଶକ୍ତି ଆଧାରଗୁଡ଼ିକ ସୁଖିଯିବା ସମ୍ଭାବନାକୁ ଅନୁଭବ କରୁଛୁ । ଶକ୍ତିର ସଂରକ୍ଷଣକୁ ଆମେ ବ୍ୟବହାରରେ

ଆଣିବା ଉଚିତ୍ । ପ୍ରତ୍ୟେକଙ୍କୁ ଏକାଠି ହୋଇ ସାମୂହିକ ରୂପରେ ଶକ୍ତିର ସଂରକ୍ଷଣ କରିବା ଉଚିତ୍ । ଆମ୍ଭମାନଙ୍କ ମଧ୍ୟରେ ପ୍ରତ୍ୟେକଙ୍କର ଭାବିବା ଉଚିତ୍ ଯେ, କଣ ମୁଁ ଏଥିପାଇଁ କିଛି କହିପାରିବି ।

**ଶକ୍ତି ସଂରକ୍ଷଣ ମୁଖ୍ୟ ରୂପରେ ହୋଇପାରିବ :**

ହଁ, ଏହିପରି କେତେ ବାଟ ଅଛି ଯେଉଁଥିରେ କି ଆମେ ଶକ୍ତି ସଂରକ୍ଷଣରେ ନିଜର ଭାଗିଦାରୀ କରିପାରିବ । ଆସନ୍ତୁ ଦେଖିବା, ଏହିପରି ଆମେ କେଉଁ ପ୍ରକାରର କରିପାରିବା ।

ଶକ୍ତି ସଂରକ୍ଷଣ ମୁଖ୍ୟ ରୂପରେ ହୋଇପାରିବ :

୧. ଘରେ

୨. ବିଲ୍ କିମ୍ବା କାର୍ଯ୍ୟକ୍ଷେତ୍ରରେ

୩. ରାସ୍ତାରେ

**୧. ଘରେ ଶକ୍ତି ସଂରକ୍ଷଣ**

**(କ) ବିଦ୍ୟୁତ୍**

| କିଛି ସମୟ ବନ୍ଦ କରିବେ....................... ଯଥେଷ୍ଟ ସଂଚୟ କରିବେ ! |
|---|

ନିଜର ବିଦ୍ୟୁତ୍ ବିଲ୍ ଉପରେ ଥରେ ନଜର ପକାନ୍ତୁ । ଏହାକୁ ଏତେ ଅଧିକ ହେବାକଥା ନୁହେଁ । ନିଜର ସାମାନ୍ୟ ସାବଧାନୀ ଓ ଦେଖାଚାହାଁ କଲେ ଏହା କମ୍ ହୋଇପାରିବ । କିପରି ?

◆ କକ୍ଷରୁ ବାହାରିବା ସମୟରେ ପଙ୍ଖା ଓ ଆଲୁଅ ବନ୍ଦ କରିଦେବା ।

◆ ଅଧିକ ବିଦ୍ୟୁତ୍ ଖର୍ଚ୍ଚ କରୁଥିବା ବ୍ୟକ୍ତିମାନେ ବଲବ୍‌ର ସ୍ଥାନରେ ଶକ୍ତି ସଂଚୟ କରୁଥିବା ଟ୍ୟୁବ୍‌ଲାଇଟ୍ ଲଗାଇବେ ।

- ମନେ ରଖିବେ, ଏକ ୪୦ ଭୋଲ୍‌ଟେଜ୍‌ର ଟ୍ୟୁବ୍‌ଲାଇଟ୍ ୧୦୦ ଭୋଲ୍‌ଟେଜ୍ ବଲ୍‌ବ ଠାରୁ ଦୁଇଗୁଣ ଆଲୋକ ଦେଇଥାଏ । ଏହାର ଅର୍ଥ ଅଧିକ ଆଲୋକ ଛଡ଼ା ୬୦%(ପ୍ରତିଶତ) ବିଦ୍ୟୁତ୍‌ର ସଂଚୟ ହୋଇଥାଏ ।

◆ ଟ୍ୟୁବ୍ ବଲ୍‌ବର ପରମ୍ପରାଗତ ଚୋକ୍‌ର ସ୍ଥାନରେ ଇଲେକ୍‌ଟ୍ରୋନିକ୍ସ ଚୋକ୍ ଲଗାଇବେ । ଏହା ଏକ ତୃତୀୟାଂଶ ଶକ୍ତି ସଂଚୟ କରିବ ।

◆ ବଲ୍‌ବ ଓ ବିଦ୍ୟୁତ୍ ଉପକରଣଗୁଡ଼ିକୁ ଧୂଳିଝାଡ଼ି ପରିଷ୍କାର କରିବେ ।

| ଧୂଳି ଓ ମଳି ଆଲୋକର ସ୍ତରକୁ ଶତକଡ଼ା ୩୦ କମ୍ କରିଦିଏ । |
|---|

◆ ନିଜର ଆବଶ୍ୟକତା ଅନୁସାରେ ଆଲୋକ କମ୍ କରୁଥିବା ସୁଇଚ୍ ଗୁଡ଼ିକ ବ୍ୟବହାର କରିବେ ।

◆ କବାଟରେ ହାଲୁକା ରଂଗ ଲଗାଇବେ । ଏହାଦ୍ୱାରା ଆଲୋକର ଆବଶ୍ୟକତାରେ ଶତକଡ଼ା ୪୦ କମ୍ କରିବାରେ ସାହାଯ୍ୟ କରେ ।

◆ ପୁରୁଣା ପଙ୍ଖାର ରେଗୁଲେଟର୍ ସ୍ଥାନରେ ଇଲେକ୍‌ଟ୍ରୋନିକ୍ସ ରେଗୁଲେଟର୍‌ର ବ୍ୟବହାର କରିବେ ।

◆ ନିଜର ପରିବାରର ଆବଶ୍ୟକତା ଅନୁସାରେ ଫ୍ରିଜ୍ ବ୍ୟବହାର କରିବେ ।

| ବଡ଼ ଆକାରର ଫ୍ରିଜ୍ ରଖିଲେ ଅଧିକ ପାୱାରର ଆବଶ୍ୟକ ହୋଇଥାଏ । |
|---|

- ଫ୍ରିଜ୍‌ର କବାଟ ବାରମ୍ବାର ଖୋଲିବେ ନାହିଁ ।

- ନିଜ ଫ୍ରିଜ୍‌କୁ ନିୟମିତ ଭାବରେ ଡିଫ୍ରୋଷ୍ଟ କରିବେ ।

◆ ୱାସିଙ୍ଗ ମେସିନ୍‌ରେ ଆବଶ୍ୟକତା ଠାରୁ ଅଧିକ ଲୋଡ଼ ନେବେ ନାହିଁ ।

- ଗାଧୋଇବା ପାଇଁ ବାଲ୍‌ଟିରେ ଗରମ ପାଣି ନେବେ ଗ୍ରୀଜର୍ ସାୱାର୍ ବ୍ୟବହାର ବଦଳରେ ।
- ବାତାନୁକୂଳନ ଯନ୍ତ୍ରକୁ ନିର୍ଦ୍ଧାରିତ ସମୟର ଏକ ଘଣ୍ଟା ପରେ ଲଗାଇବେ ଏବଂ ଏକ ଘଣ୍ଟା ପୂର୍ବରୁ ବନ୍ଦ କରିବେ ।

> ଏକ ଘଣ୍ଟା ପାଇଁ ବାତାନୁକୂଳନ ଯନ୍ତ୍ରକୁ ବନ୍ଦ କଲେ ଗୋଟିଏ ୪୦ ଭୋଲେଟଜ୍‌ର ଟ୍ୟୁବ୍‌ବଲ୍‌ବକୁ ୫୦ଘଣ୍ଟା ପର୍ଯ୍ୟନ୍ତ ଜଳାଯାଇ ପାରିବ ।

- ଇସ୍ତ୍ରୀ କରିବା ସମୟରେ ସୁନିଶ୍ଚିତ କରିବେ ଯେ ତୁମେ ସମସ୍ତ କପଡ଼ାକୁ ଏକାଠି କରିଛ ।
- ତୁମର ଓଭେନ୍, ବାଳସୁଖା ଯନ୍ତ୍ର ଓ ଭାକ୍ୟୁମ୍ କ୍ଲିନର୍‌କୁ ବିଦ୍ୟୁତ୍ ପାୱାର୍ ସଂଚିତ କରିବା ପାଇଁ କମ୍ ବ୍ୟବହାର କରିପାରିବ ।
- ଆଇ.ଏସ୍.ଆଇ ଚିହ୍ନ ନଥିବା ଉପକରଣକୁ ବ୍ୟବହାର କରିବେ ନାହିଁ ତାହା ଶସ୍ତା ଅବଶ୍ୟ ହୋଇପାରେ କିନ୍ତୁ ସବ୍ ଷ୍ଟାଣ୍ଡାର୍ଡ଼ ଓ ଗଠନ ଦକ୍ଷତାହୀନ ହୋଇଥିବାରୁ ତାହା ଅଧିକ ବିଦ୍ୟୁତ୍ ଶକ୍ତି ଆବଶ୍ୟକ କରେ ।

> ଆଇ.ଏସ୍.ଆଇ ଚିହ୍ନ ହେଉଛି ତୁମର ଶକ୍ତି ସଂଚୟର ପ୍ରମାଣ ।

**(ଖ) ଜାଳେଣୀ**

ଜାଳେଣୀର ଖର୍ଚ୍ଚ କମାଇବା ପାଇଁ ତୁମେ କେତେ ସାଧାରଣ ଉପାୟ ଗ୍ରହଣ କରିପାରିବ । ତୁମମାନଙ୍କ ମଧ୍ୟରେ ଯେଉଁ ବ୍ୟକ୍ତି ଏଲ୍‌ପିଜି କିମ୍ୱା ଗ୍ୟାସ୍ ସିଲେଣ୍ଡର ଘରେ ଖାଦ୍ୟ ରାନ୍ଧିବା ପାଇଁ ପ୍ରୟୋଗ କରନ୍ତି ସେମାନେ ଜାଣନ୍ତି ଯେ ଗ୍ୟାସ୍‌ର ମୂଲ୍ୟ ଏବେ ପ୍ରଥମରୁ କେତିକି ବଢ଼ିଯାଇଛି । କିରୋସିନ୍‌ର ମୂଲ୍ୟ ମଧ୍ୟ ଯଥେଷ୍ଟ ବଢ଼ିଯାଇଛି । ତେଣୁ ନିଜର ଜାଳେଣୀର ବିଲ୍‌କୁ କମ୍ କରିବା ପାଇଁ ଆମେ କଣ କରିବା ? ଏଠାରେ ଆମେ ଆପଣଙ୍କୁ ଏହି ବିଷୟର କିଛି ଛୋଟ ଛୋଟ ଜାଣିବା ବିଷୟ ଦେଉଛୁ ।

- ଆଇ.ଏସ୍.ଆଇ (ISI) ଚିହ୍ନଥିବା ଚୁଲି ରାନ୍ଧିବା ପାଇଁ ବ୍ୟବହାର କରନ୍ତୁ ।
- ପୁରାତନ କାଠ ଚୁଲି ବଦଳରେ ଉନ୍ନତ ଧରଣର ଧୂଆଁହୀନ ଚୁଲି ଯାହା ସରକାରଙ୍କ ଦ୍ୱାରା ବିକଶିତ କରାଯାଉଛି ତାହା ବ୍ୟବହାର କରନ୍ତୁ । ଏହା ୨୦-୨୫ପ୍ରତିଶତ ଅଧିକ ତାପ ଦକ୍ଷ ଅଟେ ।
- ଯେତେଦୂର ସମ୍ଭବ ହେଉଛି, ସୋଲାର୍ ଚୁଲିର ବ୍ୟବହାର କରିବେ ।



**ଚିତ୍ର ୧୪.୩ ଉନ୍ନତ ଚୁଲା**

- ଖୋଲା ବାସନରେ ଖାଦ୍ୟ ରାନ୍ଧିବେ ନାହିଁ । ପ୍ରେସର୍ କୁକ୍‌ରର ବ୍ୟବହାର କରି ଜାଳେଣୀ ଖର୍ଚ୍ଚ କମାଇବେ ।
- ଘରେ ଗୋଟିଏ ସମୟରେ ଏକରୁ ଅଧିକ ପ୍ରକାର ଖାଦ୍ୟ ରାନ୍ଧିବା ପାଇଁ ପ୍ରେସର୍ କୁକ୍‌ରର ସେପୋରେଟର୍ କିମ୍ୱା ଡ଼ବା ବ୍ୟବହାର କରିବେ ।
- ତମ୍ବା ତଳା ବାଲା କିମ୍ୱା ସାଣ୍ଡାଉଇଚ୍ ତଳା ବାଲା ବାସନ ବ୍ୟବହାର କରିବେ ଯାହା ଅଧିକ ଉତ୍ତାପ ସମ୍ବେଦନଶୀଳ (heat semitive) ଅଟେ ।

ପେଟିକା-୩

ସାଧନ ପରିଚାଳନା

ଟିପ୍‌ପଣୀ

ପେଟିକା-୩

ସାଧନ ପରିଚାଳନା



ଟିପ୍ପଣୀ

- ବାସନକୁ ଗ୍ୟାସ୍ ଉପରେ ରଖିବା ପରେ ଗ୍ୟାସ୍ ଜଳାଇବେ ଏବଂ ଗ୍ୟାସ୍‌କୁ ବର୍ତ୍ତନ ଚୁଲିରୁ କାଢ଼ିବା ପୂର୍ବରୁ ବନ୍ଦ କରିଦେବେ ।
- ଗ୍ୟାସ ଚୁଲାର ଛିଦ୍ରଗୁଡ଼ିକ ସଫା ରଖିବେ ଏବଂ ଧୂଳି ଓ ତୈଳାକ୍ତ ପଦାର୍ଥରୁ ବଂଚିତ ରଖିବେ ।
- ଛୋଟ ବାସନ ପାଇଁ ଛୋଟ ଚୁଲାର ବ୍ୟବହାର କରିବେ ।
- ରାତିରେ ଗ୍ୟାସ୍ ସିଲିଣ୍ଡରର ରେଗୁଲେଟର୍ ସୁଇଚ୍‌କୁ ବନ୍ଦ କରିଦେବେ ।
- ଯେମିତି ରନ୍ଧା ସରିଯିବ ସାଙ୍ଗେ ସାଙ୍ଗେ ବାଢ଼ିଦେବେ ଯାହାଦ୍ୱାରା ଖାଦ୍ୟକୁ ଆଉଥରେ ଗରମ କରିବାକୁ ପଡ଼ି ନଥାଏ ।

ଉପରେ ଦିଆଯାଇଥିବା ଛୋଟ ବଡ଼ ଜାଣିବା ଜିନିଷ ଯଥା ଘରେ ଅଧିକ ବିଦ୍ୟୁତ୍ ଏବଂ ଜାଳେଣୀର ବ୍ୟବହାରକୁ କମ୍ କରିବା ପାଇଁ ଦିଆଯାଇଛି, ଏହାଦ୍ୱାରା ତୁମକୁ ବିଦ୍ୟୁତ୍ ବିଲ୍ ଖର୍ଚ୍ଚ କମ୍ ଦେବାକୁ ପଡ଼ିବ ଏବଂ ତୁମର ସୁବିଧା ଓ ଆରାମରେ ମଧ କିଛି ତଫାତ୍ ପଡ଼ିବ ନାହିଁ ।

**୨. କ୍ଷେତ ବା କାର୍ଯ୍ୟସ୍ଥଳରେ**

**(କ) କ୍ଷେତରେ**

ଚାଷୀ ଆଜିକାଲି କ୍ଷେତରେ ମେସିନ୍ ଯଥା ଟ୍ରାକ୍ଟର, ଥ୍ରେସର୍ ପାଣିପମ୍ପ ଇତ୍ୟାଦିର ବ୍ୟବହାର ଅଧିକରୁ ଅଧିକ କରୁଛି । ତେଣୁ ଚାଷୀମାନେ ମଧ ଶକ୍ତି ସଂରକ୍ଷଣର ଚେଷ୍ଟା କରିବା ଉଚିତ୍ । ଯାହାର ଅର୍ଥହେଲା କମ୍‌ରୁ କମ୍ ଶକ୍ତିର ପ୍ରୟୋଗ କରି ଅଧିକରୁ ଅଧିକତମ କାର୍ଯ୍ୟ କରିବା ଉଚିତ୍ । ଆସନ୍ତୁ ଦେଖିବା କିପରି -

- ନିଜର ଟ୍ରାକ୍ଟରର ଯତ୍ନ ଭଲ ଭାବରେ କରିବେ । ଠିକ୍ ଭାବରେ ଯତ୍ନ ନ ନେଲେ ପ୍ରାୟ ଶତକଡ଼ା ୨୫ ଭାଗ ଡ଼ିଜେଲ କ୍ଷତି ହେବ ।
- ଡିଜେଲ୍‌ର ନଷ୍ଟକୁ ଦୂର କର ।

| |
|---|
| ପ୍ରତି ସେକେଣ୍ଡରେ ଏକ ବିନ୍ଦୁ ଡ଼ିଜେଲ୍‌ର ନଷ୍ଟରେ ପ୍ରତିବର୍ଷ ୨୦୦୦ଲିଟର ଡିଜେଲ୍‌ର କ୍ଷତି ହୋଇଥାଏ । |

- ଯେତେବେଳେ ଟ୍ରାକ୍ଟରର ବ୍ୟବହାର ହେଉନାହିଁ ତାହାର ଇଞ୍ଜିନ୍‌କୁ ବନ୍ଦ କରିଦେବା ଉଚିତ୍ ।
- ଟ୍ରାକ୍ଟରକୁ ଉଚିତ୍ ଗିୟର୍‌ରେ ଚଳାଇବା ଉଚିତ୍ ।

| |
|---|
| ଭୂଲ୍ ଗିୟର୍‌ର ବ୍ୟବହାର ଯୋଗୁଁ ଡ଼ିଜେଲ୍‌ର ଖର୍ଚ୍ଚ ୩୦%ପ୍ରତିଶତ ବଢ଼ିଯାଏ ଏବଂ କାର୍ଯ୍ୟ କ୍ଷମତା ୫୦% ପ୍ରତିଶତ କମ୍ ହୋଇଯାଏ । |

- ଇଞ୍ଜିନ୍‌ର କ୍ଷତି ନ ହେବାପାଇଁ ବାୟୁ ଜାଲିକୁ ସଫା ରଖିବ ।
- ପୁରୁଣା ଟାୟାର ଚକ ଗୁଡ଼ିକୁ ବଦଳାଇ ଦେବା
- କ୍ଷେତମାନଙ୍କରେ ଟ୍ରାକ୍ଟରକୁ ବ୍ୟବହାର କରିବା ପାଇଁ ଉପଯୁକ୍ତ ଯୋଜନା କରିବେ । ଚଉଡ଼ା ଅପେକ୍ଷା ଲମ୍ବା ଦିଗରେ ଖୋଳିଲେ ଡ଼ିଜେଲ୍‌ର ସଂଚୟ ହୋଇଥାଏ ।



**ଚିତ୍ର ୧୪.୪ ଯୋଜନାବଦ୍ଧ ଖୋଦେଇ**

**(ଖ) କାର୍ଯ୍ୟସ୍ଥଳରେ**

ସାଧାରଣ ଲୋକଙ୍କର ଧାରଣାଯେ ଅଫିସ୍‌ରେ ଶକ୍ତି ସଂଚୟ କରିବା ପାଇଁ କାହାର ଖାତିର ଅଛି, ଶେଷରେ ଏଥିଲାଗି ଟଙ୍କା ମୋର ପକେଟ୍‌ରୁ ଯାଉନାହିଁ କିନ୍ତୁ ଏଠି ଆମେ ଭୂଲ୍ କରୁଛୁ । ଶେଷରେ ଅଫିସ୍‌ରେ ବ୍ୟର୍ଥରେ

ଯାଉଥିବା ଶକ୍ତିପାଇଁ ଆମେ ଟଙ୍କା ଦେଉଛୁ । ଏହା ଅଫିସ୍‌ରେ ଶକ୍ତିର କମ୍ ଅଭାବରେ ଶକ୍ତିପାଇଁ ଅଧିକ ଟଙ୍କା ଦେଇକରି ବା ଅଧିକ ଟ୍ୟାକ୍ସ ଆଦି ଭାବରେ ହୋଇଥାଏ । ତେଣୁ ଏହା ଆବଶ୍ୟକ ହୋଇଥାଏ କି ନିଜର କାର୍ଯ୍ୟସ୍ଥାନରେ ଆମେ ନିଜେ ଶକ୍ତି ସଂଚୟର କିଛି ଉପାୟ ଅବଲମ୍ବନ କରିବା, ନିଜର ସହକର୍ମୀମାନଙ୍କୁ ମଧ ଏପରି କରିବା ପାଇଁ ପ୍ରେରଣା ଦେବା । ଏଠାରେ ତୁମପାଇଁ କିଛି ମତବ୍ୟକ୍ତ ଦିଆଯାଉଛି ।

- ◆ ଅଫିସ୍‌ର ସଫାସୁତୁରା କରୁଥିବା କର୍ମଚାରୀଙ୍କୁ କହିବେ ଯେ ଯେପର୍ଯ୍ୟନ୍ତ ଅଫିସ୍‌କୁ ଲୋକେ ଆସି ନାହାଁନ୍ତି ସେ ପର୍ଯ୍ୟନ୍ତ ପଙ୍ଖା କିମ୍ବା ଆଲୁଅ ବତୀ ଖୋଲିବ ନାହିଁ ।
- ◆ ରୁମ୍‌ରୁ ବାହାରିବା ପୂର୍ବରୁ ପଙ୍ଖା ଏବଂ ବିଜୁଳିବତୀ ବନ୍ଦ କରିଦେବେ ।
- ◆ ବାତାନୁକୂଳନ ଯନ୍ତ୍ରକୁ ଖୁବ୍ କମ୍ ବ୍ୟବହାର କରିବେ ।
- ◆ ଯେତେବେଳେ ବ୍ୟବହାର କରାଯାଉ ନାହିଁ ସେତେବେଳେ କମ୍ପ୍ୟୁଟର୍‌କୁ ବନ୍ଦ ରଖିବେ ।
- ◆ ଅନାବଶ୍ୟକ ଡ଼କୁମେଣ୍ଟସ୍ (documents)ର ଫଟୋକପି କରନ୍ତୁ ନାହିଁ ।
- ◆ ଲୋକମାନଙ୍କୁ ଲିଫ୍‌ଟ୍‌ରେ ନଯାଇ ସିଡ଼ିବାଟେ ଯିବା ଆସିବା କରିବା ପାଇଁ ପ୍ରୋତ୍ସାହିତ କରନ୍ତୁ ।

**(୩) ରାସ୍ତାରେ**

ଦଶବର୍ଷ ପୂର୍ବ ଅପେକ୍ଷା ଆଜି ଲୋକମାନଙ୍କ ପାଖରେ ଅଧିକ ଯାନବାହନ ଅଛି । ଯାନବାହନର ବ୍ୟବହାର ଅଫିସ୍ ଯିବାପାଇଁ ଓ ଘରୁ ବାହାରକୁ ଯିବାପାଇଁ ହୋଇଥାଏ । ଏହାର ପରିଣାମରେ ପେଟ୍ରୋଲ୍, ଡ଼ିଜେଲ୍ ଓ ସି.ଏନ୍.ଜୀ ପ୍ରାକୃତିକ ଗ୍ୟାସ୍‌ର ଅତ୍ୟଧିକ ବ୍ୟବହାର ହେଉଛି । ତୁମେ ପେଟ୍ରୋଲ ବ୍ୟବହାର ଉପରେ ନିୟନ୍ତ୍ରଣ ରଖିବା ପାଇଁ କ'ଣ ଉପଦେଶ ଦେବ ? ଆମେ ନିମ୍ନରେ ବିଚାର କରିପାରିବା ।

- ◆ ଜଣେ କାମକୁ କାର୍‌ରେ ଗଲାବେଳେ କାର୍ ପୁଲ୍ କରିପାରିବେ ଅର୍ଥାତ୍ ଗୋଟିଏ କାର୍‌ରେ ଦୁଇଟି କିମ୍ବା ତିନିଲୋକ ଏକାଠି ଯାଇପାରିବେ ।



(ଚିତ୍ର ୧୪.୫ କାରପୁଲ - ଯାତ୍ରାର ମିତବ୍ୟୟୀ ସାଧନ)

ପେଟ୍ରୋଲ୍ ସଂଚୟ ପାଇଁ ନିମ୍ନଲିଖିତ ପଦକ୍ଷେପ ନେବା ଉଚିତ୍ ଯଥା :

- କମ୍ ଓ ସ୍ଥିର ଗତିରେ ଗାଡ଼ି ଚଳେଇବେ ।
- କ୍ଲଚ୍ ଓ ବ୍ରେକ୍‌ର ବ୍ୟବହାର ଅଳ୍ପ କରିବେ ।
- ଟାୟାରରେ ଉଚିତ୍ ପରିମାଣର ହାୱା ରଖିବେ ।
- ଯେକୌଣସି ଉପାୟରେ ଜାଳେଣୀର ଲିକେଜ୍‌କୁ ବନ୍ଦ କର ।
- ଇଞ୍ଜିନ୍‌କୁ ଠିକ୍ ଭାବରେ ରଖିବେ ।

- ◆ ରାସ୍ତାରେ ଆଲୋକ ପାଇଁ ଆଲୋକ ସଂବେଦୀ ସୁଇଚ୍ ଲଗାଇବା ପାଇଁ ଓ ସୋଲାର୍ ପାନେଲ୍ ପାଇଁ ପ୍ରୋତ୍ସାହନ କରିବା ଉଚିତ୍ ।

ପେଟିକା-୩

ସାଧନ ପରିଚାଳନା



ଟିପ୍ପଣୀ

**ପେଟିକା-୩**

ସାଧନ ପରିଚାଳନା



ଟିପ୍ପଣୀ

- ବିଜ୍ଞାପନ ପାଇଁ ନିଆନ୍ ଆଲୋକକୁ ପ୍ରୋତ୍ସାହନ ଦେବେ ନାହିଁ । ସେହି ସ୍ଥାନରେ ସୋଲାର୍ ପାନେଲ୍‌କୁ ବ୍ୟବହାର କରିବେ ଯାହା ସୋଲାର୍ ଶକ୍ତିକୁ ବିଦ୍ୟୁତ୍ ଶକ୍ତିରେ ବଦଳି ଦେଇଥାଏ ଏବଂ ରାତିରେ ନିଆଁନ୍ ଆଲୋକକୁ ପ୍ରକାଶିତ କରିଥାଏ ।

**ପାଠରେ ଥିବା ପ୍ରଶ୍ନ ୧୪.୪**

୧. ଶୂନ୍ୟସ୍ଥାନ ପୂରଣ କର ।

(କ) ________ ବଲ୍‌ବର ଅପେକ୍ଷା ଅଧିକ ଶକ୍ତି ଦକ୍ଷ ହୋଇଥାଏ ।

(ଖ) ________ ଚୋକ୍ ପରମ୍ପରାଗତ ଚୋକ୍ ଅପେକ୍ଷା ଏକ ତୃତୀୟାଂଶ ଶକ୍ତି ଆବଶ୍ୟକ କରିଥାଏ ।

(ଗ) ________ ରଂଗର କବାଟଗୁଡ଼ିକ ରୁମ୍ ମଧ୍ୟରେ ଥିବା ଆଲୋକର ଆବଶ୍ୟକତାକୁ କମ୍ କରିଦିଏ ।

(ଘ) ________ ଫ୍ରିଜ୍‌ରେ ଅଧିକ ବିଦ୍ୟୁତ୍‌ର ଆବଶ୍ୟକ ହୋଇଥାଏ ।

(ଙ) ________ ଚିହ୍ନ ବାଲା ଉତ୍ପାଦ ଗୁଡ଼ିକରେ ଶକ୍ତି ସଂଚୟର ଗ୍ୟାରେଣ୍ଟି ଦିଆଯାଇପାରିବ ।

୨. ନିମ୍ନ ଉକ୍ତିଗୁଡ଼ିକୁ ଭୂଲ୍ କି ଠିକ୍ ଲେଖନ୍ତୁ ଏବଂ ଭୂଲ୍ ଉକ୍ତିଟିକୁ ଠିକ୍ କରନ୍ତୁ ।

(କ) କାଠ ଚୁଲି ତାପ ଦକ୍ଷ ଅଟେ ।

(ଖ) ସୋଲାର୍ ଶକ୍ତିରେ ଚାଳିତ କୁକ୍‌ର ଜାଳେଣୀର ଯଥେଷ୍ଟ ସଂଚୟ କରିଥାଏ ।

(ଗ) ସାଣ୍ଡ ଉଇଚ୍ ବଟମ୍ ପ୍ୟାନ୍ ଗରମ ହେବାପାଇଁ ଅଧିକ ସମୟ ଦେଇଥାଏ ।

(ଘ) ପୁନର୍ବାର ଖାଦ୍ୟ ଗରମରୁ ରକ୍ଷା ପାଇବା ପାଇଁ ଖାଦ୍ୟ ରାନ୍ଧିବା ପରେ ସଙ୍ଗେ ସଙ୍ଗେ ଖାଇଦେବା ଉଚିତ୍ ।

(ଙ) ଠିକ୍ ଗିୟର୍‌ରେ ଗାଡ଼ି ଚଳାଇଲେ ୫୦% ପ୍ରତିଶତ କାର୍ଯ୍ୟ ଦକ୍ଷତା ବଢ଼ିଯାଏ ।

(ଚ) ଇଞ୍ଜିନ୍‌ର ଭଙ୍ଗାଭଙ୍ଗି ବାୟୁ ଫିଲ୍‌ଟର ଅବସ୍ଥା ଉପରେ ନିର୍ଭର କରିଥାଏ ।

(ଛ) ଦିନ ସମୟରେ କମ୍ପ୍ୟୁଟର ବନ୍ଦ କରିବ ନାହିଁ ।

(ଜ) ଅଫିସ୍‌ରେ ଶକ୍ତିର ଦୁରୁପଯୋଗୀ ଆପଣଙ୍କୁ ବ୍ୟକ୍ତିଗତ ରୂପରେ କ୍ଷତି ପହଞ୍ଚାଇବ ନାହିଁ ।

(ଝ) ରାସ୍ତା ଆଲୋକ ପାଇଁ ସଂବେଦୀ ସୁଇଚ୍‌ର ଆବଶ୍ୟକ ହୋଇଥାଏ ।

## ୧୪.୬ ବିକଳ୍ପ କଣ ହୋଇପାରେ ?

ଆମେ ସମସ୍ତେ ଏକମତ ଯେ ଶକ୍ତି ସଂରକ୍ଷଣ ଆଜି ଆମର ସର୍ବୋଚ୍ଚ ଚିନ୍ତା ହେବା ଉଚିତ୍ । ଶକ୍ତିର ଉପଯୋଗ ଏମିତି ହେବା ଉଚିତ୍ ଯେମିତି ଏହା ଅଧିକରୁ ଅଧିକ ସମ୍ଭବ ସମୟ ପାଇଁ ବଞ୍ଚାଯାଇପାରିବ । ପୂର୍ବରୁ ଦିଆଯାଇଥିବା ଚାର୍ଟରେ ତୁମେ ବୁଝିଯାଇଛ ଯେ ପ୍ରାକୃତିକ ଗ୍ୟାସ ଓ ତେଲ ଶୀଘ୍ର ଶେଷ ହେବ । ଆମେ ଶକ୍ତିର ସଂରକ୍ଷଣ ପାଇଁ ଶକ୍ତ ପଦକ୍ଷେପ ନେଇ ଏହାର ବ୍ୟବହାର ଅଧିକ ଦିନ ପର୍ଯ୍ୟନ୍ତ କରିପାରିବା । କିନ୍ତୁ ଏହା ପରେ କଣ ହେବ ? ଯେବେ ପର୍ଯ୍ୟନ୍ତ ଆମେ କୌଣସି ବିକଳ୍ପ ଚିନ୍ତାକରିବା ନାହିଁ, ଆମ କଥା ସେଇଠାରେ ହିଁ ରହିଯାଇଥିବ ।

**କ'ଣ କୌଣସି ବିକଳ୍ପ ଅଛି ?** ହଁ, ବିକଳ୍ପ ଅଛି । ତୁମେ ପଢ଼ିସାରିଛ ଯେ ଶକ୍ତି ଅକ୍ଷୟ ଓ ପରମ୍ପରାଗତ ହୋଇଥାଏ । ଅକ୍ଷୟ ଶକ୍ତିକୁ ନବୀକରଣ ଶକ୍ତି କୁହାଯାଏ । ଯଦି ଆମେ ଆମର ପରମ୍ପରାଗତ ଶକ୍ତିକୁ ଆହୁରି ଅଧିକ ସମୟ ପାଇଁ ଚଳାଇବାକୁ ଚାହିଁବା ତେବେ ଆମକୁ ଅକ୍ଷୟ ଶକ୍ତିକୁ ଅଧିକରୁ ଅଧିକ ପ୍ରୟୋଗ କରିବାକୁ ପଡ଼ିବ ।

ତୁମର ମନେ ଅଛିକି ଅକ୍ଷୟ ଶକ୍ତି ସ୍ରୋତ କେଉଁଗୁଡ଼ିକ ? କାରଣ ଏହି ସ୍ରୋତର ଉପଯୋଗ ଆଜିକାଲି ବହୁତ ହୋଇନଥାଏ ତେଣୁ ଆମେ ଏହାକୁ ବିନା ପରମ୍ପରାଗତ ଶକ୍ତିର ସ୍ରୋତ କହିଥାଉ । ଶକ୍ତିର ପରମ୍ପରାଗତ ସ୍ରୋତକୁ ଅନବୀକରଣ ସ୍ରୋତ ବି କୁହାଯାଏ ।

**୧୪.୭ ଭବିଷ୍ୟତ ଶକ୍ତିର ବିକଳ୍ପ**

**୧. ବାୟୋ ଗ୍ୟାସ**

ବାୟୋଗ୍ୟାସ ବାୟୁର ଅନୁପସ୍ଥିତିରେ ପଶୁଜାତିର ଗୋବରର ଏକ କ୍ୱିଣିଦ୍ୱ ଉତ୍ପାଦ । ଏଥିରେ ମୁଖ୍ୟତଃ ମିଥେନ୍ (methane) ଗ୍ୟାସ ରହିଥାଏ ଯାହା ରାନ୍ଧିବା ପାଇଁ ଓ ଘରକୁ ଆଲୋକିତ କରିବା ପାଇଁ ସୁରକ୍ଷିତ ଢ଼ଙ୍ଗରେ ପ୍ରୟୋଗ କରାଯାଇଥାଏ ।



**ଚିତ୍ର ୧୪.୬ ବାୟୋଗ୍ୟାସ୍ ଶସ୍ତା ଓ ସ୍ୱାସ୍ଥ୍ୟ ଇନ୍ଧନ**

ସାଧାରଣତଃ, ଗୋଟିଏ ଛୋଟ ବାୟୋଗ୍ୟାସ୍ ପ୍ଲାଣ୍ଟ୍ ଦୁଇ ବା ତିନିଟି ପଶୁର ଗୋବର, ଗୋଟିଏ ଚାରି ବ୍ୟକ୍ତି ବିଶିଷ୍ଟ ପରିବାରର ଖାଦ୍ୟ ପ୍ରସ୍ତୁତି ଓ ଆଲୋକ ବ୍ୟବସ୍ଥା ପାଇଁ ପର୍ଯ୍ୟାପ୍ତ ହୋଇଥାଏ । ଏହା ସହିତ, ବାୟୋଗ୍ୟାସ୍‌କୁ ପାଣି କାଢୁଥିବା ବା କମ୍ କ୍ଷମତା ସମ୍ପନ୍ନ ଛୋଟ ମୋଟର ଚଳାଇବା ପାଇଁ ପ୍ରୟୋଗ କରାଯାଇପାରେ ।

ବାୟୋଗ୍ୟାସ୍‌ର ଅନ୍ୟ କିଛି ଉପକାରିତା :

- ବାୟୋଗ୍ୟାସ୍‌ରୁ ବାହାରୁ ଥିବା ବର୍ଜ୍ୟ ପଦାର୍ଥ ଏକ ଉତ୍ତମ ଖାଦ୍ୟ ଯାହା ପରିବା ଓ ଶସ୍ୟର ଉତ୍ପାଦନ ବୃଦ୍ଧି କରିଥାଏ ।
- ଏହା ଘରର ପାର୍ଶ୍ୱ ବାତାବରଣକୁ ସ୍ୱଚ୍ଛ ରଖିଥାଏ, କାରଣ ଆଖପାଖର ସମସ୍ତ ପ୍ଲାଣ୍ଟରେ ଦିଆଯାଇଥାଏ ।
- ଏହା କାଠ ଜାଳେଣୀ ଧୂଆଁରୁ ହେଉଥିବା ରୋଗ ଠାରୁ ଆଖି ଓ ଫୁସ୍‌ଫୁସ୍‌କୁ ରକ୍ଷା କରିଥାଏ ।
- ଏହା ଜଙ୍ଗଲକୁ ସଂରକ୍ଷିତ କରିଥାଏ କାରଣ କାଠକୁ ଇନ୍ଧନ ପାଇଁ ବ୍ୟବହାର କରାଯାଇଥାଏ ।
- ଏହା ନିଯୁକ୍ତି ସୃଷ୍ଟି କରିଥାଏ, ମୂଲିଆ ଓ ମିସ୍ତ୍ରୀ ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପିତ କରି ରୋଜଗାର କରିଥାନ୍ତି ।

ପେଟିକା-୩

ସାଧନ ପରିଚାଳନା



ଟିପ୍ପଣୀ

ପେଟିକା-୩

ସାଧନ ପରିଚାଳନା

ଟିପ୍ପଣୀ

**୨. ସୌର ଶକ୍ତି**

ସୌର ଶକ୍ତି ମାଗଣାରେ ଉପଲବ୍ଧ ହୋଇଥାଏ ଏବଂ ପୂର୍ଣ୍ଣ ରୂପେ ପ୍ରଦୁଷଣ ମୁକ୍ତ ହୋଇଥାଏ । ଏହି ଶକ୍ତି ମାନବ ଜାତିକୁ ସହସ୍ର ବର୍ଷଧରି ଉପଲବ୍ଧ ହୋଇଆସୁଛି କିନ୍ତୁ ବର୍ତ୍ତମାନ ଏହି ଶକ୍ତିକୁ ପ୍ରଭାବଶାଳୀ ଢ଼ଙ୍ଗରେ ବ୍ୟବହାର କରିବା ପାଇଁ ଉନ୍ନତ ଧରଣର ଯାନ୍ତ୍ରିକ ବିକାଶ ହୋଇଛି । ଆଜିକାଲି ସୌର ଶକ୍ତି ଯେଉଁ ବିଧିରେ ବ୍ୟବହାର ହେଉଛି, ଏହା ନିମ୍ନରେ ଦିଆଯାଇଛି ସେଗୁଡ଼ିକ ହେଲା :

**(କ) ସୌର କୁକ୍‌ର :** ଏହା ଏକ ଖାଲୁଆ, ବର୍ଗାକାର ବାକ୍‌ସ ଯାହାର ପାର୍ଶ୍ୱ ଓ ତଳ କଳା ରଂଗ ଓ ଉପର ଘୋଡ଼ଣୀ କାଚରେ ହୋଇଥାଏ । ଯେବେ କାଚ ଢ଼ାଙ୍କୁଣୀ ଦେଇ ସୂର୍ଯ୍ୟରଶ୍ମୀ କଳା ରଂଗରେ ପଡ଼େ, ତେବେ ଏହା ଗରମ ହୋଇଯାଏ । ଖାଦ୍ୟ ଏହି ବାକ୍‌ସ ଭିତରେ ରଖାଯିବ । ଏହି ଖାଦ୍ୟ ଏହି ଉତ୍ତାପ ଦ୍ୱାରା ରାନ୍ଧି ହୋଇଯିବ ।



**ଚିତ୍ର ୧୪.୭ ସୌର କୁକ୍‌ର**

ସୌର କୁକ୍‌ର ବ୍ୟବହାରରେ କେତେକ ଉପକାରିତା :

- ଇନ୍ଧନର ଦାମ୍ କମିଯାଏ । ଏହାର ନିୟମିତ ପ୍ରୟୋଗରେ ପ୍ରତିଦିନ ୨କେ.ଜି ଜାଳୁଥିବା ଇନ୍ଧନର ସଂଚୟ ହୋଇଥାଏ ।
- ଏହା ପ୍ରୟୋଗ ପାଇଁ ପୂର୍ଣ୍ଣ ରୂପେ ସୁରକ୍ଷିତ ହୋଇଥାଏ କାରଣ ଏଥିରେ ନିଆଁ ନଥାଏ, ଗ୍ୟାସ୍ ଲିକ୍‌ର ସମ୍ଭାବନା ନଥାଏ, ବିଜୁଳିର ସକ୍ ନଥାଏ ।
- ଏକ ସମୟରେ ଏଥିରେ ଚାରିପ୍ରକାର ଖାଦ୍ୟ ରନ୍ଧାଯାଇପାରିବ ।
- ଏହାର ଉପଯୋଗ ବହୁତ ସରଳ ।

| ତୁମ ପରିବାର ପାଇଁ ସୌର କୁକ୍‌ର ବ୍ୟବହାର କର |
|---|

**(ଖ) ସୌର ଆଲୋକ :** ସୌର ପଟଳର କୋଶିକା ସହାୟତାରେ ସାଧାରଣ ଦିନ ଆଲୋକ ବିଦ୍ୟୁତ୍ ଶକ୍ତିରେ ବଦଳାଯାଇପାରିବ । ଏହି ସୌର କୋଶିକା ନିଜ ଉପରେ ପଡୁଥିବା ସୂର୍ଯ୍ୟରଶ୍ମୀର ପରିମାଣ ଅନୁଯାୟୀ ବିଦ୍ୟୁତ୍ ଉତ୍ପାଦନ କରିଥାଏ । ଯେବେ ଏହି କୋଶିକା ସାଙ୍ଗରେ ରାସାୟନିକ ଭଣ୍ଡାରଣ ବ୍ୟାଟେରୀର ବ୍ୟବହାର ହୁଏ ତେବେ ଖରାଦିନରେ ଯେଉଁ ଅତିରିକ୍ତ ଶକ୍ତି ଉତ୍ପନ୍ନ ହୋଇଥାଏ ତାହାକୁ ସଂଗ୍ରହ କରି ମେଘୁଆ ଦିନରେ ବ୍ୟବହାର କରାଯାଇଥାଏ ।

**ଚିତ୍ର ୧୪.୮ ସୌର ପଟଳ**

ସୌର କୋଶିକାକୁ ନିମ୍ନକୁ ଆଲୋକିତ କରିବା ପାଇଁ ବ୍ୟବହୃତ ହୋଇଥାଏ :-

(୧) ରାସ୍ତା

(୨) ଘର

(୩) ବିଜ୍ଞାପନ ପାଇଁ ନିୟନ ଆଲୋକ

**(ଗ) ସୌର ତାପ :** ଆଜିର ସମୟରେ ସୂର୍ଯ୍ୟ ତାପକୁ ବିଭିନ୍ନ ଉପାୟରେ ବ୍ୟବହାର କରାଯାଉଛି । ଏହାର ବ୍ୟବହାର ହୋଇଥାଏ -

- ଘରେ, ହୋଟେଲ ଓ ହଷ୍ଟେଲ୍‌ରେ ସ୍ନାନ ପାଇଁ ପାଣି ଗରମ କରିବାକୁ
- ଘର, ହୋଟେଲ୍ ଓ ହଷ୍ଟେଲ୍‌ରେ କେନ୍ଦ୍ରୀକୃତ ତାପ ପ୍ରଣାଳୀ ପାଇଁ
- ଲୁଣିଆ ପାଣିକୁ ପିଇବା ପାଣିରେ ପରିବର୍ତ୍ତିତ କରିବା ପାଇଁ
- ଭବନ/ଘର ତିଆରିରେ ଲାଗୁଥିବା କାଠ, ଶସ୍ୟ ଓ ମାଛକୁ ସୌରଭଟ୍ଟିରେ ଶୁଖାଇବା
- ଛୋଟ ତଥା ବିଶେଷ ଢ଼ଙ୍ଗରେ ଫ୍ରିଜ୍‌ରେ ରେଫ୍ରିଜରେସନ୍ ପାଇଁ ଏହି ଫ୍ରିଜ୍ ଜୀବନ ରକ୍ଷାକାରୀ ଔଷଧ କମ୍ ତାପରେ ରଖିବା ପାଇଁ ଓ ଦୁଗ୍ଧ, ଫଳ ଓ ପରିବା ସଂରକ୍ଷଣ ପାଇଁ, କୃଷି ଉତ୍ପାଦକୁ ସଂରକ୍ଷଣ କରିବା ପାଇଁ ଉପଯୋଗୀ ହୋଇଥାଏ ।

**ପାଠଗତ ପ୍ରଶ୍ନ ୧୪.୫**

୧. ଅକ୍ଷୟ ଶକ୍ତି ବ୍ୟବହାରର ଅନ୍ତତଃ ଚାରୋଟି ଉପକାରିତା ସୂଚୀ କର ।

୨. ବାୟୋଗ୍ୟାସ୍‌ର ମୁଖ୍ୟ ଉପାଦାନର ନାମ ଲେଖ ।

୩. ବାୟୋଗ୍ୟାସ୍‌ର ଦୁଇଟି ବ୍ୟବହାର ଲେଖ ।

୪. ଦିନ ଆଲୋକକୁ ବିଦ୍ୟୁତ୍ ଆଲୋକରେ ପରିବର୍ତ୍ତନ କରିବା ଯନ୍ତ୍ରର ନାମ ଲେଖ

---

**୩. ଜଳ ଶକ୍ତି**

'ହାଇଡ୍ରେଲ୍' କହିଲେ ଜଳ । ନିଶ୍ଚିତ ଭାବରେ, ତୁମେ ସମସ୍ତେ ଆମଦେଶର ଭାକ୍ରା-ନଙ୍ଗଲ ପରିଯୋଜନା ବା ଦାମୋଦର ଘାଟି ପରି ଜଳ ବିଦ୍ୟୁତ୍ ପରିଯୋଜନା ବିଷୟରେ ନିଶ୍ଚିତ ଶୁଣିଥିବେ । ଏହା ବହୁତ ବଡ଼ ପରିଯୋଜନା ଅଟେ । ଯେଉଁଠି କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ଖୁବ୍ ଅଧିକ ପରିମାଣରେ ବିଦ୍ୟୁତ୍ ଉତ୍ପାଦନ କରିଥାଏ । ବିଦ୍ୟୁତ୍‌ର ବର୍ଦ୍ଧିତ ଆବଶ୍ୟକତାକୁ ଦେଖି ଏହିପରି ଅନ୍ୟ ପରିଯୋଜନାକୁ ସ୍ଥାପିତ କରିବାର ଆବଶ୍ୟକତା ଅଛି ବୋଲି ଅନୁଭବ କରିହୁଏ । ଯେହେତୁ ବଡ଼ ନଦୀର ଅଧିକାଂଶ କୂଳରେ ଏହିପରି ଅନେକ ପରିଯୋଜନା ପ୍ରଥମରୁ କରାଯାଇସାରିଛି । ତେଣୁ ଏବେ କୌଣସି ନୂଆ ବଡ଼ ଯୋଜନା ପାଇଁ କୌଣସି ପରିସର ନାହିଁ । ଏହିପରି ସ୍ଥିତିରେ ବିକଳ୍ପ କଣ ? ଏବେ ଆମକୁ କେତେକ ନୂଆ ଉପାୟରେ ସୂକ୍ଷ୍ମ ଜଳ ପରିଯୋଜନା କରିବା ଆବଶ୍ୟକ ।

ଏହା ବୁଝାଯାଇଛି ଯେ ବହୁତ ଅଧିକ ଉଚ୍ଚରୁ ପଡୁଥିବା କମ୍ ପରିମାଣ ପାଣି ପାଖାପାଖି ସେତିକି ବିଜୁଳି ପ୍ରସ୍ତୁତ କରିଥାଏ ଯେତିକି କମ୍ ଉଚ୍ଚତାରୁ ଅଧିକ ପରିମାଣର ପାଣି ସୃଷ୍ଟି କରିଥାଏ । ତେଣୁ ଛୋଟ ନଦୀକୁ ସୂକ୍ଷ୍ମ ଜଳ ପରିଯୋଜନା ପାଇଁ ବ୍ୟବହାର କରଯାଇପାରିବ । ଏହିପରି ସୂକ୍ଷ୍ମ ଜଳ ପରିଯୋଜନ କରିବାରେ ଉପକାରିତା ନିମ୍ନପ୍ରକାରରେ -

- ଏହାର ସ୍ଥାପନା ପାଇଁ ଅଧିକ ନିବେଶର ଆବଶ୍ୟକତା ପଡ଼ି ନଥାଏ ।
- ଏହାର ରକ୍ଷଣାବେକ୍ଷଣ ଅପେକ୍ଷାକୃତ ସରଳ ହୋଇଥାଏ ।
- ଏହାକୁ ଭୌଗଳିକ ଦୃଷ୍ଟିରେ ଦୂର ସ୍ଥାନରେ ବିଦ୍ୟୁତ୍ ଶକ୍ତିପାଇଁ ବ୍ୟବହାର କରାଯାଇପାରିବ, ଯେଉଁଠି ରାଷ୍ଟ୍ରିୟ ବିଜୁଳି ଯନ୍ତ୍ର ଦ୍ୱାରା ବିଜୁଳି ପହଞ୍ଚା ଯାଇପାରେ ନାହିଁ ।

*ପେଟିକା-୩*

ସାଧନ ପରିଚାଳନା



ଟିପ୍‌ପଣୀ

ପେଟିକା-୩

ସାଧନ ପରିଚାଳନା



ଟିପ୍‌ପଣୀ

- ସ୍ଥାନୀୟ ବିଜୁଳି ଯୋଗାଣକାରୀ, ବିତରଣ ମୂଲ୍ୟକୁ କମ୍ କରି ଦେଇଥାଏ ।
- ବିଦ୍ୟୁତ୍ ଉତ୍ପାଦନର ବିକେନ୍ଦ୍ରୀକରଣ ଓ ଯୋଗାଣ ବଡ଼ ବିଦ୍ୟୁତ୍ ପରିଯୋଜନା ଉପରେ ଚାପକୁ କମ୍ କରିଥାଏ ।

**୪. ପବନ ଶକ୍ତି**

ମାନବ ବହୁତ ସମୟରୁ ପବନ ଶକ୍ତିର ଉପଯୋଗ କରିଆସୁଛି । ଯେମିତି ପାଣି ଉପରେ ନାବ ଚଳେଇବା ପାଇଁ, ପବନ ଚକ୍ରି ସ୍ଥାପନ କରି ଶସ୍ୟ ପେଷିବା କାମ ଆଦି । ଯାନ୍ତ୍ରିକ ପ୍ରଗତି ଦ୍ୱାରା ପବନ ଶକ୍ତିର ଉପଯୋଗରେ ବିଦ୍ୟୁତ୍ ଉତ୍ପାଦନ ସମ୍ଭବ ହୋଇଥାଏ । ଆସ ଦେଖିବା ଏହା କିପରି ହୋଇଥାଏ । ଗୋଟିଏ ଉଚ୍ଚ ସ୍ତମ୍ଭ ଉପରେ ଲମ୍ବା ପଙ୍ଖା ଥିବା ଯନ୍ତ୍ର ସାଧାରଣ ଭାବରେ ଲଗାଇ ଦିଆଯାଏ ଏବଂ ଏକ ଦିଗ ନିୟନ୍ତ୍ରକ ଲଗାଇ ଦିଆଯାଏ । ଏହି ପବନ ମେସିନ୍ କୌଣସି ଖୋଲା ସ୍ଥାନରେ ଲଗାଯାଇଥାଏ । ଯେବେ ପବନ ବୋହିଥାଏ ପଙ୍ଖା ଘୂରିଥାଏ ଓ ସାଙ୍ଗରେ ଲାଗିଥିବା ବିଜୁଳି ଉତ୍ପାଦରେ ବିଜୁଳିର ଉତ୍ପାଦନ କରିଥାଏ ।

ଉତ୍ପାଦିତ ବିଦ୍ୟୁତ୍‌ର ପରିମାଣ ପବନର ଗତି ଉପରେ ନିର୍ଭର କରିଥାଏ । ପବନର ଗତିରେ ଦୁଇଗୁଣ ଶକ୍ତି ଉତ୍ପାଦନକୁ ଆଠଗୁଣ ବୃଦ୍ଧି କରିଥାଏ । ଏମିତି ଅନୁମାନ କରାଯାଇଛି ଯେ ୨୦କିଲୋମିଟର ପ୍ରତି ଘଣ୍ଟାରେ ଗତି ଏକ ଲାଭପ୍ରଦ ବିଦ୍ୟୁତ୍ ଉତ୍ପାଦନ ପାଇଁ ଆବଶ୍ୟକ ହୋଇଥାଏ, ଯେବେ ୧୦କିଲୋମିଟର ପ୍ରତି ଘଣ୍ଟା ପବନ ଗତି ପବନ ପମ୍ପ ଚଳାଇବା ପାଇଁ ଖୁବ୍ ଅଧିକ ହୋଇଥାଏ ।

ପବନ ଶକ୍ତି ବ୍ୟବହାରରେ କେତେକ ଉପକାରିତା :

- ଏହା ସମ୍ପୂର୍ଣ୍ଣ ରୂପେ ମାଗଣା ଓ ପ୍ରଦୂଷଣ ମୁକ୍ତ ।
- ଏହାର ଉପଯୋଗିତା ଭୌଗଳିକ ଦୃଷ୍ଟିରୁ ଦୂର ସ୍ଥାନ ଓ ପାର୍ବତୀୟ ଅଞ୍ଚଳରେ ବିଜୁଳି ଯୋଗାଣ ପାଇଁ କରାଯାଇପାରେ ।
- ପବନ ଯନ୍ତ୍ର ଲଗାଇବା ଶସ୍ତା ହୋଇଥାଏ ଓ ରକ୍ଷଣାବେକ୍ଷଣ ମଧ୍ୟ ସରଳ ହୋଇଥାଏ ।

**ବିନା ପରମ୍ପରାଗତ ହେବା :**

ଶକ୍ତିର ବିନା ପରମ୍ପରାଗତ ସ୍ରୋତକୁ ଉପଯୋଗ କରିବାରେ କଣ ଲାଭ ?

୧. ଏହାର ଯୋଗାଣ କେବେ ବି ସରିନଥାଏ ।
୨. ଏହା ସହଜରେ ଉପଲବ୍ଧ ହୋଇଥାଏ ।
୩. ଶକ୍ତିର ବିନା ପରମ୍ପରାଗତ ସ୍ରୋତର ଉପଯୋଗ ସର୍ବଦା ପ୍ରଦୂଷଣ ମୁକ୍ତ ହେବା ସହ ବାତାବରଣକୁ ସ୍ୱଚ୍ଛ ରଖିଥାଏ ।
୪. ଏହାର ଉତ୍ପାଦନ ସ୍ଥାନୀୟ ହୋଇଥାଏ । ତେଣୁ ବିତରଣର ମୂଲ୍ୟ ବି କମ୍ ହୋଇଥାଏ ।
୫. ଶକ୍ତି ଉତ୍ପାଦନ ଏକକକୁ ଛୋଟ ଭାବରେ କରାଯାଇପାରେ । ତେଣୁ ଅଧିକ ନିବେଶ ଆବଶ୍ୟକ ହୋଇନଥାଏ ।
୬. ସ୍ଥାନୀୟ ଲୋକମାନଙ୍କ ପାଇଁ ରୋଜଗାରର ଅବସର ଖୋଲିଯାଇଥାଏ ।

**ପାଠଗତ ପ୍ରଶ୍ନ ୧୪.୬**

୧. ବଡ଼ ଜଳ ବିଦ୍ୟୁତ୍ ପରିଯୋଜନା ଓ ସୁକ୍ଷ୍ମ ଜଳ ପରିଯୋଜନା ମଧ୍ୟରେ କି ପାର୍ଥକ୍ୟ ?
୨. ସୁକ୍ଷ୍ମ ଜଳ ପରିଯୋଜନାର ପାଞ୍ଚଟି ଲାଭର ସୂଚୀ କର ।
୩. ଶକ୍ତିର ବିନା ପରମ୍ପରାଗତ ସ୍ରୋତର ବ୍ୟବହାରରେ କେତେକ ଉପକାରିତା ଲେଖ ।

ଆପଣ କ'ଣ ଶିଖିଲେ




## ପାଠ୍ୟନ୍ତ ପ୍ରଶ୍ନ

୧. ଉଦାହରଣ ଦେଇ ଶକ୍ତି ଶବ୍ଦର ଅର୍ଥ ତୁମେ କଣ ବୁଝାଅ ।

୨. ନିଜ ସ୍ଥାନର ଅକ୍ଷୟ ଶକ୍ତି ଓ ପରମ୍ପରାଗତ ଶକ୍ତି ସ୍ରୋତର ଦୁଇ-ଦୁଇଟି ଉଦାହରଣ ଦିଅ ।

୩. ଏକ ଘରୋଇ ଗୃହିଣୀକୁ ନିଜ ଘରେ ଶକ୍ତି ସଂରକ୍ଷଣର ପାଞ୍ଚଟି ପରାମର୍ଶ ଦିଅ ।

**ପେଟିକା-୩**

ସାଧନ ପରିଚାଳନା



ଟିପ୍ପଣୀ

ପେଟିକା-୩

ସାଧନ ପରିଚାଳନା



ଟିପ୍ପଣୀ

**ପାଠଗତ ପ୍ରଶ୍ନର ଉତ୍ତର**

୧୪.୧. ୧. (i), (ii), (iv), (viii), (ix), (x)

୨. (i) ଭୂଲ୍ - ନଦୀ ପାଣି ଆବଶ୍ୟକ

(ii) ଭୂଲ୍ - ପବନ ବାୟୁରେ ତାପ ପରିବର୍ତ୍ତନ କାରଣରୁ ହୋଇଥାଏ ।

(iii) ସତ୍ୟ

(iv)ସତ୍ୟ

(v) ଭୂଲ୍ - ପରମାଣୁ ଇନ୍ଧନ ଓ ଜଳ ଶକ୍ତି ଉପଯୋଗ ହୋଇପାରିବ ।

୧୪.୨. ଅକ୍ଷୟ ଶକ୍ତି - (i), (xii), (v)

ପରମ୍ପରା ଶକ୍ତି - (ii), (iii), (iv), (vi), (vii), (ix), (x), (xi), (viii)

୧୪.୩ ୧. (i) - ୫, (ii) - ୪, (iii) - ୨, (iv) - ୩

୨. ପାଠ ପଢ଼

୧୪.୪ ୧. (i) ଟିଉବ୍ ଲାଇଟ୍ (ii) ଇଲେକ୍‌ଟ୍ରୋନିକ୍ (iii)ହାଲୁକା (iv) ବଡ଼ ଆକାର (v) ଆଇ.ଏସ୍.ଆଇ

୨. (i) ଭୂଲ୍ - କାଠ ଚୁଲା ତାପ ଦକ୍ଷ ହୋଇନଥାଏ (ii) ସତ୍ୟ

(iii) ଭୂଲ - ଏହା ଶୀଘ୍ର ଗରମ ହୋଇଥାଏ (iv) ସତ୍ୟ

(v) ସତ୍ୟ (vi) ସତ୍ୟ

(vii) ଭୂଲ୍ - ଏହା ତୁମକୁ ବ୍ୟକ୍ତିଗତ ଭାବରେ ପ୍ରଭାବିତ କରିଥାଏ (viii) ସତ୍ୟ

(ix) ସତ୍ୟ

୧୪.୫ ୧. ପାଠ ପଢ଼

୨. ମିଥେନ୍ (methane)

୩. ରନ୍ଧନ, ଆଲୋକିତ କରିବା, ପାଣି ପମ୍ପ କରିବା, ମୋଟର ଚଳାଇବା

୪. ସୌର କୋଶିକା

୧୪.୬ ୧. ପାଠ ଦେଖ

୨. ପାଠ ଦେଖ

୩. ପାଠ ଦେଖ

***For more information log on to***

***http://www.pcra.org***